76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
# The Prajatantra

ସୀମାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୩୧୧ ● କଟକ ● ଗୁରୁବାର ● ୨୯ ଜୁନ୍-୨୦୨୩ ● କର୍କଟ ୧୨ ● ସାଲ୍ ୧୪୩୦
CUTTACK ● THURSDAY ● 29 JUNE-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

# ସିଂହଦ୍ୱାର ସାମ୍ନାରେ ୩ ରଥ, ଆଜି ସୁନାବେଶ

ପୁରୀ: ବାହୁଡ଼ିଲେ ମହାବାହୁ। ସିଂହଦ୍ୱାର ସାମ୍ନାରେ ଲାଗିଲା ୩ ରଥ। ପ୍ରଥମେ ତାଳଧ୍ୱଜ, ଦର୍ପଦଳନ ପରେ ଲାଗିଲା ନନ୍ଦିଘୋଷ ରଥ। ଆଜି ସଂଧ୍ୟା ୬ଟା ୪୩ରେ ସିଂହଦ୍ୱାର ସାମ୍ନାରେ ଲାଗିଲା ନନ୍ଦିଘୋଷ। ସିଂହଦ୍ୱାର ସମ୍ମୁଖରେ ତିନି ରଥ ପହଞ୍ଚିବା ପରେ ସେବାୟତମାନେ ଏକ ସ୍ୱରରେ ଗୀତଗୋବିନ୍ଦ ଗାନ କରିଥିଲେ। ଆସନ୍ତାକାଲି ହେବ ମହାପ୍ରଭୁଙ୍କ ସୁନାବେଶ। ମହଣ ମହଣ ସୁନାରେ ମହାବାହୁ ମଣ୍ଡିତ ହେବେ। ସୁନାପାଦ, ସୁନା ହାତ, ସୁନା କିରଟୀରେ ପ୍ରଭୁ ଝିଲ୍‌ମିଲ୍ ଦିଶିବେ। ମହାପ୍ରଭୁଙ୍କ ଏହି ଦିବ୍ୟ ସୁନା ବେଶ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଭିଡ ଜମିବ। ତାରି ଭିତରେ ନାକଚଣା ଦ୍ୱାରରେ ୩ ଠାକୁରଙ୍କ ଅପେକ୍ଷାରେ ଥିଲା ୩ ରଥ। ଏଣେ ଆଡ଼ପ ମଣ୍ଡପରୁ ଆରମ୍ଭ ହୋଇଥିଲା ସଅଳ ନୀତିକାନ୍ତି।



ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଧରି ବେଳାବେଳି ବାହୁଡ଼ିଯିବାକୁ କଳା ସାଆନ୍ତ ବି ସତେଯେମିତି ପ୍ରସ୍ତୁତ ହେଉଥିଲେ। ସେଥିପାଇଁ ନିର୍ଦ୍ଧାରିତ ସମୟର ପ୍ରାୟ ୪ ଘଣ୍ଟା ଆଗରୁ ହୋଇଯାଇଥିଲା ପହଣ୍ଡି। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ପରେ ବଡ଼ଭାଇ ବଳଭଦ୍ର, ପରେ ଦେବୀ ସୁଭଦ୍ରା ଓ ଶେଷରେ ଟାହିଆ ହଲାଇ, ହଲି ଝୁଲି ନନ୍ଦିଘୋଷ ରଥକୁ ଏଭଳି ଭଙ୍ଗିରେ ଆସିଥିଲେ ଭାବ ବିନୋଦିଆ। ଅନ୍ୟ ରୀତିନୀତି ପରେ ଶ୍ରୀନଅରରୁ ଆସି ଶରଧାବାଲିରେ ପହଞ୍ଚିଥିଲେ ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆରମ୍ଭ କରିଥିଲେ ଛେରାପହଁରା। ଦିନ ୧୨ଟା ୪୫ ମିନିଟରେ ପ୍ରଥମେ ଘର୍ଘର ନାଦରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗଡ଼ିବା କ୍ଷଣି ଭକ୍ତିରେ ଉଚ୍ଛୁଳି ପଡ଼ିଥିଲା ପରିବେଶ। କେବଳ ଯେ, ତାଳଧ୍ୱଜ ରଥକୁ ସଅଳ ଗଡ଼ାଇ ନେଇଥିଲେ ଭକ୍ତ, ତା' ନୁହେଁ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ପରେ ପରେ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥକୁ ମଧ ଶ୍ରୀମନ୍ଦିର ଆଡ଼କୁ ଟାଣି ନେଇଥିଲେ ଲକ୍ଷ ଲକ୍ଷ ଭକ୍ତ। କିଛି ସମୟ ପାଇଁ ରଥ ଅଟକିଥିଲା ମାଉସୀ ମାଆଙ୍କ ମନ୍ଦିର ଆଗରେ। ଯେଉଁଠି ହୋଇଥିଲା ପୋଡ଼ପିଠା ଭୋଗ। ଏହାପରେ ଶ୍ରୀନଅର ସମ୍ମୁଖରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ହୋଇଥିଲା ଲକ୍ଷ୍ମୀ ନାରାୟଣ ଭେଟ। ଗତକାଲିଠୁ ହିଁ ବାହୁଡ଼ା ପାଇଁ ପ୍ରସ୍ତୁତି ପରେ ଆଜି ସଅଳ ନୀତିକାନ୍ତି ସହ ଶୃଙ୍ଖଳିତ ଭାବେ ସଞ୍ଜ ହେବାର ଯଥେଷ୍ଟ ସମୟ ଆଗରୁ ସିଂହଦ୍ୱାର ସାମ୍ନାରେ ଲାଗିଯାଇଥିଲା ଗୋଟିଏ ପରେ ଗୋଟିଏ ରଥ।

## ରଥଟଣା ବେଳେ ୩ ମୃତ

ଝୁମ୍ପୁରା/କୋରାପୁଟ: ବାହୁଡ଼ାଯାତ୍ରାରେ ଭିନ୍ନ ଭିନ୍ନ ସ୍ଥାନରେ ଅଘଟଣ ଘଟିଛି। ରଥଟଣା ସମୟରେ ବିଦ୍ୟୁତ୍ ତାର ଲାଗି ୩ ଜଣଙ୍କର ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଅଞ୍ଚଳରେ ୨ ଜଣ ଏବଂ କୋରାପୁଟ ଜିଲ୍ଲା କୋଲାବନଗରରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଝୁମ୍ପୁରାର ଯୁଗଳ କିଶୋର ବାରିକ (୪୫), ବରୁଣ ଗିରି (୫୦) ଓ କୋଲାବନଗରର ବାବୁଲା ନାୟକ। ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ କେନ୍ଦୁଆ ବାହୁଡ଼ାଯାତ୍ରା ବେଳେ ରଥରେ ୧୧ କେଭି ବିଦ୍ୟୁତ ତାର ଲାଗିଯାଇଥିଲା। ବାରିଆ ଗ୍ରାମପଞ୍ଚାୟତ ଭୁବନପସି ଗ୍ରାମର ଯୁଗଳ କିଶୋର ବାରିକ ଓ ବାରିଆ ଗାଁର ବରୁଣ ଗିରି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସେହିପରି କୋରାପୁଟ ଜିଲ୍ଲା କୋଲାବନଗର ବାହୁଡ଼ାଯାତ୍ରାରେ ଅଘଟଣ ଘଟିଛି। ରଥ ଟାଣିବା ସମୟରେ ବିଦ୍ୟୁତ ତାର ଲାଗି ବାବୁଲା ନାୟକ ଗୁରୁତର ହୋଇଥିଲେ। ତାଙ୍କୁ କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

## ପାଣ୍ଡିଆନଙ୍କ ଉପରେ ମୁଖ୍ୟମନ୍ତ୍ରୀ ଆକ୍ସନ ନିଅନ୍ତୁ : ମୋହନ ମାଝୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ସଚିବ ପାଣ୍ଡିଆନଙ୍କ ଉପରେ ଆକ୍ସନ ନିଅନ୍ତୁ। ସସପେଣ୍ଡ ବା ବହିଷ୍କାର କରାଯାଉ। ନଚେତ ପୁଣି କେନ୍ଦ୍ର ସରକାରଙ୍କ ନିକଟରେ ଆମେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରଖିବୁ ବୋଲି ଚେତାବନୀ ଦେଇଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ। ସେ କହିଛନ୍ତି ଯେ ବିଗତ କିଛି ଦିନ ଧରି ରାଜ୍ୟ ସରକାରଙ୍କ ଜଣେ ଅଧଃସ୍ତନ କର୍ମଚାରୀ ଭି କେ ପାଣ୍ଡିଆନ ଗଣତନ୍ତ୍ରକୁ ହତ୍ୟା କରି ଚାଲିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ସେ ନିଭାଉଛନ୍ତି । କେନ୍ଦ୍ର ସରକାର ଚିଠି ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡ଼ିର ଯେଉଁ ନେତାମାନେ ବିରୋଧୀଙ୍କୁ ଆକ୍ଷେପ କରୁଛନ୍ତି ସେମାନେ ଆଇନ କୁ ବୁଝିଛନ୍ତି କି ? ମୁଖ୍ୟମନ୍ତ୍ରୀଙ୍କର ସତ୍ ସାହସ ଅଛି କି ପାଣ୍ଡିଆନଙ୍କ ଉପରେ ଆକ୍ସନ ନେବା ପାଇଁ ? ମୁଖ୍ୟ ଶାସନ ସଚିବ ପଦକ୍ଷେପ ନେଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ଯଦି ଗଣତନ୍ତ୍ର ବଂଚାଇବାକୁ ଚାହୁଁଛନ୍ତି ତେବେ ପାଣ୍ଡିଆନଙ୍କ ଉପରେ ଆକ୍ସନ ନେଇ ଲୋକଙ୍କୁ ନ୍ୟାୟ ଦିଅନ୍ତୁ। ଯଦି ପାଣ୍ଡିଆନ ବିକାଶ କରୁଛନ୍ତି ମୁଖ୍ୟମନ୍ତ୍ରୀ ତାହାଲେ କରୁଛନ୍ତି କଣ ।

ମୁଖ୍ୟମନ୍ତ୍ରୀ ଜଣେ ମନ୍ତ୍ରୀଙ୍କୁ ପଠାଇ ପାରିଥାନ୍ତେ । କିନ୍ତୁ ଜଣେ ସରକାରୀ ଅଧିକାରୀ ଯାଇକି ଘୋଷଣା କରିବେ କେମିତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମାଝୀ। ପାଣ୍ଡିଆନ ଯେମିତି ସୁପର ଚିଫ ମିନିଷ୍ଟର ଭଳି କାମ କରୁଛନ୍ତି ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ପଦକ୍ଷେପ ନିଅନ୍ତୁ । ଯେଉଁ ପରିସ୍ଥିତି ଆଜି ସୃଷ୍ଟି ହୋଇଛି ଯଦି ମୁଖ୍ୟମନ୍ତ୍ରୀ ପଦକ୍ଷେପ ନ ନିଅନ୍ତି ତେବେ ବିଜେପି ତାର ଆଭିମୁଖ୍ୟ କୁ ଆହୁରି କଡ଼ା କରିବ ବୋଲି ଚେତାବନୀ ଦେଇଛନ୍ତି ମୋହନ ମାଝୀ।



ବାହୁଡ଼ା ଯାତ୍ରା ସମୟରେ ଶ୍ରୀନଅର ସମ୍ମୁଖରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ମଧ୍ୟସ୍ଥତା କରୁଛନ୍ତି ଶ୍ରୀଶ୍ରୀ ଗଜପତି ମହାରାଜ

## ମହାନଦୀ ଟ୍ରିବ୍ୟୁନାଲ ଅବଧି ୨ବର୍ଷ ବଢ଼ିଲା

ଭୁବନେଶ୍ୱର: ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅବଧିକୁ କେନ୍ଦ୍ର ସରକାର ଆଉ ୨ବର୍ଷ ବୃଦ୍ଧି କରିଛନ୍ତି । ଟ୍ରିବ୍ୟୁନାଲଙ୍କ ଅବଧି ୨୦୨୬ ଏପ୍ରିଲ ୧୩ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଧାର୍ଯ୍ୟ ସମୟସୀମା ମଧ୍ୟରେ ଟ୍ରିବ୍ୟୁନାଲ ଏହି ବିବାଦର ସମାଧାନ କରିବାରେ ସକ୍ଷମ ହୋଇନଥିବାରୁ ଟ୍ରିବ୍ୟୁନାଲଙ୍କ ଅନୁରୋଧ ପରେ କେନ୍ଦ୍ର ସରକାର ଏହି ଅବଧି ବୃଦ୍ଧି କରିଛନ୍ତି । ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ଏହି ଟ୍ରିବ୍ୟୁନାଲ ଗଠନ ହୋଇଛି ଓ ଏହାର କାର୍ଯ୍ୟକାଳ ପୂର୍ବରୁ ୨ବର୍ଷ ନିମନ୍ତେ ବୃଦ୍ଧି ହୋଇଥିଲା । ଏପଟେ ରାଜ୍ୟ ସରକାର ଆଜି ରାଜ୍ୟର ପ୍ରବାହିତ ପ୍ରମୁଖ ୪ ନଦୀ ଯଥା- ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଓ ଋଷିକୁଲ୍ୟାର ● ପୃଷ୍ଠା-୧୨

## ନଗଡ଼ା ଭଳି ତୁମୁଣିରେ ସାଂଘାତିକ ଅବସ୍ଥା, ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

କଟକ: ଯାଜପୁର ଜିଲ୍ଲା ନଗଡ଼ା ନିକଟ ତୁମୁଣି ଗ୍ରାମର ବାସିନ୍ଦା ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା ଭଳି ମୌଳିକ ସୁବିଧାରୁ ବଞ୍ଚିତ। ଜିଲ୍ଲାର ସୁକିନ୍ଦା ବ୍ଲକ୍ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ତୁମୁଣି ଗ୍ରାମରେ ଜୁଆଙ୍ଗ ଜନଜାତିର ଲୋକମାନେ ବସବାସ କରୁଥିବା ବେଳେ ସାଧାରଣ ମୌଳିକ ସୁବିଧା ନଥିବା ଅଭିଯୋଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି।ଏ ସଂପର୍କିତ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଯାଜପୁର ଜିଲ୍ଲାପାଳ, କେନ୍ଦ୍ର, ରାଜ୍ୟ ସରକାରଙ୍କ ସମତେ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ତୁମୁଣିକୁ ଯାଇ ସ୍ଥିତି ଅନୁଧ୍ୟାନ କରିବାକୁ ଯାଜପୁର ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ ପାଇଁ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଶୁଭାଶିଷ ତାଳପତ୍ର ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ● ପୃଷ୍ଠା-୧୨

**ସମ୍ପାଦକୀୟ**

**ସାଥୀ ପୁରୁଣା, ସମ୍ବନ୍ଧ ନୂଆ**

## ବାଟେଘାଟେ



ଏକାମ୍ର କ୍ଷେତ୍ରର ଉନ୍ନୟନ ପାଇଁ
ମୁଖ୍ୟ କଲେ ଶିଳାନ୍ୟାସ
ଏତେ ହୋ ହଲ୍ଲା ପରେବି ସଚିବ
ଛାଡ଼ିଲେନି ତାଙ୍କ ପାସ
ସୁରଭାଇଙ୍କର ରୋଷ
ଚାରି ଏମେଲଙ୍କୁ ତିନିଟା ଚଉକୀ
ଚକା ମାଡ଼ି ଜଣେ ବସ
ଏ ନୂଆ ଶାସନ ଚାଷ
ଜଟଣୀ ସୁରଙ୍କୁ ନେହୁରା ହୋଇଣେ
ନେତ୍ରୀ ସୁଲୋଚନା ଦାସ
କହିଲେ ଇଆଡେ ଆସ ।

-ରାହୀ












## ଆଜିର ରାଶିଫଳ

**ମେଷ** – ମିତ୍ରମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଅନେକ କାର୍ଯ୍ୟରେ ସଫଳ ହେବେ । ବାଦବିବାଦ, ପରୀକ୍ଷା, ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାରରେ କୃତକାର୍ଯ୍ୟ ହେବେ ।

**ବୃଷ** – କର୍ମରେ ଉନ୍ନତି ସହିତ ପଦସ୍ଥ ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ମେଣ୍ଟିଯିବ । ରାଜନୈତିକ କ୍ଷେତ୍ରରେ ଶତ୍ରୁମାନେ ତଳମୁହାଁ ହେବେ । ବାଦବିବାଦ ପରୀକ୍ଷା ପ୍ରତିଯୋଗିତା ଓ ସାକ୍ଷାତକାରରେ ଉଚ୍ଚ ପ୍ରଶଂସିତ ହେବେ ।

**ମିଥୁନ** – ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ମାନସିକ ସ୍ଥିତି ଭଲ ରହିବ । ଉଦ୍ଧାର ଦେଇଥିବା ଟଙ୍କା ମିଳିଯିବା ଫଳରେ କିମ୍ବା ପୁରୁଣା ପ୍ରାପ୍ୟ ଆଦାୟ ହେବା ଫଳରେ ବ୍ୟବସାୟରେ ନିଜର ଗରିମା ବଜାୟ ରହିବ ।

**କର୍କଟ** – କର୍ମରେ ଉନ୍ନତି ,ବିଦ୍ୟାରେ ଉନ୍ନତି, କୃଷିରେ ଉନ୍ନତି, ଆକସ୍ମିକ ଅର୍ଥଲାଭ, ସୁନାମପ୍ରାପ୍ତି ଓ ସମ୍ମାନ ବୃଦ୍ଧି ହେବ । ଦୀର୍ଘଦିନର ଯୋଜନାକୁ କାର୍ଯ୍ୟକାରୀ କରିବେ । ପାରିବାରିକ ସମ୍ପର୍କରେ ଉନ୍ନତି ହେବ । ଦାମ୍ପତ୍ୟ ଜୀବନ ଆନନ୍ଦମୟ ହେବ ।

**ସିଂହ** – ଖେଳ, ମାଲିମୋକଦ୍ଦମାରେ ସମ୍ମାନ ଓ ପ୍ରତିଷ୍ଠା ଅତୁଟ ରହିବ । ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ । ବିରୋଧୀମାନେ ଦୂରେଇଯିବେ ।

**କନ୍ୟା** – ବ୍ୟବସାୟ ପାଇଁ ଦୂରଯାତ୍ରାରେ ସଫଳତା ପ୍ରାପ୍ତି ହେବ । ପରିବାରଜନଙ୍କଠାରୁ ଉଚ୍ଚ ସମ୍ଭାବନାର ଆଶା ଓ ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ ।

**ତୁଳା** – କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତାଙ୍କର ସୁଦୃଷ୍ଟି ପ୍ରାପ୍ତି ହେବ । ଫଳରେ ସହକର୍ମୀମାନଙ୍କ ସମର୍ଥନ ଏବଂ ସୁଖ ସମ୍ପଦ ପ୍ରାପ୍ତି ହେବ । ପାରିବାରିକ ସମସ୍ୟାକୁ ସୁଧାରି ନେଇ ପ୍ରଶଂସିତ ହେବେ ।

**ବିଛା** – ଅଧୁରା କାର୍ଯ୍ୟ ପୂରଣ ହେବ । ନୂଆ ଜ୍ଞାନର ବୃଦ୍ଧି ହେବ । ଶୁଭ ସମାଚାର ମିଳିପାରେ । ପ୍ରେମୀ-ପ୍ରେମିକାଙ୍କ ମିଳନ ହେବ । ସାମ୍ବାଦିକମାନେ କୌଣସି ଶୁଭ ସମାଚାର ଶୁଣିବାକୁ ପାଇବେ ।

**ଧନୁ** – ଶାରୀରିକ କଷ୍ଟ ଦୂର ହୋଇ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଅନୁଭବ କରିବେ । କାମକାର୍ଯ୍ୟରେ ନୂଆ ଉପଲବ୍ଧି ଆପଣଙ୍କ ପ୍ରତୀକ୍ଷାରେ ରହିବ । ସମସ୍ତ କ୍ଷେତ୍ରରେ ଖୁସି ମିଳିବ ।

**ମକର** – ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ । କାମ କାର୍ଯ୍ୟର ସ୍ଥିତି ବହୁତ ସନ୍ତୋଷଜନକ ହେବ । କୌଣସି ଶୁଭକାର୍ଯ୍ୟ କରିବାକୁ ଆୟୋଜନ କରିପାରନ୍ତି ନତୁବା ସମାରୋହରେ ସମ୍ମିଳିତ ହେବାକୁ ପଡ଼ିବାରେ । ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ।

**କୁମ୍ଭ** – ଅଧା ଅଧୁରା ଥିବା କାର୍ଯ୍ୟ ପୂରଣ ହୋଇଯିବ । ସାମୂହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିପାରିବେ । କୌଣସି ବନ୍ଧୁଙ୍କ ଦ୍ୱାରା ପରିବାର ସମ୍ବନ୍ଧିତ ଶୁଭ ସମାଚାର ଶୁଣିବେ । ସ୍ୱାସ୍ଥ୍ୟ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ ।

**ମୀନ** – ନିଜର ଚତୁରତା ଓ ବିବେକ ହେତୁ ସମସ୍ତ ବିପରୀତ ପରିସ୍ଥିତିର କରିପାରିବେ । ଶତ୍ରୁ ବା ବିରୋଧୀ କିଛି କ୍ଷତି କରିପାରିବେ ନାହିଁ । ଦୁଃଖୀ ଲୋକଙ୍କୁ ସାହାରା ହେବେ । ପରିବାର ବା ଘର ସମ୍ବନ୍ଧୀୟ କୌଣସି ମହତ୍ତ୍ୱପୂର୍ଣ୍ଣ ସମାଚାର ଶୁଣିବେ ।

## ଲିଚୁର ଆୟୁ ବୃଦ୍ଧି ହେବ

ଭାରତୀୟ ବୈଜ୍ଞାନିକମାନେ ଏବେ ସୁସ୍ୱାଦୁ ଫଳ ଲିଚୁର ଆୟୁ ବୃଦ୍ଧି କରିବା ପାଇଁ କୌଶଳ ବାହାର କରିଛନ୍ତି । ପୂର୍ବରୁ ବୈଜ୍ଞାନିକମାନେ ଏହି ଫଳକୁ ଗ୍ରୀଷ୍ମ ଋତୁ ବ୍ୟତୀତ ଶୀତ ଋତୁରେ ମଧ ଉପଲବ୍ଧ କରାଇବାର କୌଶଳ ବାହାର କରିସାରିଛନ୍ତି । ତେବେ ନିକଟରେ ଲିଚୁକୁ କିଛି ଦିନ ବଦଳରେ ଦୁଇ ମାସ ପର୍ଯ୍ୟନ୍ତ ସଂରକ୍ଷଣ କରିବାର ଉପାୟ ବାହାର କରାଯାଇଛି । ମୁମ୍ବାଇ ସ୍ଥିତ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର ଓ ବିହାର ସ୍ଥିତ ନ୍ୟାସନାଲ ରିସର୍ଚ୍ଚ ସେଣ୍ଟର ଫର ଲିଚି ପକ୍ଷରୁ ମିଳିତ ଭାବେ ହୋଇଥିବା ଏକ ଗବେଷଣାରେ ବୈଜ୍ଞାନିକମାନଙ୍କୁ ସଫଳତା ମିଳିଛି । ଏହା ଲିଚୁର ରପ୍ତାନୀରେ ମଧ ସାହାଯ୍ୟ କରିବ । ଆମେରିକା, ୟୁରୋପ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଲିଚୁର ଚାହିଦା ଅତ୍ୟଧିକ । ଏବେ ଏହି ଫଳକୁ କେବଳ ମେ' ମାସରୁ ଜୁଲାଇ ମାସ ମଧରେ ମିଳିବ । ଲିଚୁର ଆୟୁ ୫୬ ଦିନ ଯାଏଁ ବୃଦ୍ଧି ପାଇଛି । ରିସର୍ଚ୍ଚ ବେଳେ ବୈଜ୍ଞାନିକମାନେ ସ୍ୱତନ୍ତ୍ର ଉପଚାର ଦ୍ୱାରା ୨ କ୍ୱିଣ୍ଟାଲ ଲିଚୁକୁ ପ୍ୟାକ୍ କରି ରଖିଥିଲେ । ୫୬ ଦିନ ପରେ ଏହି ଲିଚୁଗୁଡ଼ିକ ସତେଜ ରହିବା ସହ ବାସ୍ନା, ସ୍ୱାଦ ଓ ରଙ୍ଗ ମଧ ତାଜା ରହିଥିଲା ।



## କେଶ ପାଇଁ ଭିଟାମିନ୍

ନାରୀର ସୌନ୍ଦର୍ଯ୍ୟର ପ୍ରତୀକ ହେଉଛି କେଶ । ସବୁ ନାରୀ ଚାହାଁନ୍ତି ତାଙ୍କ କେଶ ଲମ୍ବା ହେଉ ଉଜ୍ଜ୍ୱଳ ହେଉ ଗାଢ଼ କଳା ରଂଗ ଧାରଣ କରୁ । କିନ୍ତୁ ପରିବେଶ ଜଳବାୟୁ, ଖାଦ୍ୟ ପେୟ କିମ୍ବା ରାସାୟନିକ ତୈଳ, ସାବୁନ୍‌ର ବ୍ୟବହାର ଦ୍ୱାରା କେଶରେ କ୍ଷତି ପହଞ୍ଚିଥାଏ । ଆପଣ ଜାଣିଥିବେ କେଶ ବି ଶରୀରର ଅଂଗମାନଙ୍କ ମଧ୍ୟରୁ ଅନ୍ୟତମ । ତେଣୁ କେଶକୁ ଉଜ୍ଜ୍ୱଳ ସୌନ୍ଦର୍ଯ୍ୟ କରିବାକୁ ହେଲେ କଥା ପ୍ରତି ଗୁରୁତ୍ୱାରୋପ କରିବାକୁ ହେବ । ଆପଣ ଯଦି ଭିଟାମିନ୍-ଏ ଯୁକ୍ତ ଖାଦ୍ୟ ଖାଉଛନ୍ତି ତେବେ କେଶମୂଳ ଧାରଣ କରିଥିବା ଥଳି ଯାଏ ଏହି ଭିଟାମିନ୍ ପହଞ୍ଚିପାରିବାର କ୍ଷମତା ରହିଛି । ଭିଟାମିନ୍-ଏ ସେଲ୍ ବୃଦ୍ଧିରେ ସହାୟ ହୋଇଥାଏ । ଯାହା ଫଳରେ ସିଧାସଳଖ ଭାବେ କେଶର ବୃଦ୍ଧି ଘଟିଥାଏ । ଭିଟାମିନ୍-ଏ ର ଅଭାବ ଫଳରେ କେଶ ଝଡିବା ଭଳି ଗୁରୁତର ସମସ୍ୟା ଦେଖାଯାଇଥାଏ । ଯାହାକି ଆଜିର ସମୟରେ ନାରୀ ଓ ପୁରୁଷଙ୍କ କ୍ଷେତ୍ରରେ ପରିଲକ୍ଷିତ ହେଉଛି । ଏଥିପାଇଁ ସାବଧାନତା ଅବଲମ୍ବନ କରିବା ନିତ୍ୟାନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଭିଟାମିନ୍-ଏ ଜାତୀୟ ଖାଦ୍ୟ ଆବଶ୍ୟକ ପରିମାଣରେ ଖାଇଲେ ଏହି ସମସ୍ୟା ଦୂର କରାଯାଇ ପାରିବ । ଶାଗ, ବନ୍ଧାକୋବି, ଅଣ୍ଡା, କ୍ଷୀର, ବସା ଦହି, କଡ୍ ମାଛର ତେଲରେ ବିପୁଳ ପରିମାଣର ଭିଟାମିନ୍-ଏ ଥିବାରୁ ଏହି ସବୁକୁ ଖାଦ୍ୟ ରୂପେ ଗ୍ରହଣ କରାଯିବା ଆବଶ୍ୟକ ।

## ମକା ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ସିଝା ମକା, କଟା ପିଆଜ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ହେଙ୍ଗୁ, ଲୁଣ ଓ ତେଲ । ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମକାକୁ ଅଳ୍ପ ଲୁଣ ଦେଇ ସିଝାଇ ଦିଅନ୍ତୁ । ଏହାପରେ ଏକ ପାତ୍ରରେ ଅଟା ଆଣି ଆବଶ୍ୟକ ଅନୁସାରେ ଲୁଣ ଓ ତେଲ ପକାଇ ଭଲ ଭାବେ ଚକଟି ଦିଅନ୍ତୁ । ପରେ ତାକୁ ଗୋଳା କରି ରଖନ୍ତୁ । ଏବେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ଲାଲ୍ ହୋଇଗଲେ ସେଥିରେ ଲଙ୍କା ଗୁଣ୍ଡ, ହେଙ୍ଗୁ, ଲୁଣ ଓ ସିଝା ମକାକୁ ଭଲ ଭାବେ ଚକଟି ପକାଇ କଷନ୍ତୁ । ମସଲା ପ୍ରସ୍ତୁତ ହୋଇଯିବା ପରେ ତାକୁ ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ । ଏହା ଥଣ୍ଡା ହେବା ପରେ ଅଟା ଗୋଳାକୁ ସାମାନ୍ୟ ଚେପଟା କରି ତା' ମଧ୍ୟରେ କଷା ହୋଇଥିବା ମସଲାକୁ ପୁର ଭଳି ଭର୍ତ୍ତି କରି ଚାରିପଟୁ ଚାପି ବନ୍ଦ କରିଦିଅନ୍ତୁ । ପରେ ତାକୁ ପରଟା ବା ରୁଟି ପରି ବେଲି ଦିଅନ୍ତୁ । ଏବେ ତାୱାରେ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ବେଲି ରଖିଥିବା ପରଟାକୁ ପକାନ୍ତୁ । ଦୁଇ ପାଖ ଭାଜି ହୋଇଗଲା ପରେ ପରଟାକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମକା ପରଟା' ।

## ଦିନେ ନିଜ ଆଫେୟାର୍ସକୁ ନେଇ ଚର୍ଚ୍ଚାରେ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ

ଦେଶରେ ଆର୍ଥିକ ସୁଧାର କଥା ଆସିଲେ ପ୍ରଥମେ ଆସିଲେ ପ୍ରଥମେ ଆସେ ନରସିଂହ ରାଓଙ୍କ ନାମ । ଦେଶର ଆର୍ଥିକ ସ୍ଥିତି ସୁଧାରି ଥିଲେ ବି ଏମିତି ସମୟ ଆସିଥିଲା ଯେତେବେଳେ ତାଙ୍କ ଦଳ କଂଗ୍ରେସ ତାଙ୍କ ନିକଟରୁ ମୁହଁ ଫେରାଇ ନେଇଥିଲା । ନରସିଂହ ରାଓ ବହୁ ବିବାଦରେ ମଧ ଛନ୍ଦି ହୋଇ ପଡିଥିଲେ । ତେବେ ତାଙ୍କ ଜୀବନରେ ଜଣେ ମହିଳାଙ୍କ ସହ ଥିବା ତାଙ୍କର ପ୍ରେମ ସମ୍ପର୍କ ସବୁଠାରୁ ଅଧିକ ଚର୍ଚ୍ଚାକୁ ଆସିଥିଲେ । ଯାହାକୁ ନେଇ ତାଙ୍କ ପରିବାର ମଧ ଅସନ୍ତୁଷ୍ଟ ଥିଲେ । କୁହାଯାଏ ବରସିଂହ ରାଓଙ୍କ ଏହି ଆଫେୟାର୍ସକୁ ନେଇ ତାଙ୍କ ପୁଅ ଦିଲ୍ଲୀ ଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଆଗରେ ଅଭିଯୋଗ କରୁଥିଲେ । ଇନ୍ଦିରା ଗାନ୍ଧୀ ବାରମ୍ବାର ଏହା ଶୁଣିବା ପରେ ନରସିଂହ ରାଓଙ୍କ ଉପରେ କୁଆଡେ ବିଗଡି ଯାଇଥିଲେ । କହିଥିଲେ ନରସିଂହ ରାଓ କେବଳ ଲକ୍ଷ୍ମୀକାନ୍ତା ଅମ୍ମାଙ୍କ ସହ ସମ୍ପର୍କ ରଖିବା ବ୍ୟତୀତ ଆଉ କିଛି କରି ନାହାନ୍ତି । ଏବେ ତାଙ୍କ ପୁଅକୁ ଦେଖିଲେ ମୋତେ ଦୟା ଲାଗୁଛି । କଂଗ୍ରେସର ବରିଷ୍ଠ ନେତା ତଥା ଆନ୍ଧ୍ର ପ୍ରଦେଶର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବେଙ୍ଗଲ ରାଓ ତାଙ୍କ ଅଟୋବାୟୋଗ୍ରାଫି 'ମାଇ ଲାଇଫ୍ ଷ୍ଟୋରୀ'ରେ ମଧ ନରସିଂହ ରାଓଙ୍କ ଆଫେୟାର୍ସ ସମ୍ପର୍କରେ ଲେଖିଛନ୍ତି । ତାଙ୍କ ପୁଅ ଇନ୍ଦିରାଙ୍କ ନିକଟରେ ଏହି ଅଭିଯୋଗ କରୁଥିବା ଉଲ୍ଲେଖ କରାଯାଇଛି । ନରସିଂହଙ୍କ ବଡପୁଅ ସବୁବେଳେ ଏହି ଅଭିଯୋଗ ଆଣୁଥିଲେ । ଆଉ ବିରୋଧୀଙ୍କୁ ଏହା ଯେପରି ଖୋରାକ ଯୋଗାଇଥିଲେ । ତେବେ ଲକ୍ଷ୍ମୀକାନ୍ତା ଆମ୍ମାଙ୍କ ସହ ସମ୍ପର୍କ ଯୋଗୁ ମାତ୍ର ୩ବର୍ଷ ମଧରେ ନରସିଂହ ରାଓ ତାଙ୍କ ମୁଖ୍ୟମନ୍ତ୍ରୀ ଆସନ ହରାଇଥିଲେ ବୋଲି କୁହାଯାଏ । କେବଳ ଲକ୍ଷ୍ମୀକାନ୍ତା ନୁହଁନ୍ତି ଆଉ କେତେଜଣ ମହିଳାଙ୍କ ସହ ମଧ ନରସିଂହ ରାଓଙ୍କ ସମ୍ପର୍କ ଥିବା କୁହାଯାଏ । ହେଲେ ୬୦ ଦଶଖରେ ଲକ୍ଷ୍ମୀକାନ୍ତାଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଚର୍ଚ୍ଚାକୁ ଆସିଥିବା ବେଳେ ୭୦ଦଶକରେ ନରସିଂହ ରାଓଙ୍କ ପତ୍ନୀଙ୍କ ବିୟୋଗ ପରେ ଲକ୍ଷ୍ମୀକାନ୍ତାଙ୍କ ସହ ତାଙ୍କର ସମ୍ପର୍କ ଦୃଢ ହୋଇଥିଲା ବୋଲି କୁହାଯାଏ । ଲକ୍ଷ୍ମୀକାନ୍ତା ଜଣେ ରାଜନେତା ଥିବା ବେଳେ କିଛିଦିନ ପରେ ସେ ରାଜନୀତିରୁ ବିଦାୟ ନେଇ ଆଧାତ୍ମିକ ଦିଗରେ ଚାଲି ଯିବାରୁ ନରସିଂହ ରାଓ ପରେ ନିଜ ଆତ୍ମକଥା ଇନସାଇଡରେ ଲେଖିଛନ୍ତି ।



## କିଡ୍‌ନୀ ଷ୍ଟୋନ୍‌ର ଉପଚାର

ଆଜିକାଲି ଅନେକ ରୋଗରେ ମଣିଷ ପୀଡିତ ହେଉଛି । ଅତ୍ୟାଧୁନିକ ଜୀବନଶୈଳୀ, ଖାଦ୍ୟପେୟର ନୀତି ନିୟମ ଓ ଫାଷ୍ଟ ଫୁଡ୍, ତେଲ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ରୋଗର ଶୀକାର ହେଉଛି । ମଣିଷ କିଡ୍‌ନୀରେ ଷ୍ଟୋନ୍ ରହିବା ଭଳି ଏକ ଗହନ ସମସ୍ୟା ଯନ୍ତ୍ରଣା ଦେଉଛି । ଆସନ୍ତୁ ଜାଣିବା ଏହି କିଡ୍‌ନୀ ଷ୍ଟୋନ୍ କଣ ଓ କିପରି ହୋଇଥାଏ । କିଡ୍‌ନୀ ଷ୍ଟୋନ୍ ହେଉଛି କ୍ଷୁଦ୍ର ଓ ନିରାପଦରେ ସଂଚିତ ରଖିବା ପାଇଁ ଦିଆଯାଇଥିବା ଦ୍ରବ୍ୟ ଯାହା କି କିଡ୍‌ନୀ ମଧ୍ୟରେ ଥାଏ । ଉଦାହରଣ ସ୍ୱରୂପ ଆକରିକ ବା ଲୁଣ । ସୌଭାଗ୍ୟକ୍ରମେ ଆହାର ସମ୍ବନ୍ଧୀୟ ଏହି ସମସ୍ୟାକୁ ରୋକାଯାଇ ପାରିବ । ଫଳ ଓ ପନିପରିବାଯୁକ୍ତ ଖାଦ୍ୟ ଏହି ସମସ୍ୟାରୁ ମୁକ୍ତ ପାଇଁ ଖାଇବା ଜରୁରୀ ଅଟେ । ବିଶେଷ କରି ସୋଡିୟମ୍‌ଯୁକ୍ତ ଖାଦ୍ୟ ଓ ମାଂସ, ମାଛ, ଅଣ୍ଡା ଜାତୀୟ ଖାଦ୍ୟ ଏହି ସମସ୍ୟା ପାଇଁ ବାରଣ ହୋଇଥାଏ । କ୍ୟାଲ୍‌ସିୟମ୍ ଓ ପ୍ରଚୁର ପରିମାଣର ଅକ୍ସାଲେଡ୍ ଜାତୀୟ ଖାଦ୍ୟ କିଡିନ୍ ଷ୍ଟୋନ୍ କମାଇବାରେ ସହାୟ ହୋଇଥାଏ । ଫଳ ଓ ପନିପରିବା ନିହାତି ଖାଇବା ଆବଶ୍ୟକ କିଡ୍‌ନୀ ଷ୍ଟୋନ୍ କମାଇବାକୁ । ଏହା ସହିତ ବୃକ୍ଷ ଜାତୀୟ ପୁଷ୍ଟିକର ଖାଦ୍ୟ ଖାଇବାର ଆବଶକତା ରହିଛି ।



## ଗୁରୁ ଏବଂ ବ୍ରହ୍ମା

ବ୍ରହ୍ମ ଜୀବଜଗତ ରୂପରେ ପ୍ରକାଶିତ ହୋଇଛି । ଯେତେବେଳେ ବ୍ରହ୍ମଙ୍କର ସୃଷ୍ଟି କଳ୍ପନା ଜାଗି ଉଠିଲା, ତାଙ୍କର ଏକରୁ ଅନେକ ହେବାର ଇଚ୍ଛା ଜାଗ୍ରତ ହେଲା । ସେତେବେଳେ ସେ ନିଜକୁ ଗୁରୁ ରୂପରେ ଦ୍ରଷ୍ଟା ରୂପରେ, ସକଳ ବିକାରରେ ଅତୀତ ରୂପରେ ସ୍ୱତନ୍ତ୍ର କରି ରଖିଲେ ଏବଂ ଅନ୍ୟ ଭାବରେ ଜୀବଜଗତ ରୂପରେ ପରିଣତ କଲେ । ଅତଏବ ବ୍ରହ୍ମଙ୍କର ପ୍ରଥମ ବିକାଶ ହିଁ ଗୁରୁ । କାରଣ ସେ ଥରେ ଜୀବ ହୋଇଗଲେ ତାଙ୍କର ସ୍ୱରୂପ ଜ୍ଞାନ ଅବୃତ୍ତ ହୋଇପଡିବ । ଅନେକ ହୋଇ ମଧ ପୁନରାୟ ଯେପରି ଆତ୍ମସ୍ୱରୂପକୁ ଫେରି ଆସିପାରିବେ, ସେଥିନିମନ୍ତେ ସେ ନିଜକୁ ଗୁରୁ ରୂପରେ ବିକଶିତ କରି ସ୍ୱତନ୍ତ୍ର ରୂପରେ ରଖିଦେଲେ । ନତୁବା ଜୀବର ଆଉ ପ୍ରତ୍ୟାବର୍ତ୍ତନର ଉପାୟ ରହନ୍ତା ନାହିଁ । ତେଣୁ ଭଗବାନ ବନ୍ଧନ ମୋଚନର ଉପାୟ ପ୍ରଥମେ ସ୍ଥିର କରି ମହାମାୟାଙ୍କ ବନ୍ଧନରେ ନିଜକୁ ବାନ୍ଧିଛନ୍ତି । ଗୁରୁଦେବ ହିଁ ସେ ଭଗବନ୍ଧନ ମୋଚନକାରୀ । ଅନ୍ୟ ଅର୍ଥରେ ଗୁରୁ ଅର୍ଥ ଭାରୀ । ଯାହାଙ୍କ ଠାରୁ ଆଉ କିଛି ବଡ ହୋଇନପାରେ । ଗୁରୁ ହିଁ ବ୍ରହ୍ମସ୍ୱରୂପ । ଗୁରୁଦେବଙ୍କୁ ଗୋଟିଏ ସ୍ଥାନରେ ଆବଦ୍ଧ କରି ରଖିହେବ ନାହିଁ ।



## ଆଇସ୍‌ଲାଣ୍ଡ

ଦୁନିଆ ଅଦ୍ଭୁତ ଅଟେ । ବୋଧହୁଏ ସେଥିପାଇଁ ଆମେ ଅଧିକରୁ ଅଧିକ ଦିନ ବଞ୍ଚିବାକୁ ଚାହୁଁ । କିନ୍ତୁ ଅବଶୋଷର କଥା ଦୁନିଆ ବହୁତ ବଡ, କୌଣସି ମନୁଷ୍ୟ ତା ଜୀବନରେ ପୁରା ଦୁନିଆକୁ ଦେଖିପାରିନି । କିନ୍ତୁ ଆମେ ଦୁନିଆର କିଛି ରହସ୍ୟ ତ ଜାଣି ପାରିବା । ଯେଉଁ ଗୁଡିକ ଅଦ୍ଭୁତ ଉଦାହରଣ ସ୍ୱରୂପ ଆଇସ୍‌ଲାଣ୍ଡ ସବୁଠାରୁ ଶାନ୍ତିପୂର୍ଣ୍ଣ ରାଷ୍ଟ୍ର । ଏହା ଏପରି ଏକ ଦେଶ ଯାହାଙ୍କ ପାଖରେ ଆର୍ମି ନାହାଁନ୍ତି । ଆଣ୍ଟାର୍କଟିକାରେ ବରଫର କ୍ରିଷ୍ଟାଲ୍‌ର ସାଇଜ୍ କେତେ ? ଶୁଣିକି ଆଶ୍ଚର୍ଯ୍ୟ ହେବେ ଯେ ଗୋଟେ ଗୋଟେ କ୍ରିଷ୍ଟଲ୍‌ର ସାଇଜ ସ୍କୁଲ୍ ବସ୍‌ରୁ ଆରମ୍ଭ କରି ଟ୍ରକ୍ ପର୍ଯ୍ୟନ୍ତ ହୋଇଥାଏ । ପ୍ରାଚୀନ ମିସ୍ର ଏମିତି ଏକ ଦେଶ ଯେଉଁଠାରେ ବିଲେଇକୁ ମାରିଲେ ମୃତ୍ୟୁଦଣ୍ଡ ଦିଆଯାଇଥାଏ । ସମୁଦ୍ରୀ ଡାକୁ ମାନଙ୍କର ପତାକା କଳା ନୁହେଁ ଲାଲ୍ ଥିଲା । ଆଣ୍ଟାର୍କଟିକାରେ ବରଫ ତଳେ ୪୦୦ରୁ ଊର୍ଦ୍ଧ୍ୱ ହ୍ରଦ ଅଛି । ଦୁନିଆରେ ଏମିତି ଏକ ଡିଭାଇସ୍ ଅଛି, ଯିଏ ଆୱାଜରୁ ନିଆଁ ବାହାରକରେ ।

## ଫିଲ୍ମ ଟକ୍

## ବ୍ରେକ୍‌ଅପ୍ ପାର୍ଟି ଦେଲେ ଡ୍ରାମା କ୍ୱିନ୍ ରାକ୍ଷୀ ସାୱନ୍ତ

ବଲିଉଡ୍‌ର ଡ୍ରାମା କ୍ୱିନ୍ ରାକ୍ଷୀ ସାୱନ୍ତ । ପ୍ରାୟତଃ ତାଙ୍କର ବିବାଦୀୟ ବୟାନ୍ ପାଇଁ ଲାଇମ ଲାଇଟ୍‌କୁ ଆସନ୍ତି । ହେଲେ ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ସେ ନାଲି ରଙ୍ଗର ଲେହେଙ୍ଗା ପିନ୍ଧି ନାଚୁଥିବାର ନଜର ଆସିଛନ୍ତି । ତାଙ୍କ ଖୁସିର କାରଣ ହେଉଛି ଛାଡପତ୍ର । ହଁ... ରାକ୍ଷୀ ଆଦିଲ ଖାନଙ୍କ ସହ ଛାଡପତ୍ର ଦାଖଲ କରିଥିଲେ । ବର୍ତ୍ତମାନ ସେ ଛାଡପତ୍ର ନେବାକୁ ଯାଉଛନ୍ତି । ତେଣୁ ସେ ଏହି ଖୁସିକୁ ସେଲିବ୍ରେଟ୍ କରିଛନ୍ତି । ଏହି ଭିଡିଓରେ ରାକ୍ଷୀ କହିଛନ୍ତି ଯେ ଏହା ହେଉଛି ତାଙ୍କର ବ୍ରେକ୍‌ଅପ ପାର୍ଟି । ଶେଷରେ ତାଙ୍କ ଛାଡପତ୍ର ହେଉଛି ଏବଂ ସେ ଏହାକୁ ସେଲିବ୍ରେଟ୍ କରିବାକୁ ଚାହୁଁଛନ୍ତି । ଭିଡିଓରେ ତାଙ୍କ ମୁଣ୍ଡରେ ଓଢଣୀ ପକାଇଛନ୍ତି, ଭାରୀ ଲେହେଙ୍ଗା ପିନ୍ଧି ପୁରା ମେକ୍ ଅପ୍ କରିଛନ୍ତି । ପ୍ରଶଂସକମାନେ ତାଙ୍କ ଭିଡିଓ ଉପରେ ମନ୍ତବ୍ୟ ଦେଉଛନ୍ତି । କେହି କେହି ରାକ୍ଷୀଙ୍କୁ ନାନା କଥା କହୁଥିବା ବେଳେ ଅନ୍ୟ କେହି ତାଙ୍କୁ ଏକ ଭିନ୍ନ ଜୀବ ବୋଲି କହିଥିଲେ । ରାକ୍ଷୀ ଏବଂ ଆଦିଲଙ୍କ ବିବାହ କିଛି ମାସ ପୂର୍ବରୁ ପ୍ରକାଶ ପାଇଥିଲା । କୁହାଯାଇଥିଲା ଯେ ରାକ୍ଷୀ ତାଙ୍କର ଧର୍ମ ପରିବର୍ତ୍ତନ କରି ଆଦିଲଙ୍କୁ ବିବାହ କରିଥିଲେ କିନ୍ତୁ ଏହାକୁ ଲୁଚାଇ ରଖିଥିଲେ । ତାହା ପୁଣି ଆଦିଲଙ୍କ ନିର୍ଦ୍ଦେଶରେ । ଯେତେବେଳେ ରାକ୍ଷୀ ଆଦିଲଙ୍କ ବିରୋଧରେ ପୋଲିସରେ ମାମଲା ଦାୟର କରିଥିଲେ । ସେତେବେଳେ ଆଦିଲଙ୍କୁ ଗିରଫ କରାଯାଇଥିଲା । ବର୍ତ୍ତମାନ ସେ ଜେଲରେ ଅଛନ୍ତି ଏବଂ ରାକ୍ଷୀ ଛାଡପତ୍ର ମାମଲା ଦାୟର କରିଛନ୍ତି ।



## ମନ୍ଦିରରେ ଲାଗୁ ହେଲା ଡ୍ରେସ୍ କୋଡ୍

# ଛୋଟ ଡ୍ରେସ୍ ପିନ୍ଧି ମନ୍ଦିର ପ୍ରବେଶ ମନା

ନୂଆଦିଲ୍ଲୀ :ଭାରତର ଅନେକ ମନ୍ଦିରରେ ଡ୍ରେସ କୋଡ୍ ନିୟମ ଲାଗୁ ହୋଇଛି । ଏଥିରେ ମନ୍ଦିରକୁ ଛୋଟ ଡ୍ରେସ୍ ପିନ୍ଧି ଯିବାକୁ ନିଷେଧାଦେଶ ଜାରି କରାଯାଇଛି । ଋଷିକେଶ ମନ୍ଦିରରେ ଏହି ନିୟମ ଲାଗୁ ହେବା ପରେ ଏବେ ସବୁଠି ଚର୍ଚ୍ଚା ଜୋର ଧରିଛି । ଏହି ନିୟମ ବଦ୍ରୀନାଥ ଏବଂ କେଦାରନାଥ ମନ୍ଦିରରେ ଲାଗୁ କରାଯିବାକୁ ଦାବି କରାଯାଉଛି । କମିଟିର ଅଧ୍ୟକ୍ଷ ମହାନୀରଭାନୀ ଅଖରା ଏନେଇ ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ, ମନ୍ଦିରରେ ଦର୍ଶନ ସମୟରେ ଶରୀରର ୮୦ ପ୍ରତିଶତ ଆଚ୍ଛାଦନ କରାଯିବା ଉଚିତ । ଭକ୍ତମାନେ ସମ୍ମାନରେ ଭଗବାନଙ୍କୁ ଦେଖା କରିବା ଉଚିତ୍ । ତେବେ ଏଠାରେ କହି ରଖୁଛୁ କି, ଅନେକ ମନ୍ଦିରରେ ଏନେଇ ମନ୍ଦିର ବାହାରେ ବୋର୍ଡ ଲଗାଯାଇଛି ଯେ ଲୋକମାନେ ଛୋଟ ଡ୍ରେସ୍ ପିନ୍ଧି ମନ୍ଦିରକୁ ଆସିବା ନିଷେଧ । ଉତ୍ତରାଖଣ୍ଡର ମନ୍ଦିରରେ ଡ୍ରେସ କୋଡ ସମ୍ବନ୍ଧୀୟ ପ୍ରସଙ୍ଗ ଉଷ୍ମ ହେବାରେ ଲାଗିଛି । ଉତ୍ତରାଖଣ୍ଡରେ ଥିବା ସମସ୍ତ ମନ୍ଦିର ଭକ୍ତଙ୍କ ପାଇଁ ଡ୍ରେସ କୋଡ ଲାଗୁ କରିଛନ୍ତି । ସେହିପରି ଉତ୍ତର ପ୍ରଦେଶର ରାଧାରାଣୀ ମନ୍ଦିରରେ ମଧ୍ୟ ଛୋଟ ଡ୍ରେସ ପିନ୍ଧି ଆସିବାକୁ ବାରଣ କରାଯାଇଛି । ଛୋଟ ଡ୍ରେସ୍ ପିନ୍ଧିଥିଲେ ମନ୍ଦିର ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ମନ୍ଦିର କର୍ତ୍ତୃପକ୍ଷ ଏକ ନିର୍ଦ୍ଦେଶ ନାମା ଜାରି କରିଛନ୍ତି । ସେହିପରି ନାଇଟ ଶୁଟ ଓ ଫଟା ଜିନ ପିନ୍ଧି ମଧ୍ୟ ମନ୍ଦିର ଭିତରେ ପ୍ରବେଶ କରିବାକୁ ମନା କରାଯାଇଛି । ଏହି ନିୟମ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଲାଗୁ କରାଯାଇଛି । ଜୁନ ୨୧ ତାରିଖରେ ଉତ୍ତରପ୍ରଦେସର ବିରୁଆ ବାଡ଼ି ମନ୍ଦିରରେ ମଧ୍ୟ ଏହି ନିୟମ ଲାଗୁ କରାଯାଇଛି । ନିକଟରେ ଶିମଲାର ଏକ ଜୈନ ମନ୍ଦିରରେ ମଧ୍ୟ ଏଭଳି କଟକଣା ଲଗାଯାଇଛି ।

# ଜନ୍ମ, ମୃତ୍ୟୁ ପଞ୍ଜୀକରଣ ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ




ନୂଆଦିଲ୍ଲୀ : କେନ୍ଦ୍ର ସରକାର ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ପାଇଁ ଆଧାର ପ୍ରମାଣୀକରଣ(ଅଥେଣ୍ଟିକେସନ)କୁ ଅନୁମୋଦନ କରିଛନ୍ତି । ତେବେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ପାଇଁ ଆଧାର ଏବେ ବାଧ୍ୟତାମୂଳକ କରାଯାଇନାହିଁ ଓ ଏହାକୁ ସ୍ୱେଚ୍ଛାକୃତ ରଖାଯାଇଛି । ଜନ୍ମ ଓ ମୃତ୍ୟୁ ପଂଜୀକରଣ ପାଇଁ ଆଧାରର ସ୍ୱେଚ୍ଛାକୃତ ବ୍ୟବହାର କରିବାକୁ ସରକାର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟକୁ ଅନୁମୋଦନ ଦେଇଛନ୍ତି । ଗୃହ ମନ୍ତ୍ରଣାଳୟ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରି କହିଛି ଯେ ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟ ସହିତ ଜନଗଣନା କମିଶନର ଏଭଳି ପଞ୍ଜୀକରଣ କିମ୍ବା ଆଧାର ପ୍ରମାଣୀକରଣ ମଧ୍ୟ ଗ୍ରହଣ କରିପାରିବେ । ଏହା ପଛରେ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ଉତ୍ତମ ସେବା ଉପଲବ୍ଧ କରାଇବା ଏବଂ ଯାହା ମାଧ୍ୟମରେ ଭାରତୀୟମାନେ ଉନ୍ନତ ଜୀବନଯାପନ କରିପାରିବେ । ସେପଟେ ଆଧାର ପ୍ରଦାନକାରୀ ସଂସ୍ଥା ୟୁଆଇଡିଏଆଇ ଲୋକମାନଙ୍କୁ ମୋବାଇଲ ନମ୍ବର ସହ ଆଧାର ଲିଙ୍କ କରିବାକୁ ପ୍ରୋତ୍ସାହିତ କରୁଛି, ଯାହାଦ୍ୱାରା ସେମାନେ ଉନ୍ନତ ଉପାୟରେ ସାମାଜିକ କଲ୍ୟାଣ ସେବାର ଲାଭ ଉଠାଇପାରିବେ । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜନ୍ମ, ମୃତ୍ୟୁ ପଂଜୀକରଣ ବେଳେ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଆଧାର ପ୍ରମାଣୀକରଣ ପାଇଁ ଲୋକମାନଙ୍କଠାରୁ ହଁ କିମ୍ବା ନା ରେ ଜବାବ ନିଆଯିବ । ସେହିପରି ଆଧାର ପ୍ରମାଣୀକରଣ ବେଳେ କେନ୍ଦ୍ର ଆଇଟି ମନ୍ତ୍ରାଳୟ ଦ୍ୱାରା ଜାରି ନିୟମାବଳୀ ପାଳନ କରିବାକୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଦିଲ୍ଲୀରେ ଏକାକି ନିର୍ବାଚନ ଲଢିବ ଆପ୍

ନୂଆଦିଲ୍ଲୀ : ଆସନ୍ତା ୨୦୨୪ ଲୋକସଭା ନିର୍ବାଚନ ପାଇଁ ଏକଜୁଟ ହେବାରେ ଲାଗିଥିବା ବିରୋଧୀ ଦଳ ଜୁନ ୨୩ରେ ବିହାରର ପାଟନାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜିତ ହୋଇଥିଲେ । ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ଅନେକ ନେତା ଯୋଗ ଦେଇଥିଲେ । ଇତିମଧ୍ୟରେ କେଜରିୱାଲଙ୍କ ଆମ ଆଦମୀ ପାର୍ଟି(ଏଏପି) ବୁଧବାର କହିଛି କି ଦଳ ଦିଲ୍ଲୀର ୭ଟି ଲୋକ ସଭା ଆସନରେ ଏକାକି ନିର୍ବାଚନ ଲଢିବ । ଏଏପିର ମହାସଚିବ ସନ୍ଦିପ ପାଠକ କହିଛନ୍ତି, ନିର୍ବାଚନ ପ୍ରଚାର ସମୟରେ ଆମେ ଜନତାଙ୍କ ସାମ୍ନାରେ ନିଜର କଥା ରଖିବୁ କି କେନ୍ଦ୍ରର ଅଧ୍ୟାଦେଶ ଆପଣଙ୍କ ବିରୋଧରେ ।

## ଗୋଟିଏ ପରିବାରରୁ ୯ ଜଣଙ୍କୁ ହତ୍ୟା

ଇସଲାମବାଦ : ପାକିସ୍ତାନରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି । ବୁଧବାର ଦିନ କିଛି ବନ୍ଧୁକଧାରୀମାନେ ଏକ ଘରେ ପଶି ଉତ୍ତର-ପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଆଖିବୁଜା ଗୁଳି ଚଳାଇଛନ୍ତି । ଗୁଳିମାଡରେ ଗୋଟିଏ ପରିବାରର ୯ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ ସୂଚନାନୁସାରେ, ଏହି ଘଟଣା ମାଲାକାଣ୍ଡ ଜିଲାର ବାଟକେଲା ତହସିଲରେ ଘଟିଛି । କିଛି ବନ୍ଧୁକଧାରୀ ଗୋଟିଏ ପରିବାରର ତିନି ଜଣ ମହିଳା ଏବଂ ଛଅ ଜଣ ପୁରୁଷଙ୍କ ସମେତ ପରିବାରର ୯ ଜଣ ସଦସ୍ୟଙ୍କୁ ହତ୍ୟା କରିଥିଲେ । ସ୍ଥାନୀୟ ଲେଭି ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ।

# କରୋନା ଭୂତାଣୁ ବିକଶିତ କରିଥିଲା ଚୀନ



ବେଜିଂ : କରୋନା ମହାମାରୀ ଭୂତାଣୁର ଉତ୍ପତ୍ତି ବିଷୟରେ ଅନେକ ତଥ୍ୟ ରହିଛି । ସାରା ବିଶ୍ୱରେ ବୈଜ୍ଞାନିକମାନେ ଦାବି କରିଛନ୍ତି ଚାଇନାର ଏକ ଲ୍ୟାବରେ କୋଭିଡ -୧୯ ଭୁତାଣୁ ବିକଶିତ କରାଯାଇଥିଲା । ଏହାର ଅନୁସନ୍ଧାନ ପାଇଁ ଜାତିସଂଘର ଏକ ଦଳ ମଧ୍ୟ ପରୀକ୍ଷା ପାଇଁ ଉହାନ ଲ୍ୟାବକୁ ଯାଇଥିଲେ । ଏଥିସହ ଉହାନର ଜଣେ ଗବେଷକ ଏନେଇ ଏକ ବଡ ଦାବି କରୁଥିବା ବେଳେ ଚାଇନା ଲୋକଙ୍କୁ ସଂକ୍ରମିତ କରିଥିବା ଅଭିଯୋଗ କରିଛନ୍ତି । ଚାଇନା ଜାଣିଶୁଣି କରୋନା ଭୁତାଣୁ ବିକଶିତ କରିଥିଲା ବୋଲି ସେ କହିଛନ୍ତି ।ଉହାନର ଜଣେ ଅନୁସନ୍ଧାନକାରୀ ଚାଓ ଶାଓ ଅନ୍ତର୍ଜାତୀୟ ପ୍ରେସ ଆସୋସିଏସନର ସଦସ୍ୟ ଜେନିଫର ଜେଙ୍ଗଙ୍କୁ ଦେଇଥିବା ଏକ ସାକ୍ଷାତକାରରେ ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରଦାନ କରିଛନ୍ତି । ସେ କହିଥିଲେ ଚାଇନା ଦ୍ୱାରା ଜୈବିକ ଅସ୍ତ୍ର ଭାବରେ କରୋନା ଭାଇରସ ପ୍ରସ୍ତୁତ ହୋଇଛି । ତାଙ୍କ ସହ କାମ କରୁଥିବା ସହକର୍ମୀଙ୍କୁ କେଉଁ ପ୍ରକାରର ସର୍ବୋତ୍ତମ ବିସ୍ତାର କରାଯାଇପାରିବ ତାହା ଜାଣିବା ପାଇଁ ଚାରି ପ୍ରକାରର ଭୁତାଣୁ ଦିଆଯାଇଥିଲା । କେଉଁ ପ୍ରକାରଟି ଅଧିକ ପ୍ରଭାବଶାଳୀ ତାହା ଜାଣିବା ପାଇଁ କୁହାଯାଇଥିଲା । କେଉଁ ଭୁତାଣୁ ଦ୍ୱାରା ଅଧିକ ପ୍ରଜାତି ସଂକ୍ରମିତ ହେବାର କ୍ଷମତା ଅଛି ଏବଂ ମଣିଷ ସମେତ ଅନ୍ୟ ପ୍ରଜାତିଙ୍କୁ ସଂକ୍ରମିତ କରିବା କେତେ ସହଜ ? ଉହାନରେ ୨୦୧୯ ମିଲିଟାରୀ ୱାଲର୍ଡ ଗେମ୍ସରେ ତାଙ୍କର ଅନେକ ସହକର୍ମୀ ନିଖୋଜ ହୋଇଯାଇଥିଲେ । ପରେ ସେମାନଙ୍କ ମଧ୍ୟରୁ ଜଣେ କହିଥିଲେ ସେମାନଙ୍କୁ ବିଭିନ୍ନ ଦେଶର ଆଥଲେଟମାନଙ୍କୁ ଅନୁସନ୍ଧାନ କରିବାକୁ ହୋଟେଲକୁ ପଠାଯାଇଥିଲା । ଏହା ବୁଝିବା ଉଚିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ କୌଣସି ଭାଇରୋଲୋଜିଷ୍ଟଙ୍କର ଆବଶ୍ୟକ ନାହିଁ । ଭୁତାଣୁ ବିସ୍ତାର କରିବାକୁ ତାଙ୍କୁ ପଠାଯାଇଥିଲା ।

# କାନାଡ଼ାରେ ମିଳିବ ଓପନ ୱାର୍କ ପରମିଟ

ଟରଣ୍ଟୋ : ଆମେରିକୀୟ ଏଚ -୧ ବି ଭିଜା ଧାରକଙ୍କ ପାଇଁ କାନାଡା ଏକ ବଡ ପଦକ୍ଷେପ ନେଇଛି । ୧୦ ହଜାର ଏଚ -୧ ବି ଭିଜା ଧାରକଙ୍କୁ କାନାଡାକୁ ଯାଇ କାର୍ଯ୍ୟ କରିବାକୁ ଅନୁମତି ଦେବା ପାଇଁ ଏକ ଓପନ ୱାର୍କ ପରମିଟ ବର୍ତ୍ତମାନ ସୃଷ୍ଟି ହେବ । କାନାଡାର ଇମିଗ୍ରେଶନ ମନ୍ତ୍ରୀ ସଚିନ ଫ୍ରେଜର ଏହା ଘୋଷଣା କରିଛନ୍ତି । ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ କାନାଡାର ଇମିଗ୍ରେଶନ, ଶରଣାର୍ଥୀ ଏବଂ ନାଗରିକତ୍ୱ ମନ୍ତ୍ରଣାଳୟ କହିଛି ଏହି କାର୍ଯ୍ୟକ୍ରମ ଅଧୀନରେଏଚ -୧ ବି ଭିଜା ଧାରକଙ୍କ ପରିବାର ସଦସ୍ୟଙ୍କୁ କାର୍ଯ୍ୟ ଅନୁମତି ମଧ୍ୟ ପ୍ରଦାନ କରାଯିବ । ମନ୍ତ୍ରଣାଳୟ କହିଛି ହାଇ-ଟେକ ସେକ୍ଟରରେ ହଜାର ହଜାର କର୍ମଚାରୀ କମ୍ପାନୀ ଦ୍ୱାରା ନିୟୋଜିତ ଅଛନ୍ତି ଯେଉଁମାନଙ୍କର ଉଭୟ କାନାଡା ଏବଂ ଆମେରିକାରେ କାର୍ଯ୍ୟ ରହିଛି । ଯୁକ୍ତରାଷ୍ଟ୍ରରେ କାର୍ଯ୍ୟ କରୁଥିବା ଲୋକମାନେ ପ୍ରାୟତଃ ଏଚ -୧ ବି ସ୍ପେସିଆଲିଟି ବୃତ୍ତି ଭିଜା ରଖିଥାନ୍ତି । ୧୬ ଜୁଲାଇ ୨୦୨୩ ସୁଦ୍ଧା ଆମେରିକାରେ ଏଚ -୧ ବି ସ୍ୱତନ୍ତ୍ର ବୃତ୍ତି ଭିଜାଧାରୀ ଏବଂ ପରିବାର ସଦସ୍ୟଙ୍କ ସହ କାନାଡାକୁ ସ୍ଥାନାନ୍ତର ପାଇଁ ଆବେଦନ କରିବାକୁ ଯୋଗ୍ୟ ହେବେ । କାନାଡା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନୂତନ ନିଷ୍ପତ୍ତି ଅନୁଯାୟୀ, ଅନୁମୋଦିତ ଆବେଦନକାରୀଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଅନୁମତି ଦିଆଯିବ । ମନ୍ତ୍ରଣାଳୟର ବିଜ୍ଞପ୍ତିରେ କୁହାଯାଇଛି ଆମେରିକାର ଭିଦ୍ଧାଧାରୀମାନେ କାନାଡାର ଯେକୌଣସି ସ୍ଥାନରେ ଯେକୌଣସି ନିଯୁକ୍ତିଦାତାଙ୍କ ପାଇଁ କାମ କରିପାରିବେ । କାନାଡା ଭିତ୍ତିକ କେବିସି ନ୍ୟୁଜ ଅନୁଯାୟୀ, ଫ୍ରେଜର କହିଛନ୍ତି ଚଳିତ ବର୍ଷ ଶେଷ ସୁଦ୍ଧା କେନ୍ଦ୍ର ସରକାର ବିଶ୍ୱର କେତେକ ପ୍ରତିଭାବାନ ବ୍ୟକ୍ତିଙ୍କ ପାଇଁ ଇମିଗ୍ରେଶନ ଷ୍ଟ୍ରିମ ବିକାଶ କରିବେ ଯେଉଁମାନେ କାନାଡାକୁ ଟେକ କମ୍ପାନୀରେ କାମ କରିବାକୁ ଚାହୁଁଛନ୍ତି । ତେବେ ଏହି ଇମିଗ୍ରେଶନ ଷ୍ଟ୍ରିମ ପାଇଁ କିଏ ଯୋଗ୍ୟ ହେବ ଏବଂ କେତେ ଲୋକଙ୍କୁ ଏହି ସ୍ରୋତରେ ପ୍ରବେଶ ଅନୁମତି ଦିଆଯିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାଁନ୍ତି ।

# ଛଳନାକାରୀ କଂଗ୍ରେସର ୫ ଗ୍ୟାରେଣ୍ଟି ପ୍ରତି ସତର୍କ ରୁହନ୍ତୁ: ଶିବରାଜ



ଭୋପାଳ : ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ପୂର୍ବରୁ ଗ୍ୟାରେଣ୍ଟି ନେଇ ଶାସକ ବିରୋଧୀ ମୁହାଁମୁହିଁ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି । ଏକ ଶିବରାଜ କଂଗ୍ରେସକୁ ଛଳନାକାରୀ ବୋଲି କହିଛନ୍ତି । ଟୁଇଟ କରି ସେ ଲେଖିଛନ୍ତି ଛଳନାକାରୀ କଂଗ୍ରେସର ୫ ଗ୍ୟାରେଣ୍ଟି ପ୍ରତି ସତର୍କ ରହିବା ଜରୁରୀ । ଏସବୁ ମଧ୍ୟରେ ମହିଳାଙ୍କ ଅପମାନର ଗ୍ୟାରେଣ୍ଟି, ଦୁର୍ନୀତିର ଗ୍ୟାରେଣ୍ଟି, ବିଦ୍ୟୁତ ବିଫଳତା ଏବଂ ଇନଭର୍ଟରର ଗ୍ୟାରେଣ୍ଟି, ଧର୍ମାନ୍ତରୀକରଣ ଏବଂ ତୁଷ୍ଟିକରଣର ଗ୍ୟାରେଣ୍ଟି ତଥା ଜାତୀୟ ବିରୋଧୀ ଶକ୍ତିକୁ ପ୍ରୋତ୍ସାହନ ଦେବାର ଗ୍ୟାରେଣ୍ଟି ରହିଛି । ବର୍ଷ ଶେଷରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ଉଭୟ ପ୍ରମୁଖ ଦଳ କ୍ଷମତାକୁ ଆସିବାକୁ ଜୋରଦାର ଚେଷ୍ଟା କରୁଛନ୍ତି ।

# ଆମେରିକାରେ ଉତ୍ତାପ ବୃଦ୍ଧି: ୫୫ ନିୟୁତ ଲୋକ ପ୍ରଭାବିତ

ୱାଶିଂଟନ : ଦକ୍ଷିଣ ଆମେରିକାର ଅଧିକାଂଶ ଅଞ୍ଚଳରେ ତାତି ସଙ୍କଟ ସୃଷ୍ଟି ହୋଇଛି । ଅସହ୍ୟ ଗରମ ଯୋଗୁଁ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦେଶର ୫୫ ମିଲିୟନରୁ ଅଧିକ ଲୋକ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଲୋକମାନଙ୍କ ପାଇଁ ବର୍ତ୍ତମାନ ଏକ ହର୍ଟ ଆଲର୍ଟ ଜାରି କରାଯାଇଛି । ଗତ ଏକ ସପ୍ତାହ ମଧ୍ୟରେ ତାତି ଲହର ଟେକ୍ସାସ, ଓକାଲୋହୋମା, ନ୍ୟୁ ମେକ୍ସିକୋ ଏବଂ ଅନ୍ୟ ଦକ୍ଷିଣ ଭାଗରେ ସଙ୍କଟ ସୃଷ୍ଟି ଛି ବୋଲି ସିହୁଆ ନ୍ୟୁଜ ଏଜେନ୍ସି କହିଛି । ଆମେରିକାର ଜାତୀୟ ପାଣିପାଗ ସେବା ଅନୁଯାୟୀ ଅତ୍ୟଧିକ ଉତ୍ତାପ ଯୋଗୁଁ ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି । ପଶ୍ଚିମ ଟେକ୍ସାସର ସାନ ଆଞ୍ଜେଲୋରେ ଜୁନ ମାସରେ ତାପମାତ୍ରା ଦୁଇଥର ୧୧୪ ଡିଗ୍ରୀ ଫାରେନହାଇଟ ରେକର୍ଡ କରିଥିଲା, ଯାହା ସର୍ବାଧିକ ରେକର୍ଡ ହୋଇଛି । ସୀମାନ୍ତ ସହର ଡେଲ ରିଓ ପ୍ରଥମ ଥର ପାଇଁ ଏହା ୧୧୫ ଡିଗ୍ରୀ ଫାରେନହାଇଟରେ ପହଞ୍ଚିଛି । ମିଡଲ୍ୟାଣ୍ଡର ପାଣିପାଗ ବିଶେଷଜ୍ଞଙ୍କ ଅନୁଯାୟୀ ଦକ୍ଷିଣ-ପଶ୍ଚିମ ଟେକ୍ସାସର ବିଗ ବେଣ୍ଡ ଅଞ୍ଚଳରେ ଶୁକ୍ରବାର ତାପମାତ୍ରା ୧୧୯ ଡିଗ୍ରୀ ଫାରେନହାଇଟ ଛୁଇଁବା ସହିତ ରାଜ୍ୟର ସର୍ବକାଳୀନ ସର୍ବୋଚ୍ଚ ତାପମାତ୍ରା ଫାରେନହାଇଟ ୧୨୦ ଡିଗ୍ରୀ ମଧ୍ୟରେ ଥିଲା ।

# ଉତ୍ତର ଭାରତରେ ବର୍ଷା ବିପ୍ଳାତ



ନୂଆଦିଲ୍ଲୀ : ଉତ୍ତର ଭାରତରେ ଜାରି ରହିଛି ବର୍ଷା ବିପ୍ଳାତ । କେଉଠି ଭୂସ୍ଖଳନ ଯୋଗୁଁ ଯାତାୟାତ ଠପ୍, ପୁଣି କେଉଠି ଲଗାଣ ବର୍ଷାରେ ଜନଜୀବନ ହନ୍ତସନ୍ତ । ହିମାଚଳରୁ ଉତ୍ତରାଖଣ୍ଡ... ଜାମ୍ମୁ-କାଶ୍ମୀରରୁ ଦିଲ୍ଲୀ ଓ ହରିୟାଣା... ଉତ୍ତର ଭାରତରେ ବର୍ଷା ବିପ୍ଳାତ ଓ ଜଳ ପ୍ରଳୟ । ବିଭିନ୍ନ ପାହାଡ଼ିଆ ନଦୀରେ ଅଚାନକ ବନ୍ୟା ଆସିବା ଫଳରେ କେଉଁଠି ରାସ୍ତା ଓ ପୋଲ ବୁଡ଼ିଯାଇଛି, ତ ଆଉ କେଉଁଠି ରାଜପଥରେ ମାଇଲ୍ ମାଇଲ୍ ବାଟ ଟ୍ରାଫିକ ଜାମ୍ ସ୍ଥିତି ସୃଷ୍ଟି କରିଛି ଭୂସ୍ଖଳନ । ହିମାଚଳ ପ୍ରଦେଶ ମଣ୍ଡି-କୁଲୁ ହାଇୱେରେ ଫ୍ଲାସ୍ ଫ୍ଲଡ୍ ଓ ଲ୍ୟାଣ୍ଡ ସ୍ଲାଇଡ୍ ଯୋଗୁଁ ସେଭେନ-ମାଇଲ ନିକଟରେ ୧୫ କିଲୋମିଟର ଲମ୍ବା ଟ୍ରାଫିକ୍ ଜାମ୍ । ସବୁ ହୋଟେଲ୍ ରୁମ୍ ଫୁଲ୍ ।ରାସ୍ତା ଉପରେ ଗତକାଲିଠୁ ଫସି ରହିଛନ୍ତି ୨ ଶହରୁ ଅଧିକ ପର୍ଯ୍ୟଟକ । ରାସ୍ତା ଉପରୁ ବିରାଟ ବିରାଟ ପଥର ହଟାଇବାକୁ ପ୍ରଶାସନ ଜୋରସୋରରେ ଉଦ୍ୟମ ଚଳାଇଥିଲେ ବି, ପ୍ରବଳ ବର୍ଷା ସେଥିରେ ବାଧା ଦେଉଛି । ତେଣେ ମଣ୍ଡିର କମ୍ୟୁନିଟି ହଲକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛି ଅବିଶ୍ରାନ୍ତ ବର୍ଷା । କୁଲୁ ଅଞ୍ଚଳରେ ବି ଲୋକଙ୍କ ଦୁର୍ଦ୍ଦଶା କହିଲେ ନସରେ । ହିମାଚଳ ପ୍ରଦେଶରେ ବନ୍ୟା ଯୋଗୁଁ ଏବେସୁଦ୍ଧା ୬ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ୨ଟି ଏନ୍ଏଚ୍ ସମେତ ୧୨୪ଟି ରାସ୍ତା କ୍ଷତିଗ୍ରସ୍ତ ହୋଇଛି । ହିମାଚଳରେ ଆସନ୍ତାକାଲି ମଧ୍ୟ ଅତି ପ୍ରବଳ ସମ୍ଭାବନା ଥିବାରୁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଉତ୍ତରାଖଣ୍ଡରେ ବି ସମାନ ଦୁର୍ଦ୍ଦଶା । ଭୂସ୍ଖଳନ ଯୋଗୁ ଗଡ଼ୱାଲ, ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଏକପ୍ରକାରର ବନ୍ଦ ହୋଇଯାଇଛି । ଫଳରେ ବିଭିନ୍ନ ଆଡୁ ଆସିଥିବା ଯାତ୍ରୀ ଓ ପର୍ଯ୍ୟଟକ ଏଠାରେ ଫସି ରହିଛନ୍ତି । ଗତକାଲି ରାତିଠାରୁ ଏଭଳି ଅବସ୍ଥାରେ ଅଟକି ରହିଥିବା କହିଛନ୍ତି ଯାତ୍ରୀ । ଏପଟେ ରାଜଧାନୀ ଡେରାଡୁନରେ ବି ଅନବରତ ବର୍ଷା ଲାଗି ରହିଛି । ତେଣେ ଜାମ୍ମୁ-କାଶ୍ମୀର 'ରାମ୍ ବାନ'ରେ ଭୂସ୍ଖଳନ ଯୋଗୁଁ ରାସ୍ତାରେ ଅଟକି ରହିଛି ଗାଡ଼ି । ଏପରିକ ଟନେଲ ଭିତରେ ବି ଗାଡ଼ି ଦୀର୍ଘ ସମୟ ଧରି ଫସି ରହିଥିବା ଦେଖିବାକୁ ମିଳିଛି । ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ପ୍ରାୟ ୩ଶହ ଟ୍ରକ୍ ଅଟକି ରହିଛି । ଖାଲି ପାହାଡ଼ିଆ ଅଞ୍ଚଳ ନୁହେଁ, ଦିଲ୍ଲୀ ଭଳି ମେଟ୍ରୋ ସିଟି ଓ ନିକଟବର୍ତ୍ତୀ ହରିୟାଣା ଗୁରୁଗ୍ରାମରେ ବି ଜନଜୀବନକୁ ପ୍ରଭାବିତ କରିଛି ଲଗାଣ ବର୍ଷା ଓ ଜଳବନ୍ଦୀ ସ୍ଥିତି । ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମା ହୋଇଥିବା ବେଳେ ଯାତାୟାତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଦିଲ୍ଲୀ ଓ ଏହାର ଉପକଣ୍ଠରେ ଲଗାଣ ବର୍ଷା ଯୋଗୁ ରାଜରାସ୍ତାରେ କୃତ୍ରିମ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି । ଗତକାଲି ପଞ୍ଚକୁଲାରେ ଏକ କାର ପ୍ରଖର ସୁଅରେ ଭାସିଯିବା ପରେ, ତା ଭିତରକୁ ଜଣେ ମହିଳାଙ୍କୁ ଦଉଡ଼ି ସାହାଯ୍ୟରେ ଅତି ନାଟକୀୟ ଢଙ୍ଗରେ ଉଦ୍ଧାର କରିଥିଲେ ସ୍ଥାନୀୟ ଲୋକେ ।


ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**ମଶାବାହିତ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ମାର୍ଗଦର୍ଶିକା**

ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଅଛି । ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ ।

- ପାଣି ଜମି ରହୁଥିବା ଜାଗାରୁ ପାଣି ନିଷ୍କାସନ କରନ୍ତୁ ଓ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏସବୁ ତଦାରଖ କରନ୍ତୁ ।
- ଘରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚମ୍ବର ଆଦିକୁ ସାପ୍ତାହିକ ପରିଷ୍କାର କରନ୍ତୁ ।
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା / ଛିଣ୍ଡା ଟାୟାର, ନଡିଆ ଷଢ଼େଇ, କୋଡୁଆ, ଓଳି, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରନ୍ତୁ କିମ୍ବା ଦୂରେଇ ଦିଅନ୍ତୁ ।
- ଘର ପାଖ ପରିବେଶ ସଫା ରଖନ୍ତୁ ।
- ମଶାରୀ ନିୟମିତ ବ୍ୟବହାର କରନ୍ତୁ । ମଶାଙ୍କ ପ୍ରବେଶ ରୋକିବାକୁ ଝରକାରେ ସରୁ ଜାଲି ଲଗାଇଲେ ଭଲ ।
- ପୁରା ଶରୀରକୁ ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ ।
- ଆବଶ୍ୟକ ସ୍ଥଳେ ସୁରକ୍ଷିତ ମଶା ନିବାରକ ବ୍ୟବହାର କରନ୍ତୁ ।
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରି ଚିକିତ୍ସା କରନ୍ତୁ ।

DSPL-125 OIPR-10003/13/0070/2324

# ବାଙ୍କୀର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା



ବାଙ୍କୀ,(ପିପିଏସ୍): ପବିତ୍ର ବାହୁଡ଼ା ତିଥିରେ ବାଙ୍କୀର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଚର୍ଚ୍ଚିକାପୀଠସ୍ଥ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତୀକାନ୍ତି ନିର୍ଦ୍ଦିଷ୍ଟ ସମୟରେ କରାଯାଇ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା । ଅପରାହ୍ନ ୪ଟାରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥକୁ ନିଆଯାଇଥିଲା । ମନ୍ଦିର ସେବାୟତ ଟ୍ରଷ୍ଟି ପ୍ରବୋଧ କୁମାର ପାତ୍ର ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ବୁଧବାର ମେଘୁଆ ପାଗ ଥିବାରୁ ଶହ ଶହ ଶ୍ରଦ୍ଧାଳୁଭକ୍ତ ରଥକୁ ଟାଣି ନେଇ ଚର୍ଚ୍ଚିକା ଗ୍ରାମ ପରିକ୍ରମା କରିଥିଲେ । ଗୁଣ୍ଡିଚ୍ଚା ମନ୍ଦିରରୁ ରଥ ଟଣା ହୋଇ ମାଉସୀ ମା' ସ୍ୱର୍ଗତ ରାମଚନ୍ଦ୍ର ମିଶ୍ରଙ୍କ ଘର ଠାରେ ପିଠା ଖାଇବା ସହିତ ଚର୍ଚ୍ଚିକା ଗ୍ରାମରୁ ନୃସିଂହ ଛକ ଦେଇ ଚର୍ଚ୍ଚିକା ମନ୍ଦିର ନିକଟରେ ରଥ ପହଞ୍ଚିଥିଲା । ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଯୁଗଳ କିଶୋର ଭୂତ , ସନ୍ତୋଷ କୁମାର ରଣା , ବୃନ୍ଦାବନ ପ୍ରଧାନ, ଋଷି କୁମାର ରଣା , ଶରତ ଚନ୍ଦ୍ର ବାରିକ ଏବଂ ରଥକମିଟିର ସଭ୍ୟମାନେ ଉପସ୍ଥିତ ରହି ରଥଟଣା କାର୍ଯ୍ୟରେ ସହଯୋଗ କରିଥିଲେ । ଆଇନ୍ଶୃଙ୍ଖଳା ରକ୍ଷା ନିମନ୍ତେ ବାଙ୍କୀ ପୋଲିସ୍ ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହିତ ବାଙ୍କୀ ଦମକଳବାହିନୀ ମଧ୍ୟ ଉପସ୍ଥିତି ଥିଲେ । ସେହିପରି ଡମପଡ଼ା, ସୁବର୍ଣ୍ଣପୁର, ତୁଳସୀପୁର ଓ ବାଙ୍କୀର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

# ନଗଡ଼ା ଭଳି ତୁମୁଣିରେ ସାଂଘାତିକ ଅବସ୍ଥା

## ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶଦେଲେ ହାଇକୋର୍ଟ

କଟକ(ପିପିଏସ୍) : ଯାଜପୁର ଜିଲ୍ଲା ନଗଡ଼ା ନିକଟ ତୁମୁଣି ଗ୍ରାମର ବାସିନ୍ଦା ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା ଭଳି ମୌଳିକ ସୁବିଧାରୁ ବଞ୍ଚିତ । ଜିଲ୍ଲାର ସୁକିନ୍ଦା ବ୍ଲକ୍ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ତୁମୁଣି ଗ୍ରାମରେ ଜୁଆଙ୍ଗ ଜନଜାତିର ଲୋକମାନେ ବସବାସ କରୁଥିବା ବେଳେ ସାଧାରଣ ମୌଳିକ ସୁବିଧା ନଥିବା ଅଭିଯୋଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି ।ଏ ସଂପର୍କିତ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଯାଜପୁର ଜିଲ୍ଲାପାଳ, କେନ୍ଦ୍ର, ରାଜ୍ୟ ସରକାରଙ୍କ ସମତେ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି । ତୁମୁଣିକୁ ଯାଇ ସ୍ଥିତି ଅନୁଧ୍ୟାନ କରିବାକୁ ଯାଜପୁର ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ ପାଇଁ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଶୁଭାଶିଷ ତାଳପତ୍ର ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨କୁ ଧାର୍ଯ୍ୟ କରାଯାଇଛି ।ତୁମୁଣି ଗ୍ରାମ ବହୁଚର୍ଚ୍ଚିତ ନଗଡ଼ା ଗ୍ରାମ ନିକଟରେ ଅବସ୍ଥିତ । ଜୁଆଙ୍ଗ ଜନଜାତିର ଲୋକମାନେ ବାସ କରୁଥିବା ତୁମୁଣିକୁ ରାସ୍ତା ନାହିଁ । ତୁମୁଣିର ପିଲାମାନେ ପାଠ ପଢିବା ପାଇଁ ୫/୬ କି.ମି. ଦୂର ନଗଡ଼ାକୁ ଯାଉଥିବା ବେଳେ ବିପଦପୂର୍ଣ୍ଣ ଜଙ୍ଗଲ ରାସ୍ତା ଯୋଗୁ ବହୁସମୟରେ ପରିବାର ଲୋକେ ପିଲାମାନଙ୍କୁ ସ୍କୁଲକୁ ଛାଡୁନାହାନ୍ତି । ଫଳରେ, ଗ୍ରାମରେ ସାକ୍ଷରତା ହାର ବହୁତ କମ୍ । ଏହି ଗ୍ରାମର ବାସିନ୍ଦା ଦୂଷିତ ପାଣି ପିଇ ସେମାନେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏପରିକି ବିଭିନ୍ନ ରୋଗର ଉପଶମ ପାଇଁ ଏବେ ବି ଏହି ଗ୍ରାମବାସୀମାନେ ଦେଶୀ ଚିକିତ୍ସା ଉପରେ ନିର୍ଭରଶୀଳ । ସେମାନଙ୍କ ଗ୍ରାମରୁ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାୟ ୨୧ କିଲୋମିଟର ଦୂର କାଳିଆପାଣିଠାରେ ରହିଛି । ଉପଯୁକ୍ତ ଚିକିତ୍ସା



ପାଇ ନ ପାରିବାରୁ ଶିଶୁ ଓ ପ୍ରସୂତିଙ୍କ ମୃତ୍ୟୁ ହେଉଛି । ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ସପ୍ତାହକୁ ଦିନେ ଦୁଇ ଦିନ କାର୍ଯ୍ୟ କରୁଛନ୍ତି ।ମା' ଓ ଶିଶୁଙ୍କୁ ଅଙ୍ଗନବାଡି କେନ୍ଦ୍ର ସହଯୋଗରେ ମିଳିବାକୁ ଥିବା ସୁବିଧା ମିଳୁ ନାହିଁ । ପ୍ରାୟ ୩୦ଟି ପରିବାରର ୨୮୦ ଜଣ ଲୋକ ଏହି ଗ୍ରାମରେ ରହୁଥିବା ବେଳେ ସ୍ୱାସ୍ଥ୍ୟସେବା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି । ସରକାରୀ ଯୋଜନାରେ ମିଳୁଥିବା ରାସନ ସାମଗ୍ରୀ ପାଇଁ ତୁମୁଣି ଗ୍ରାମବାସୀଙ୍କୁ ୪/୫ କିଲୋମିଟର ରାସ୍ତା ଚାଲି ଚାଲି ଅତିକ୍ରମ କରିବାକୁ ପଡୁଛି । ଶ୍ରମିକ କାମ କରି ଗ୍ରାମବାସୀ କରି ପେଟ ପୋଷୁଥିବା ବେଳେ ସେମାନଙ୍କୁ ମିଳିଥିବା ଶ୍ରମ କାର୍ଡ ଜଣେ ବ୍ୟକ୍ତି ନେଇ ଯାଇ ଆଉ ଫେରାଉ ନାହାନ୍ତି । ବହୁ ଗ୍ରାମବାସୀ ଗୋଟି ଶ୍ରମିକ ଭଳି କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି । ଏହି ଗ୍ରାମରେ ୨୦୧୬ରେ ବସାଯାଇଥିବା ସୋଲାର ପ୍ୟାନେଲଗୁଡ଼ିକ ଅଚଳ ହୋଇପଡିଛି । ଫଳରେ, ଗ୍ରାମରେ ବିଦ୍ୟୁତ ନାହିଁ । ସଂଧ୍ୟା ହେଲେ ଏହି ଗ୍ରାମ ସଂପୂର୍ଣ୍ଣ ଅନ୍ଧକାର ମଧ୍ୟରେ ରହୁଛି । ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହିଥିବା ଏହି ଗ୍ରାମର ବାସିନ୍ଦାଙ୍କୁ କୌଣସି ମୌଳିକ ସୁବିଧା ମିଳୁ ନାହିଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ମାମଲାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ସଚିବ, ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ସଚିବ, ସ୍ୱାସ୍ଥ୍ୟ ସଚିବ, ମହିଳା ଓ ଶିଶୁ ବିକାଶ ସଚିବ, ଯାଜପୁର ଜିଲ୍ଲାପାଳ, ସୁକିନ୍ଦା ବିଡିଓ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଫରାଜ ସୋହେଲ ମାମଲା ପରିଚାଳନା କରୁଛନ୍ତି ।

# ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର ଦାବିରେ ଏଆଇଡିଏସ୍ଓ ପକ୍ଷରୁ ବିକ୍ଷୋଭ

କଟକ ସଦର,(ପିପିଏସ୍): ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରତ୍ୟାହର ଦାବିରେ ୨୧ରୁ ୨୭ ଜୁନ ସାରା ଦେଶବ୍ୟାପୀ ପ୍ରତିବାଦ ସପ୍ତାହ ପାଳନ ଅବସରରେ ଆଜି କଲେଜଛକଠାରେ ଏଆଇଡିଏସ୍ଓ କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି ।

ବିକ୍ଷୋଭରେ ଏଆଇଡିଏସ୍ଓ ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ସଂଗଠନର କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, ଛାତ୍ରନେତା ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ସରୋଜ ମାନସିଂହ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ । ଛାତ୍ର ସଂଗଠନ, ଶିକ୍ଷକ ସମାଜ ଓ ବୁଦ୍ଧିଜୀବୀମାନଙ୍କ ମତାମତକୁ ଉପେକ୍ଷା କରି ବିଜେପି ସରକାର ଶିକ୍ଷାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ଉଦ୍ଦେଶ୍ୟରେ ରାଜ୍ୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରୁଛି । ୧୯୮୬ ମସିହାରେ କଂଗ୍ରେସ ଅମଳର ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଶିକ୍ଷାର ଯେଉଁ ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ ଓ ଧନ୍ଦାମୁଖିକରଣ ଓ କେନ୍ଦ୍ରୀକରଣ ପାଇଁ ଆରମ୍ଭ ହୋଇଥିଲା, ବର୍ତ୍ତମାନର ଏହି ଶିକ୍ଷାନୀତି ତା'ର ଏକ ଧାରାବାହିକତା ମାତ୍ର ।

ଏହି ଶିକ୍ଷାନୀତି ଶିଶୁମାନଙ୍କର ଭବିଷ୍ୟତକୁ ଅନ୍ଧକାରମୟ କରିବା ବୋଲି ପ୍ରତିବାଦ ସଭାରେ ଛାତ୍ରନେତାମାନେ ଅଭିଯୋଗ କରିଥିଲେ । ଦେଶର ଜନସାଧାରଣଙ୍କୁ ସରକାର ବୋକା ବନାଇ ପ୍ରଚଳନ କରାଯାଉଥିବା ମହାକାଳ ଫଳ ସଦୃଶ ଏହି ଶିକ୍ଷାନୀତି ବାସ୍ତବରେ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ପାଇଁ ଉଦ୍ଦିଷ୍ଟ । ଏହା ବିରୋଧରେ ଦୃଢ଼ ଆନ୍ଦୋଳନ ସଂଗଠିତ କରିବା ପାଇଁ ଜନସାଧାରଣ ବିଶେଷକରି ଛାତ୍ର ସାମାଜ ସଂଗଠିତ ହୋଇ ପ୍ରତିବାଦକୁ ଜୋରଦାର କରିବା ପାଇଁ ଏଆଇଡିଏସ୍ଓ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

# ସିପିଆଇ(ଏମ୍) ପକ୍ଷରୁ ମହାନଦୀବିହାର ବିଦ୍ୟୁତ ଅଫିସ୍ ଘେରାଉ



କଟକ ସଦର,(ପିପିଏସ୍): କଟକ ଜିଲ୍ଲା ସିପିଆଇ(ଏମ୍)ର ୪୬ ଓ ୪୭ ନଂ. ୱାର୍ଡ଼ କମିଟି ତରଫରୁ ମହାନଦୀ ବିହାର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅଘୋଷିତ ବିଦ୍ୟୁତ କାଟ୍ର ପ୍ରତିବାଦ କରାଯାଇଥିଲା । ବାରମ୍ବାର ବିନା ନୋଟିସରେ ବିଦ୍ୟୁତ କାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ବିଦ୍ୟୁତ ଘରୋଇକରଣ ଲୋକଙ୍କ ସ୍ୱାର୍ଥ ପାଇଁ କୁହାଯାଉଥିବା ବେଳେ ଏହାର ଫଳ କିନ୍ତୁ ବିଫଳିତ ହୋଇଛି । ଗୁଣାତ୍ମକ ବିଜୁଳି ଯୋଗାଣ କହି ରାଜସ୍ୱ ବର୍ବାଦ କରାଯିବା ସହିତ ଟାଟା କମ୍ପାନୀକୁ ପରୋକ୍ଷରେ ସାହାଯ୍ୟ କରାଯାଇଛି । ଭିତିଭୂମିର ବିକାଶ ପାଇଁ ସରକାର ୨୦ ହଜାର କୋଟି ଟଙ୍କା ମଧ୍ୟ ପ୍ରଦାନ କରିଛନ୍ତି । ଓଡ଼ିଶା ଏକ ଅଗ୍ରଣୀ ବିଦ୍ୟୁତ ଉତ୍ପାଦନକାରୀ ରାଜ୍ୟ ହୋଇଥିଲେ ମଧ୍ୟ ଲୋକମାନେ ଏହାର ସୁଫଳ ପାଇ ପାରୁ ନାହାଁନ୍ତି । ରାଜ୍ୟର ସମସ୍ତ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଣ କରାଯାଉ ବୋଲି ଆଞ୍ଚଳିକ କମିଟିର ସମ୍ପାଦକ ପ୍ରତାପ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭା ଓ ଧାରଣା କରାଯିବା ସହିତ ବିଦ୍ୟୁତ କାର୍ଯ୍ୟାଳୟର ନିର୍ବାହୀ ଅଧିକାରୀ ଇଂ. ସ୍ମୃତିରଂଜନ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ବଦ୍ରିନାରାୟଣ ଦାସ, ରବିନାରାୟଣ ମଲ୍ଲିକ୍, ଅଭୟ କୁମାର ସାଇଁ, ଇଂ. ମନମୋହନ ପତି, ବରିଷ୍ଠ ନାଗରିକ କମିଟିର ସଭାପତି ରବିନ୍ଦ୍ରନାଥ ମହାନ୍ତି, ଋତ୍ୱିକ ମହାନ୍ତି, ରାମ ପ୍ରସନ୍ନ ଗର୍ଡ଼ି, ସୁଭ୍ରା ମହାପାତ୍ର, ନିର୍ମଳ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ ।

# ସେତୁ ଲୋକାର୍ପିତ ଓ ୩.୮୦ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ



ଫୁଲନଖରା (ପିପିଏସ୍) ତେଲେଙ୍ଗାପେଣ୍ଠ-ସଇଁଧା ରାସ୍ତାର ଫୁଲନଖରା ଶାଖା କେନାଲ ଉପରିସ୍ଥ ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସେତୁ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଲୋକାର୍ପଣ କରିଥିଲେ । ଏତଦ୍ ବ୍ୟତୀତ ୫୯ନଂ ୱାର୍ଡ ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ଠାରେ ୩କୋଟି ୮୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଫୁଲନଖରା ଶାଖା କେନାଲ ବାମ ପାର୍ଶ୍ୱବନ୍ଧର ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା । କଟକ ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରତାପନଗରୀସ୍ଥିତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ଠାରୁ ଫୁଲନଖରା ନିଆଳି ୬୦ନଂ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଫୁଲନଖରା ଶାଖା କେନାଲର ବାମ ପାର୍ଶ୍ୱ ୫କିଲୋମିଟର ବନ୍ଧକୁ ପ୍ରଶସ୍ତି ଓ ଉନ୍ନତିକରଣ କରାଯିବା ନିମନ୍ତେ ଟେଣ୍ଡର ମାଧ୍ୟମରେ ପ୍ରାୟ ୯ମାସ ମଧ୍ୟରେ କାର୍ଯ୍ୟ ସମାପନ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ । ଏହି ଉତ୍ସବରେ ପୂର୍ବତନ ସରପଞ୍ଚ ପୀତବାସ ମହାପାତ୍ର, ୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ପୂର୍ବତନ କର୍ପୋରେଟର ରାଜଲକ୍ଷ୍ମୀ ସ୍ୱାଇଁ, ପୂର୍ବତନ କର୍ପୋରେଟର କୌଶିକ ଜେନା, ୫୯ନଂ ୱାର୍ଡ ବିଜେଡି ସଭାପତି ଜ୍ଞାନରଂଜନ ସାହୁ, ବିପ୍ର ଚରଣ ଭୋଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୀବନ ସାମନ୍ତରାୟ, କଟକ ନଗର ବିଜେଡି ସଂପାଦକ ସୁଶାନ୍ତ କୁମାର ମହାନ୍ତି, ଅଜିତ୍ କୁମାର ରାଉତ, ସମିତିସଭ୍ୟ ଶୁକଦେବ ମଲ୍ଲିକ, ମୂରଲୀଧର ନାୟକ, ପ୍ରସନ୍ନ କୁମାର ଦାସ ପ୍ରମୁଖ ଯୋଗଦେଇଥିବା ବେଳେ୫୮ନଂ ୱାର୍ଡ ବିଜେଡି ସଭାପତି ବିକ୍ରମ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

# ଏକାମ୍ର ପ୍ରକଳ୍ପର ଭୂମିପୂଜନ ଯଜ୍ଞସ୍ଥଳ ପରିଦର୍ଶନ କଲେ ପିସିସି ସଭାପତି

ଭୁବନେଶ୍ୱର,(ପିପିଏସ୍): ଏକାମ୍ର ପ୍ରକଳ୍ପର ଭୂମିପୂଜନ ସ୍ଥାନରେ ବହୁ ମୁନି, ଋଷି, ସାଧୁ ସନ୍ଥ ମାନଙ୍କ ଦ୍ୱାରା ଚାଲିଥିବା ଯଜ୍ଞସ୍ଥଳକୁ ମଙ୍ଗଳବାର ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ପରିଦର୍ଶନ କରିଥିଲେ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ତଥା ଉପସଭାପତି ଶିବାନନ୍ଦ ରାୟ , ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପିସିସିର ସାଧାରଣ ସଂପାଦିକା ରଶ୍ମି ମହାପାତ୍ର ଏବଂ ବହୁ କଂଗ୍ରେସ ନେତୃବୃନ୍ଦ ଶ୍ରୀ ପଟ୍ଟନାୟକଙ୍କ ସହିତ ଯଜ୍ଞସ୍ଥଳ ପରିଦର୍ଶନ କରି ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

# ଡମପଡ଼ା ବ୍ଲକ କମ୍ପ୍ୟୁଟର ଗୃହରେ ଅଗ୍ନିକାଣ୍ଡ



ବାଙ୍କୀ, (ପିପିଏସ୍): ଡମପଡ଼ା ବ୍ଲକ କମ୍ପ୍ୟୁଟର ଗୃହରେ ଆଜି ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଆସବାବ ପତ୍ର ନଷ୍ଟ ହୋଇଯାଇଛି । ବାଙ୍କୀ ଦମକଳ ବାହିନୀ ଅଧିକାରୀ ପ୍ରଫୁଲ୍ଲ କୁମାର ଓଝା ଖବର ପାଇ ଘଟଣା ସ୍ଥଳରେ ସଦଳବଳେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ଅସ୍ପଷ୍ଟ ରହିଛି । ନିଆଁ ଲାଗିବା ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ଯାଇଥିବା ବେଳେ ସର୍ଟ୍ ସର୍କିଟ୍ ଯୋଗୁଁ ଏଭଳି ହୋଇଥାଏ ପାରେ ବୋଲି ସନ୍ଦେହ କରାଯାଉଛି । ଖବର ପାଇ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍ ଓ ବିଡିଓ ଶ୍ୟାମଳ କୁମାର ରାୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଦମ୍କଳ ବାହିନୀ ଅଗ୍ନିକାଣ୍ଡର କାରଣ ସଂପର୍କରେ ଟିକିନିଖି ଅନୁଧ୍ୟାନ କରିଥିଲେ ।

# ବିଦଗ୍ଧ ପାଠକ ହିଁ ପୁସ୍ତକର ପ୍ରକୃତ ଉନ୍ମୋଚକ

## ଗାଳ୍ପିକ ପଦ୍ମକାନ୍ତ ଧଳଙ୍କ 'ବାଘବେଶ'ର ଲୋକାର୍ପଣ ଉତ୍ସବ



ଭଦ୍ରକ, (ପିପିଏସ୍): ସ୍ୱୟଂ ଲେଖକ ହିଁ ଗୋଟେ ପୁରସ୍କାର । ଲେଖକଟିଏ ନିଜକୁ ପୁରସ୍କାରରେ ପରିଣତ କରିପାରିଲେ ତା ପାଇଁ ଅନ୍ୟ କୌଣସି ପୁରସ୍କାର ଲୋଡା ପଡେନା । ଅନ୍ୟପକ୍ଷରେ ଅତିଥିମାନେ ଗୋଟେ ମଞ୍ଚରେ ପୁସ୍ତକର କେବଳ ପ୍ରଚ୍ଛଦପଟ ଉନ୍ମୋଚନ କରନ୍ତି ସିନା ବିଦଗ୍ଧ ପାଠକ ହିଁ ପ୍ରକୃତ ପକ୍ଷେ ପୃଷ୍ଠାଗୁଡିକ ମାଧ୍ୟମରେ ପୁସ୍ତକର ଉନ୍ମୋଚନ କରିଥାନ୍ତି ବୋଲି ଗାଳ୍ପିକ ଡଃ ପଦ୍ମକାନ୍ତ ଧଳଙ୍କ 'ବାଘବେଶ' ଗଳ୍ପ ସଂକଳନର ଲୋକାର୍ପଣ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କଥାଶିଳ୍ପୀ ବିଷ୍ଣୁ ସାହୁ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଭଦ୍ରକ ପୂଜ୍ୟପୂଜା ସଂସଦ ଓ ଟାଇମ୍ପାସ୍ ପ୍ରକାଶନୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବକୁ କବି ସରୋଜ ବଳ ସଂଚାଳନା କରିଥିଲେ । ଉଦ୍ଘାଟକ ଭାବେ ବର୍ଷିୟାନ କଥାଶିଳ୍ପୀ ଡକ୍ଟର ଶୈଳେନ୍ଦ୍ର କୁମାର ମହାପାତ୍ର ଯୋଗଦେଇ ମାନବବାଦୀ ଆଭିମୁଖ୍ୟ ବହନ କରୁଥିବା ସୃଷ୍ଟି ଯଥାର୍ଥରେ ସାର୍ଥକ ସାହିତ୍ୟ ସଂପଦ ପଦବାଚ୍ୟ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଆର୍ଯ୍ୟ ଯଜ୍ଞଦତ୍ତ ଯୋଗଦେଇ 'ବାଘବେଶ' ଓଡ଼ିଆ କଥାସାହିତ୍ୟ ଧାରାର ଏକ ପ୍ରତିନିଧି ସ୍ଥାନୀୟ ସୃଷ୍ଟି ବୋଲି ଅଭିହିତ କରିଥିଲେ । ବରେଣ୍ୟ ଅତିଥି ଭାବେ କବି ହୃଦାନନ୍ଦ ପାଣିଗ୍ରାହୀ, ଗାଳ୍ପିକ ପବିତ୍ର କୁମାର ପାଣିଗ୍ରାହୀ ଓ ଅଧ୍ୟାପକ ଡଃ ବିଶ୍ୱରଞ୍ଜନ ଦାସ ଯୋଗଦେଇ ଗଳ୍ପର ପରିବେଶ, ପରିସ୍ଥିତି, ଘଟଣା ଓ ଚରିତ୍ରର ମାନସିକ କ୍ରିୟା-ପ୍ରତିକ୍ରିୟା ଅବତାରଣାରେ ଗାଳ୍ପିକ ପଦ୍ମକାନ୍ତ ବେଶ ଧୁରନ୍ଧର ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଡଃ ଅଭୟ କୁମାର ଦାସ 'ବାଘବେଶ' ଗଳ୍ପଗ୍ରନ୍ଥର ସମୀକ୍ଷା କରିଥିଲେ । ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଏକ ନିରବ ପ୍ରାର୍ଥନା କରାଯାଇଥିଲା । ଭଦ୍ରକ ପୂଜ୍ୟପୂଜା ସଂସଦ ସଂପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଓ ଗାଳ୍ପିକ ଡଃ ଅରବିନ୍ଦ ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ କବି କିଶୋର ପାଣିଗ୍ରାହୀ ଓ ପ୍ରୀତିଲତା ପଣ୍ଡା 'ବାଘବେଶ' ର ଗଳ୍ପାଂଶ ପଠନ କରିଥିଲେ । କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ, ଦେବେନ୍ଦ୍ର ପଣ୍ଡା ଓ ସାଥୀମାନଙ୍କ ଦ୍ୱାରା ଲୋକସଂଗୀତ ପରିବେଷଣ କରାଯାଇଥିଲା । କବି ମନୋରମା ରାୟ, ଜାନକୀ ପାଢୀ, ପ୍ରତୀକ୍ଷା ମହାପ୍ରାତ, ଗୀତିକାର ଅରୂପାନନ୍ଦ ନାୟକ, ରାଜେଶ ଦାସ, ସଂଗ୍ରାମ ସାହୁ, କିଶୋର ଲାଡା, ସମୀର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ନାଟ୍ୟଶ୍ରୀ ନିର୍ମଳ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଟିଆସାହି ସେତୁ ପାଇଁ ଦେଇପାଇଲେନି ପଟ୍ଟା

## ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବେ ଜମି ମାଲିକ

ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ତହସିଲ ସୟା ପଞ୍ଚାୟତ ଅଧୀନ ମାଟିଆସାହି ଗ୍ରାମର ଗୋଟିଏ ପରିବାରର ଜମି ମାଲିକ ମାଟିଆସାହି ସେତୁ ନିର୍ମାଣ ପାଇଁ ଜମି ସରକାରଙ୍କୁ ଦେଇଥିଲେ । ପ୍ରତିବଦଳରେ ସରକାର ଜମି ମାଲିକଙ୍କୁ ଅନ୍ୟତ୍ର ଜମି ଯୋଗାଇ ଦେଇ ପଟ୍ଟା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଜମି ମାଲିକଙ୍କୁ ଜମି ମିଳିଥିଲେ ହେଁ ପଟ୍ଟା ମିଳିନାହିଁ । ଯେଉଁ ସରକାରୀ ଜମି ମାଲିକଙ୍କୁ ଦିଆଯାଇଥିଲା ସେହି ଜମି ମଧ୍ୟରୁ ୧୨ ଡେସିମିଲ୍ କେତେକ ଭୂମିହୀନଙ୍କୁ ଦିଆଯାଇଛି । ଯାହାଫଳରେ ସେତୁ ପାଇଁ ଜମି ଦେଇଥିବା ମାଲିକ ସରକାରୀ ଜମି ପାଇବାରୁ ବଂଚିତ ହୋଇଛନ୍ତି । ଯେଉଁଥିପାଇଁ ଜମି ମାଲିକ ଅସନ୍ତୋଷ ପ୍ରକାଶ କରି ଜିଲାପାଳ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଦ୍ୟାବଧି କୌଣସି ସୁଫଳ ନମିଳିବାରୁ ପୁଣି ମଙ୍ଗଳବାର ଜମି ମାଲିକ ଅକ୍ଷୟ (ମହେଶ୍ୱର) ପରିଡା ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବା ସହିତ ଚାଲିଥିବା ସେତୁ ଆପ୍ରୋଚରୋଡ଼ କାର୍ଯ୍ୟକୁ ବୁଧବାର ଠାରୁ ବନ୍ଦ କରିବେ ବୋଲି ମାଲିକମାନେ ଚେତାବନୀ ଦେଇଥିବା ବେଳେ ତୁରନ୍ତ ଜମିର ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ୨୦୧୩ରେ ମନ୍ତେଇ ନଦୀ ଉପରେ ମାଟିଆସାହି ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ । ପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ସେତୁ ନିର୍ମାଣ ସ୍ଥଳରେ ମାଟିଆସାହି ଗ୍ରାମର ଅକ୍ଷୟଙ୍କ ପରିବାରର ୭୭ଡେସିମିଲ ବ୍ୟକ୍ତିଗତ ଜମି ଥିବାରୁ ଏହି ଜମିର ଆବଶ୍ୟକତା ପଡିଥିଲା । ପରେ ତତକାଳୀନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏବଂ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଏହି ସମସ୍ୟାର ସମାଧାନ କରାଯାଇ ଅକ୍ଷୟଙ୍କ ପରିବାରକୁ ବ୍ୟକ୍ତିଗତ ଜମି ବଦଳରେ ୭୭ଡେସିମିଲ ସରକାରୀ ଜମି ପ୍ରଦାନ କରାଯିବାକୁ କୁହାଯିବା ପରେ ଅକ୍ଷୟଙ୍କ ପରିବାର ନିଜ ଜମି ସେତୁ ପାଇଁ ସରକାରଙ୍କ ନାମରେ କରିଦେବାକୁ ରାଜି ହୋଇଥିଲେ । ତେବେ ଅକ୍ଷୟଙ୍କ ପରିବାରକୁ ମିଳିଥିବା ସରକାରୀ ଜମି ମଧ୍ୟରୁ ତହସିଲ କାର୍ଯ୍ୟାଳୟରୁ ୬୫ଡେସିମିଲ ଜମିର ପଟ୍ଟା ମିଳିଥିଲେ ମଧ୍ୟ ଅବଶିଷ୍ଟ ୧୨ଡେସିମିଲ ଜମିର ପଟ୍ଟା ମିଳି ପାରିନାହିଁ । ବୀରବରପୁର ମୌଜାରେ ଅକ୍ଷୟଙ୍କ ପରିବାରକୁ ପ୍ଲଟ ନଂ ୬୦୯ରେ ୧୨ଡେସିମିଲ ଜମି ମିଳିଥିଲ । ମାତ୍ର ଭୂଦାନ ଯୋଜନାରେ ସେହି ଜମିକୁ ତହସିଲ କାର୍ଯ୍ୟାଳୟରୁ ୩ଜଣ ଭୁମିହୀନଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ଜାଣିବା ପରେ ଅକ୍ଷୟଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଭୁମିହୀନଙ୍କୁ ଦିଆଯାଇଥିବା ଜମି ତାଙ୍କ ପରିବାରକୁ କେମିତି ପ୍ରଦାନ କରାଗଲା ସେନେଇ ଅକ୍ଷୟ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ତହସିଲଦାର ପ୍ରତୀକ ସାହୁଙ୍କୁ ପଚାରିବାରୁ ଏହି ସମସ୍ୟାର ସମାଧାନ ଦିଗରେ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ବିଦ୍ୟୁତ୍ କାଟ୍ ବିରୋଧରେ କଂଗ୍ରେସର ଟିପିଓଏନ୍ଡିଏ କାର୍ଯ୍ୟାଳୟ ଘେରାଉ



ଭଦ୍ରକ, (ପିପିଏସ୍): ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ବନ୍ଦ କରିବା, ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଏବଂ ଅହେତୁକ ବିଦ୍ୟୁତ ଦର ବୃଦ୍ଧି ବନ୍ଦ କରିବା ଦାବିରେ ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସଙ୍କ ନେତୃତ୍ୱରେ ଟିପିଓଏନଡିଏ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଓଡିଶା ଏକ ବଳକା ବିଦ୍ୟୁତ୍ ରାଜ୍ୟ ହୋଇଥିଲେ ମଧ୍ୟ ଉପଭୋକ୍ତାମାନଙ୍କୁ ଉପଯୁକ୍ତ ବିଦ୍ୟୁତ୍ ସେବା ମିଳି ପାରୁନି । ବିଭିନ୍ନ ସମୟରେ ବିଦ୍ୟୁତ୍ ବିତରକ କମ୍ପାନୀ, ଗ୍ରିଡକୋ ଓ ଓଡିଶା ସରକାରଙ୍କ ଶକ୍ତି ବିଭାଗ ଗ୍ରାହକମାନଙ୍କୁ ଶୋଷଣ କରି ଚାଲିଛି । ୟୁନିଟ ପିଛା ବିଦ୍ୟୁତ୍ ଦର ଓଡିଶାରେ ଅନ୍ୟ ରାଜ୍ୟମାନଙ୍କ ଅପେକ୍ଷା ବହୁତ ଅଧିକ । ଓଡିଶାରୁ ବିଦ୍ୟୁତ୍ କ୍ରୟ କରି ଅନ୍ୟ ରାଜ୍ୟ ନିଜ ରାଜ୍ୟର ଉପଭୋକ୍ତାଙ୍କୁ କମ୍ ଦାମରେ ଯୋଗାଣ କରୁଛନ୍ତି । ଏପରିସ୍ଥଳରେ ଓଡିଶାର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି । ଏହି ପରିପ୍ରେକ୍ଷୀରେ ଶକ୍ତି ମନ୍ତ୍ରୀ ରାଜ୍ୟରେ ବିଦ୍ୟୁତ୍ କାଟ ହେଉ ନାହିଁ କହିବା ଦୁର୍ଭାଗ୍ୟଜନକ ବୋଲି ଟିପିଓଏନଡିଲ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାସ କହିଛନ୍ତି । ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ ଓ ଶକ୍ତି ସଚିବଙ୍କ କଥାରେ ତାଳମେଳ ରହୁ ନାହିଁ । ନିରବଚ୍ଛିନ୍ନ ସେବା ବଦଳରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଦିନରେ ୮ରୁ ୧୨ ଘଣ୍ଟା ବିଦ୍ୟୁତ୍ କାଟ୍ ଅଘୋଷିତ ଭାବରେ ହେଉଛି । ଏହା ନିରନ୍ତର ୨୩ ବର୍ଷ ଶାସନ କ୍ଷମତାରେ ଥିବା ବିଜେଡି ସରକାରଙ୍କ ସଫଳତା କି ବୋଲି ପ୍ରଶ୍ନ କରିଛନ୍ତି ଭଦ୍ରକ ବିଧାନସଭା କ୍ଷେତ୍ରର କଂଗ୍ରେସ ନେତା ନଳିନୀ ମହାନ୍ତି । ୨ହଜାରରୁ ୨୦୦୯ ପର୍ଯ୍ୟନ୍ତ ସରକାର ବିଦ୍ୟୁତ ଭିତ୍ତିଭୂମୀର ବିକାଶ ପାଇଁ ୨୨ ହଜାର କୋଟି ଓ ୨୦୧୦ରୁ ଆଜି ପର୍ଯ୍ୟନ୍ତ ୨୦ ହଜାର କୋଟି ଏହି ବିକାଶ ଦିଗରେ ଖର୍ଚ୍ଚ କରିଥିବା ସରକାର ଦର୍ଶାଉଛନ୍ତି । ସରକାର ଗତ ୨୩ ବର୍ଷ ମଧ୍ୟରେ ବିଦ୍ୟୁତ୍ ସେବାର ଭିତ୍ତିଭୂମୀ ବିକାଶ ପାଇଁ ଯଦି ୪୨ ହଜାର କୋଟି ଖର୍ଚ୍ଚ କରିଛନ୍ତି ତେବେ ତେବେ ଟାଟା ପାୱାର ସିଇଓ ପ୍ରବୀନ ସିହ୍ନା ରାଜ୍ୟର ଭିତ୍ତିଭୂମୀ ରୁଗଣ ଅବସ୍ଥାରେ ଅଛି ବୋଲି କିପରି କହୁଛନ୍ତି ? ତେଣୁ ଗରିବ, ମଧ୍ୟବିତ୍ତ ପରିବାର, ଚାଷୀଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ କାଟ ବନ୍ଦ କରିବା, ଗୁଣାତ୍ମକ ସେବା ଯୋଗାଇବା, ବିଦ୍ୟୁତ୍ ଦର କମ୍ କରିବା, ବିଲିଂ ଓ ଦେୟ ଏକ ନିର୍ଦ୍ଦିଷ୍ଟ ତାରିଖରେ ଆଦାୟ କରିବା, ସୁଧ ସହ ବିଲ ଆଦାୟ ବନ୍ଦ କରିବା, ଭିତ୍ତିଭୂମୀ ପାଇଁ ଖର୍ଚ୍ଚ କରାଯାଇଥିବା ଅର୍ଥ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରିବା ପାଇଁ ଉକ୍ତ ପ୍ରତିବାଦ ସଭାରେ ଯୋଗ ଦେଇଥିବା ବହୁ ନେତୃମଣ୍ଡଳୀ ଦାବି ଉଠାଇଥିଲେ । ଶେଷରେ ରାଜ୍ୟ ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ଓ ଗ୍ରୀଡକୋ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ପ୍ରଭାରୀ ନିଶିକାନ୍ତ ମିଶ୍ର, ପ୍ରାକ୍ତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଦିଗମ୍ବର ଦାସ, ବିଦ୍ୟାଧର ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚାନ୍ଦ, ଗୋଲକ ପ୍ରସାଦ ବେହେରା, ରଜନୀ ଚାନ୍ଦ, ରମେଶ ବଳ, ତ୍ରୈଲୋଚନ ପଣ୍ଡା, ଅଭିଷେକ ରାଉତ, ଭକ୍ତରଂଜନ ପଟ୍ଟନାୟକ, ପ୍ରସନ୍ନ ଧଳ, ପିତବାସ ଧଳ, ଅବଦୁଲ ମୋକିତ ଖାନ, ମଞ୍ଜୁଲତା ପଣ୍ଡା, ସୁଷାନ୍ତ ମହାକୁଡ଼, ସୁବ୍ରତ ଦାସ, ପ୍ରଦ୍ୟୁମ୍ନ ଦାସ, ବିଜୟ ବାରିକ, ନିଶିକାନ୍ତ ନାୟକ, ନାରାୟଣ ଚନ୍ଦ୍ର ପାଢ଼ୀ, ସୁବ୍ରତ ବେହୁରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।

# ଓଡିଶା ସୀମା ଭିତର ଜମିକୁ ଆନ୍ଧ୍ରପ୍ରଦେଶର ଜବରଦସ୍ତ ଦଖଲ ଉଦ୍ୟମ
# ଲାଉଗୁଡ଼ା ଗାଁକୁ ତଦନ୍ତ କମିଟିର ଗସ୍ତ



ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଗୁପାଡୁ ପଞ୍ଚାୟତର ଲାଉଗୁଡ଼ା ଗାଁକୁ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର କର୍ମକର୍ତ୍ତାଗଣ ତଦନ୍ତ କରିବା ପାଇଁ ଯାଇଥିଲେ । ଲାଉଗୁଡ଼ା ଗାଁର ଆଦିବାସୀ ଲୋକମାନେ ପୂର୍ବ ପୁରୁଷରୁ ଯେଉଁ ସବୁ ଜମିକୁ ଭୋଗ ଦଖଲ କରି ଚାଷବାସ କରୁଥିଲେ ତାହାକୁ ଆନ୍ଧ୍ରପ୍ରଦେଶର କେଦାରପୁର ଗାଁର କିଛି ମୁଷ୍ଟିମେୟ ଲୋକମାନେ ଆଦିବାସୀ ମହିଳା ଓ ପୁରୁଷମାନଙ୍କୁ ଆକ୍ରମଣ କରିଛନ୍ତି । ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ରାମନାଗୁଡା ବ୍ଲକର ଲାଉଗୁଡ଼ା ଗାଁ ଜମି ସମସ୍ୟା ନେଇ ବହୁବାର ତହସିଲଦାରଙ୍କୁ ଅବଗତ କରାଇବା ସହ ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ହେଲେ ପ୍ରଶାସନର ନିରବତା ଓ ଏହାର ସମାଧାନପାଇଁ ପଦକ୍ଷେପ ନ ନେବା ଫଳରେ ଏ ଘଟଣା ଘଟିଛି ବୋଲି ଆଦିବାସୀ ମୋର୍ଚ୍ଚା ସଙ୍ଘ ପକ୍ଷରୁ କୁହାଯାଇଛି । ଉକ୍ତ ଘଟଣା ପ୍ରଶାସନ ପକ୍ଷରୁ ଗୁରୁତର ଭାବେ ତଦନ୍ତ କରି ଆଦିବାସୀମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମୋର୍ଚ୍ଚା ପକ୍ଷରୁ କୁହାଯାଇଛି । ଓଡିଶା ସରକାର ଓ ଆନ୍ଧ୍ର ସରକାର ଆଲୋଚନା କରି ଦୁଇ ଗାଁକୁ ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା କରାଯାଉ । ନଚେତ୍ ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା କରିବା ପାଇଁ ଆଦିବାସୀ ସଂଘର୍ଷ ମୋର୍ଚ୍ଚା(ଏଏସ୍ଏମ୍)ର କେନ୍ଦ୍ର କମିଟି ସଭ୍ୟ ତ୍ରିପତି ଗମାଙ୍ଗଙ୍କ ସହ ଦାସୁରୁ ବିଡିକା , ମୋଜେସ ବିଡିକା , ରମେଶ ପାତିକା , ଗୋବିନ୍ଦ ବିଡିକା , ଛାନ୍ତି ମଣ୍ଡାଙ୍ଗି , ରାମଦାସ ନିମାଲା ପ୍ରମୁଖ ଦାବି କରିଛନ୍ତି ।

# ଭାରତୀୟ ଜନତା ପାର୍ଟିର ଗରିବ କଲ୍ୟାଣ ଯୋଜନା ଲାଭାର୍ଥୀ ସମାବେଶ



ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ଗୁଣପୁର ଭାରତୀୟ ଜନତା ପାର୍ଟି ତରଫରୁ ଏକ ବୈଠକ ହୋଇଛି । ସେହି ବୈଠକରେ ଉପସ୍ଥିତ ଥିବା ବିଜେପି ଜିଲ୍ଲା ଉପସଭାପତି ୱାଇ.ଗଣପତି, ପୂର୍ବତନ ନଗର ସଭାପତି ଶ୍ରୀନିବାସ ସାଇଁ, ଏସଟି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର ଓ ନୂତନ ଭାବେ ଚୟନ ହୋଇଥିବା ଗୁଣପୁରର ନଗର ସଭାପତି ତଥା ଅମର ଭାଇ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ହେଲା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ଘୋଷଣା ହୋଇଥିବା ୬୭ଟି ଯୋଜନା କିପରି କାର୍ଯ୍ୟକାରୀ ହୋଇଛି ଏବଂ ଜନ ସାଧାରଣ ପାଖକୁ କିପରି ଏହି ଯୋଜନାଗୁଡିକ ପହଞ୍ଚାଯିବ ଏହି ବିଷୟରେ ଆଲୋଚନା ହୋଇଥିଲା । ବିଜେପି ପୂର୍ବତନ ନଗର ସଭାପତି ଓ ଜିଲ୍ଲାର ଉପସଭାପତି ନିଜ ଅଭିଭାଷଣରେ କହିଥିଲେ ରାଜ୍ୟ ସରକାରଙ୍କ ମନମୁଖୀ ଶାସନକୁ ତୀବ୍ର ନିନ୍ଦା କରି କହିଥିଲେ । କେନ୍ଦ୍ର ସରକାରଙ୍କ ବହୁ ଯୋଜନା ଗରିବ ଲୋକମାନେ କିପରି ଲାଭବାନ ନପାଅନ୍ତୁ ଏପରି ରାଜ୍ୟ ସରକାର ଚାହୁଁଛନ୍ତି ବୋଲି କଟାକ୍ଷ ସମାଲୋଚନା କରିଥିଲେ । ତେଣୁ ଭାରତୀୟ ଜନତା ପାର୍ଟି ଗୁଣପୁର ତରଫରୁ ନିଷ୍ପତ୍ତି ନିଆଯାଇଛି ଯେ କେନ୍ଦ୍ରର ସବୁ ପ୍ରକାର ଯୋଜନା ଗରିବ ଲୋକମାନଙ୍କ ପାଖକୁ କିପରି ପହଞ୍ଚିବ ତାପାଇଁ ଅଣ୍ଟା ଭିଡିଛନ୍ତି ବିଜେପି କର୍ମୀମାନେ । ତତ୍‌ସଙ୍ଗେ ମୁଖ୍ୟ ବୈଠକରେ ବିଜେପି ନଗର ମଣ୍ଡଳର ୧୬ ଜଣିଆ କମିଟିର ନାମ ଉପସ୍ଥାପନା କରାଯାଇଛି । ଏହି କମିଟିକୁ ନେଇ ଆଗାମୀ ୨୦୨୪ ନିର୍ବାଚନରେ ବିଜେପି କିପରି ପ୍ରଦର୍ଶନ ଦେଖାଇବ ସେ ବିଷୟରେ ନୂତନ ରଣନୀତି ତିଆରି କରିଛି । ଶେଷରେ ଗୁଣପୁର ନଗରର ଉପସଭାପତି ଭଗବାନ ଚୌଧୁରୀ କର୍ମୀମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ଧାନ କ୍ରୟ ସହିତ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ ଦାବି

ଜୟପୁର, (ହି.ସ.) - କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଜିଲା ଯୋଗାଣ ଅଧିକାରିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ମଂଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ଜିଲା ଯୋଗାଣ ଅଧିକାରିଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଆଜି ୨୭।୬।୨୩ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଧାନ କ୍ରୟ କେନ୍ଦ୍ରରେ ବହୁ ଚାଷୀଙ୍କ ଧାନ କ୍ରୟକାରି ସଂସ୍ଥାର ମନମାନୀ, ମିଲ ମାଲିକଙ୍କ ଦୌରାତ୍ମ୍ୟ, ପ୍ରଶାସନର ଅପରାଗତା ଯୋଗୁଁ ଜିଲାର ହଜାର ହଜାର ଚାଷି ଧାନ ବିକ୍ରି କରିନପାରି ଦୁର୍ଦ୍ଦିନ ଓ ଆର୍ଥିକ ଅନାଟନର ଶିକାର ହୋଇଛନ୍ତି । ପ୍ରଶାସନ ସବୁ ଜାଣି ନିରବ ଦ୍ରଷ୍ଟା ସାଜି ଚୁପ ହୋଇ ବସିଛନ୍ତି । ବିଗତ ଦିନରେ ଯେତିକି ଚାଷୀଙ୍କ ଧାନକ୍ରୟ କରାଯାଇଛି ତାଙ୍କ ଟଙ୍କା ମଧ ଦିଆଯାଇ ନାହିଁ । ମିଲର ୮ରୁ ୧୦ କେଜି ଧାନକ୍ୱିଂଟାଲ ପ୍ରତି ଅଧିକ ନେଉଥିବା ସହିତ ଚାଷୀଙ୍କ ପରିବହନ ଖର୍ଚ୍ଚ ବହନ କରିବା ସହିତ ହେଣ୍ଡଲିଙ୍ଗ ଖର୍ଚ୍ଚ ମଧ ଦେଉ ନାହାଁନ୍ତି । ଯଦ୍ୱାରା ଚାଷି ବର୍ତମାନ ରବି ଋତୁରେ ଜିଲାରେ ଧାନ ବିକ୍ରୟ ଜନିତ କ୍ଷତି ୧୫ରୁ ୨୨ କୋଟି ଟଙ୍କା ହେବ । ଏଣୁ ପ୍ରଶାସନକୁ ଅନୁରୋଧ ଅବଶିଷ୍ଟ ଚାଷିଙ୍କ ଧାନ ତୁରନ୍ତ କ୍ରୟ କରାଯିବା ସହିତ ଆଗରୁ ଯେଉଁ ଚାଷିମାନେ ଧାନ ବିକ୍ରି କରିଛନ୍ତି ସେମାନଙ୍କ ଏକାଉଂଟକୁ ତୁରନ୍ତ ଅର୍ଥ ଜମା କରାଯିବା ସହିତ ଜିଲାରେ ଅଭାବି ବିକ୍ରି ଯେପରି ବନ୍ଦ ହେବ ସେଥି ପ୍ରତି ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ୫ଟିର ସଚ୍ଛତା ପ୍ରତିପାଦିତ କରୁ । ନଚେତ ଆଗାମି ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ପ୍ରଶାସନ ସମ୍ପୁର୍ଣ୍ଣ ଉତରଦାୟୀ ରହିବ । ଏହି ଦାବି ପତ୍ରର ନକଲ ଡିଆରସିଏସ, ଉପ ଜିଲାପାଳ, ଏସପି ଭିଜିଲାନ୍ସଙ୍କୁ ପ୍ରଦାନ କରାଯାଇଛି ।

# ସାପ କାମୁଡ଼ାରେ ନାବାଳିକା ମୃତ

ଚମ୍ପୁଆ, (ହି.ସ.)- ଚମ୍ପୁଆ ବ୍ଲକ ଅନ୍ତର୍ଗତ ରାଇଗୁଡ଼ି ଗ୍ରାମରେ ସାପ କାମୁଡାରେ ଏକ ନାବାଳିକା କରିସ୍ମା ମହାକୁଡ଼ (୧୨)ଙ୍କ ମୃତ୍ୟୁ ଘଟିଛି । ଗତ ରାତିରେ ତାକୁ ସାପ କାମୁଡିବା ପରେ ପରିବାର ଲୋକେ ଚମ୍ପୁଆ ଡାକ୍ତରଖାନାକୁ ଆଣିଥିଲେ । କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ କରଞ୍ଜିଆ ପଂଚାୟତ ଅନ୍ତର୍ଗତ ରାଇଗୁଡ଼ି ଗ୍ରାମର କୁଶଧର ମହାକୁଡ଼ଙ୍କ ଝିଅ କରିସ୍ମା ମହାକୁଡ଼ (୧୨)ଙ୍କୁ ରାତିରେ ଶୋଇଥିବା ଅବସ୍ଥାରେ ସାପ କାମୁଡିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଛି । ରାତିରେ ପରିବାରର ୫ ଜଣ ସଦସ୍ୟ ପ୍ରତିଦିନ ପରି ଖାଇପିଇ ମସିଣା ପାରି ଶୋଇ ଥିଲେ । ରାତି ପ୍ରାୟ ୧୧ଟା ୩୦ ମିନିଟ ସମୟରେ କରିସ୍ମା ସାପ ସାପ କହି ପାଟି କରିବାରୁ ସମସ୍ତେ ନିଦରୁ ଉଠି ଘର ଭିତରେ ଏକ ଚିତି ସାପ ଥିବାର ଦେଖିଥିଲେ । କିନ୍ତୁ ସାପଟି ଯେ କରିସ୍ମାକୁ କାମୁଡ଼ି ସାରି ଥିଲା ସେକଥା କେହି ଜାଣି ପାରି ନ ଥିଲେ । କିଛି ସମୟ ପରେ କରିସ୍ମା ହଠାତ କଷ୍ଟରେ ଛଟ ପଟ ହେବାରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଆମ୍ବୁଲାନ୍ସ ଯୋଗେ କରିସ୍ମାକୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ରେଳ ଧାରଣାରୁ ମିଳିଥିବା ଅପରିଚିତ ମହିଳାଙ୍କ ଶବ ସତ୍କାର କଲା ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗିର, (ହି.ସ.)- ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଅନ୍ତର୍ଗତ ବଲାଙ୍ଗିର-ସଇଁନ୍ତଲା ରାସ୍ତାରେ ଥିବା ରେଲୱେ ଓଭରବ୍ରିଜ ନିକଟ ରେଳ ଧାରଣାରୁ ଜଣେ ବୟସ୍କା ମହିଳାଙ୍କୁ ମୃତ ଅବସ୍ଥାରେ ବଲାଙ୍ଗିର ଜିଆରପି ପୋଲିସ ଉଦ୍ଧାର କରିଥିଲା । ଘଟଣାର ତଦନ୍ତ ପାଇଁ ବଲାଙ୍ଗିର ଜିଆରପି ଥାନାରେ ଏକ ମାମଲା ରୁଜୁ କରି ଜିଆରପି ପୋଲିସ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇଥିଲା । ମୃତ ମହିଳାଙ୍କ ପରିଚୟ ସନ୍ଧାନରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲସ୍ଥିତ ଶବ ସଂରକ୍ଷଣ କେନ୍ଦ୍ରରେ ଶବକୁ ଜିଆରପି ପୋଲିସ ୯୬ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ ରଖିଥିଲା । ପରେ ମୃତ ମହିଳାଙ୍କ ପରିଚୟ ମିଳିପାରି ନ ଥିବାରୁ ଜିଆରପି ପୋଲିସ ଏହି ଅଜ୍ଞାତ ଶବର ସତ୍କାର ନିମନ୍ତେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସହ ଯୋଗାଯୋଗ କରିଥିଲା । ଖବର ପାଇ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ସ୍ୱର୍ଗରଥ ଧରି ଶବ ସଂରକ୍ଷଣ କେନ୍ଦ୍ରରେ ପହଂଚି ଥିଲେ । ସମସ୍ତ ଔପଚାରିକତା ପରେ ଜିଆରପି ପୋଲିସ ଉପସ୍ଥିତିରେ ସଂଗଠନର ସଦସ୍ୟମାନେ ଶବକୁ ସଂରକ୍ଷଣ କେନ୍ଦ୍ରରୁ ବାହାର କରି ସ୍ୱର୍ଗରଥ ଯୋଗେ ବିଭୁତିପଡା ଶ୍ମଶାନକୁ ନେଇଥିଲେ । ସେଠାରେ ସସମ୍ମାନେ ସେହି ଅଜ୍ଞାତ ମହିଳାଙ୍କ ଶେଷ ସଂସ୍କାର ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା କରାଯାଇଥିଲା । ଏହି ଅନ୍ତିମ ସଂସ୍କାର କାର୍ଯ୍ୟରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ଏମ୍.ଡି. ବବଲୁ ଓ ରାହୁଲ ବାଗ ଏବଂ ସ୍ଥାନୀୟ ଧର୍ମେନ୍ଦ୍ର କୁମ୍ଭାର ସହଯୋଗ କରିଥିବା ବେଳେ ଆବଶ୍ୟକୀୟ କାଠ ଓ ଅନ୍ୟାନ୍ୟ ଉପଯୁକ୍ତ ସାମଗ୍ରୀ ଯୋଗାଇବାରେ ଯୁବ ସମାଜସେବୀ ଟୁନା ମିଶ୍ର ସହଯୋଗ କରିଥିଲେ ।

# କନ୍ଧମାଳ ଜିଲ୍ଲା ସୌଣ୍ଡିକ ସମାଜର ବାର୍ଷିକ ଉତ୍ସବ

କନ୍ଧମାଳ ହି.ସ.) - ସଦର ବ୍ଲକ ଅନ୍ତର୍ଗତ ଘୋଡାଗାଡୁ ଗ୍ରାମ ଠାରେ ସୌଣ୍ଡିକ ସମାଜର ଦୁଇ ଦିନିଆ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶୃଙ୍ଖଳିତ ସମାଜ ଗଠନ ରେ ଯୁବ ସମାଜର ଭୂମିକା ଉପରେ ଅଧ୍ୟାପକ ସୁଦାମ ଚରଣ ବେହେରା ଆଲୋଚନା କରିଥିଲେ । ସେହିପରି ସମାଜରେ ମହିଳା ମାନଙ୍କ ଭୂମିକା ଉପରେ ଅବସରପ୍ରାପ୍ତ ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ବିଶଦ ଭାବେ ଆଲୋଚନା କରିଥିଲେ । ଏହି ଉତ୍ସବରେ ଯୌତୁକ ପ୍ରଥା ହଟାଇବା ଓ ଗୋଷ୍ଠୀ ମଧ୍ୟରେ ଶିକ୍ଷା ର ପ୍ରସାର ଉପରେ ବକ୍ତା ମାନେ କହି ଥିଲେ । ଏହା ପରେ ଦିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇ ଥିଲା । ଏଥିରେ ବିଜୟ କୁମାର ସାହୁ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ଭାବେ ଭାବ ଗ୍ରାହୀ ପ୍ରଧାନ, ମହିଳା ସଭାନେତ୍ରୀ ଭାବେ ମଞ୍ଜୁଳା ପ୍ରଧାନ, ଯୁବ ଗୋଷ୍ଠୀ ସଭାପତି ଭାବେ ପୀତବାସୀ ସାହୁ ସମ୍ପାଦକ ଭାବେ ଅଶୋକ କୁମାର ବେହେରା, ସହ ସମ୍ପାଦକ ଭାବେ ମୃତ୍ୟୁଞ୍ଜୟ ସାହୁ ଓ କୋଷାଧକ୍ଷ ଭାବେ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଥିଲେ । ଦ୍ୱିତୀୟ ଦିବସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହା ସମେତ କେଳାପଡା ଓ ସାରଙ୍ଗଡ଼ ଗ୍ରାମର ୨ ଜଣ ଅସହାୟ ଯୁବକ ଯୁବତୀଙ୍କ ମଧ ରେ ବିବାହ କାର୍ଯ୍ୟ ସମାଜ ପକ୍ଷରୁ ଆୟୋଜନ କରାଯାଇଥିଲା । ଉତ୍ସବରେ ଅନ୍ୟ ମାନଙ୍କ ମଧରେ ପୂର୍ବତନ ସଭାପତି ରାଜକିଶୋର ବେହେରା, ନାରାୟଣ ସାହୁ, ପିତାମ୍ବର ସାହୁଙ୍କ ସମେତ ଶତାଧିକ ଅଧିକ ସଭ୍ୟା ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ୩ ଜଣ ମେଧାବୀ ଛାତ୍ର ଛାତ୍ରୀ ଓ ଜଣେ ବରିଷ୍ଠ ସଭ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

# ‘ଟ୍ରେଲବ୍ଲେଜର ପୁରସ୍କାର’ ପ୍ରଥମ ସଂସ୍କରଣରେ ସେଲ୍ ରାଉରକେଲା ଇସ୍ପାତ କାରଖାନାର ୧୦ ଅଧିକାରୀ ପୁରସ୍କୃତ



ରାଉରକେଲା(ପିପିଏସ୍): ସେଲ ରାଉରକେଲା ଇସ୍ପାତ କାରଖାନାର ଇ-୬ ସ୍ତର ପର୍ଯ୍ୟନ୍ତ ଦଶଜଣ ଅଧିକାରୀଙ୍କୁ ଜାନୁଆରୀ ମାସରେ ଆରମ୍ଭ ହୋଇଥିବା ପ୍ରୋତ୍ସାହନ ଯୋଜନା ‘ଟ୍ରେଲବ୍ଲେଜର ପୁରସ୍କାର’ ପ୍ରଥମ ସଂସ୍କରଣରେ ପୁରସ୍କୃତ କରାଯାଇଛି । ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଏହି ଉପଲକ୍ଷେ ଜୁନ୍ ୨୪ ତାରିଖରେ ରାଉରକେଲା କ୍ଲବରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଏଜିଏମ୍ ପୀତାମ୍ବର ଶତପଥୀ, କୋକ୍ ଓଭେନ ବିଭାଗର ଏଜିଏମ୍ ଭେଙ୍କଟାୟା ମିସାଲା, ହଟ ଷ୍ଟ୍ରିପ ମିଲ-୧ ବିଭାଗର ସିନିୟର ମ୍ୟାନେଜର ଚିତ୍ରସେନ ତାର୍ଜନ, ହଟ ଷ୍ଟ୍ରିପ ମିଲ-୨ ବିଭାଗର ଡ଼ିଜିଏମ ଶ୍ରୀ ସନ୍ୟାସୀ ଚରଣ ସାହୁ, ଏଚଆରଡ଼ି ବିଭାଗର ଏଜିଏମ କୃଷ୍ଣ କୁମାର ଜୟଶ୍ୱାଳ, ବିଆଇଏମ୍ ର ଆସିଷ୍ଟାଣ୍ଟ ମ୍ୟାନେଜର ଘନଶ୍ୟାମ ପଲେ, ବିଓଏମର ଡେପୁଟି ମ୍ୟାନେଜର ଶ୍ରୀ ହରବିନ୍ଦର ସିଂହ, ନୂତନ ପ୍ଲେଟ ମିଲର ସିନିୟର ମ୍ୟାନେଜର ନବୀନ ରାଜଭାରପୁ, ସିଣ୍ଟେରିଙ୍ଗ ପ୍ଲାଣ୍ଟ -୧ ବିଭାଗର ଏଜିଏମ ପ୍ରଭାତ କୁମାର ଦାସ ଏବଂ ଏସଏମଏସ-୨ ବିଭାଗର ମ୍ୟାନେଜର ମଲଞ୍ଚା ତ୍ରିପାଠୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପିକେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, ବିତ୍ତ ଓ ଲେଖା ବିଭାଗର ସିଜିଏମ ଇନଚାର୍ଜ ଏକେ ବେହୁରିଆ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ପୁରସ୍କାର ବିଜେତାମାନେ ସପତ୍ନୀକ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଉତ୍ପାଦନ, ଉତ୍ପାଦକତା, ବୈଷୟିକ ଆର୍ଥିକ ପରିମାପକତା, ସୁରକ୍ଷା, ଗୁଣବତ୍ତା, ରକ୍ଷଣାବେକ୍ଷଣ ଅଭ୍ୟାସ, ମୂଲ୍ୟ ହ୍ରାସ / ଡିଜିଟାଲାଇଜେସନ୍ ତଥା ବ୍ୟବସ୍ଥାଗତ ଉନ୍ନତି ସାଧନରେ ଫ୍ରଣ୍ଟଲାଇନ ଅଧିକାରୀଙ୍କ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଅତନୁ ଭୌମିକଙ୍କ ମାର୍ଗଦର୍ଶନରେ ଏହି ପ୍ରେରଣାଦାୟକ ପୁରସ୍କାରର ପ୍ରବର୍ତ୍ତନ କରାଯାଇଛି । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ଭୌମିକ ଟ୍ରେଲବ୍ଲେଜରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବେ ବୋଲି ଆଶା ପ୍ରକଟ କରିଥିଲେ । ଜଣେ ବ୍ୟକ୍ତିଙ୍କ ସଫଳତାରେ ଜୀବନସାଥିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ମଧ ସେ ମତବ୍ୟକ୍ତ କରିଥିଲେ । ସୃଜନଶୀଳତା କିମ୍ବା ନବସୃଜନର କୌଣସି ସୀମା ନାହିଁ ବୋଲି ଉଲ୍ଲେଖ କରି ଶ୍ରୀ ସୂର୍ଯ୍ୟବଂଶୀ ପୁରସ୍କାର ବିଜେତାମାନଙ୍କୁ ନୂତନ କୌଶଳ ଅନୁସନ୍ଧାନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରୋତ୍ସାହନ ଯୋଜନା ବିଷୟରେ ଉଲ୍ଲେଖ କରି ଶ୍ରୀ ଶତପଥୀ କହିଥିଲେ ଯେ ଏହି ଅର୍ଦ୍ଧବାର୍ଷିକ ଯୋଜନା ଅଧିକାରୀମାନଙ୍କ ଉଦ୍ୟୋଗୀ ପ୍ରୟାସର ପ୍ରୋତ୍ସାହନ ପାଇଁ ଲକ୍ଷ୍ୟ ରଖିଛି । ଏହିପରି ଏକ ଅନନ୍ୟ ପୁରସ୍କାର ଯୋଜନା ଆରମ୍ଭ ପାଇଁ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇ ଶ୍ରୀ ସାହୁ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ପ୍ରଦର୍ଶନକୁ ପରବର୍ତ୍ତୀ ସ୍ତରକୁ ବୃଦ୍ଧି କରିବାକୁ ଉତ୍ସାହିତ କରିଥିଲେ । କାରଖାନାକୁ ସଫଳତାର ଉଚ୍ଚତର ସୋପାନକୁ ନେବା ପାଇଁ ନବସୃଜନ ପ୍ରୟାସର ଆବଶ୍ୟକତା ଉପରେ ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଥିବାବେଳେ ଡକ୍ଟର ହୋତା ପୁରସ୍କାର ବିଜେତାମାନଙ୍କୁ ଆହ୍ୱାନମୂଳକ କାର୍ଯ୍ୟ ଅନୁସନ୍ଧାନ ପାଇଁ ପରାମର୍ଶ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ ବ୍ଲାଷ୍ଟ ଫର୍ଣ୍ଣେସ-୫ର ବିଦ୍ୟମାନ ରିଟିଲ୍ଟିଙ୍ଗ୍ ରନର୍ସର ଡକ୍ଟ ପରିବର୍ତ୍ତନ ଏବଂ ପୁନଃନିର୍ମାଣ ପାଇଁ ପୀତାମ୍ବର ଶତପଥୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଫ୍ଲେମ ରୋକିବା ପାଇଁ ଚାର୍ଜିଂ ଛିଦ୍ରରେ ସ୍ଥାପନା ପାଇଁ ଏକ ରିଙ୍ଗ ପ୍ରସ୍ତୁତ କରିଥିବାରୁ ଶ୍ରୀ ଭେଙ୍କଟିଆ ମିସାଲାଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ଏଚଆର କଏଲ କନଭେୟର-୪ ପାଇଁ ନିଜସ୍ୱ ଟ୍ରାକ ବିମ ନିର୍ମାଣ ପାଇଁ ଶ୍ରୀ ଚିତ୍ରସେନ ତାର୍ଜନ ପୁରସ୍କାର ଲାଭ କରିଥିବା ବେଳେ ସନ୍ୟାସୀ ଚରଣ ସାହୁଙ୍କ ଦ୍ୱାରା ଏଜିସି ସିଲିଣ୍ଡର ମରାମତି ପାଇଁ ତାଙ୍କୁ ସମ୍ମାନିତ କରାଯାଇଥିଲା । ଏଚଆରଡ଼ି କେନ୍ଦ୍ରରେ ପ୍ରଥମ ଥର ପାଇଁ ଭର୍ଚୁଆଲ୍ ଗ୍ରୀଷ୍ମ ଅବକାଶ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିବାରୁ କେକେ ଜୟଶ୍ୱାଳଙ୍କୁ ପୁରସ୍କୃତ କରାଯାଇଥିବାବେଳେ ନିୟର ମିସ୍ ମାମଲାର ସୁପାରିଶ, ସଚେତନତା ସୃଷ୍ଟି ତଥା ସୁପାରିଶ ମାଧ୍ୟମରେ ଖଣିଗୁଡ଼ିକର ସୁରକ୍ଷା କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ଘନଶ୍ୟାମ ପଲେଇଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁରୂପ ଭାବେ ବଲାଣି ଲୌହ ଖଣିରେ ଷ୍ଟାକିଂ କଣ୍ଟ୍ରାକ୍ଟ ପାଇଁ ବିଭାଗୀୟ ଓଜନ ବ୍ରିଜ ବ୍ୟବହାର ଚିହ୍ନଟ କରିଥିବାରୁ ହରବିନ୍ଦର ସିଂଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଏନପିଏମରେ ଲେଜର ଦୈର୍ଘ୍ୟ ମାପ ପ୍ରଣାଳୀ ସ୍ଥାପନା ପାଇଁ ନବୀନ ରାଜଭାରପୁଙ୍କୁ ପୁରସ୍କୃତ କରାଯାଇଥିଲା । ସିଣ୍ଟେରିଙ୍ଗ ପ୍ଲାଣ୍ଟ-୧ରେ କୋଲ୍ଡ ସ୍କ୍ରୀନ ୫୭ ଅଞ୍ଚଳରେ ପୁରୁଣା ଢାଞ୍ଚା ଭଙ୍ଗା ଯାଇ ଏହା ସ୍ଥାନରେ ନୂତନ ଯନ୍ତ୍ରାଂଶର ସ୍ଥାପନା ଭଳି ଅଭିନବ ପ୍ରୟାସ ପାଇଁ ପ୍ରଭାତ କୁମାର ଦାଶଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରେନ ଉପଲବ୍ଧତାର ଉନ୍ନତିରେ ଅବଦାନ ପାଇଁ ଏମ ତ୍ରିପାଠୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କାର୍ମିକ ପିଏଲଓଡ଼ି ବିଭାଗର ଡ଼ିଜିଏମ ଏସ୍ ବଡପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଗାଳ୍ପିକ ସୁରେନ୍ଦ୍ର ଜେନାଙ୍କ ପ୍ରଥମ ଗଳ୍ପ ସଙ୍କଳନ ‘ସୂର୍ଯ୍ୟସ୍ନାତ’ଉନ୍ମୋଚିତ



ରାଉରକେଲା(ପିପିଏସ): ଛେଣ୍ଡ ସ୍ଥିତ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସଭାଗୃହ ପ୍ରାଙ୍ଗଣରେ ଗାଳ୍ପିକ ସୁରେନ୍ଦ୍ର ନାଥ ଜେନାଙ୍କର ପ୍ରଥମ ଗଳ୍ପ ସଙ୍କଳନ ‘ସୂର୍ଯ୍ୟସ୍ନାତ’ ଉନ୍ମୋଚନ ଉତ୍ସବ ଓଡିଶା ସାହିତ୍ୟ ଏକାଡେମିର ସଦସ୍ୟ କବି ରାଜୀବ ପାଣିଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା (ନାଇଜର) ଭୁବନେଶ୍ୱରର କୁଳ ସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ପୁସ୍ତକଟିକୁ ଭୂୟସୀ ପ୍ରଶଂସା କରିବା ସହ ସମାଜ ଉପରେ ସାହିତ୍ୟର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ ।ସମ୍ମାନୀୟ ଅତିଥି ଭାବରେ ଚିନ୍ମୟ ବିଦ୍ୟାଳୟର ଅଧକ୍ଷା ଶର୍ମିଷ୍ଠା କବିଶତପଥୀ ଓ ରାଉରକେଲା ମହାବିଦ୍ୟାଳୟର ଅଧାପକ କରୁଣାକର ପାଟଶାଣୀ ଉପସ୍ଥିତ ରହି ଗଳ୍ପଗୁଡିକର ସମୀକ୍ଷା କରିଥିଲେ । ସଭାପତି ରାଜୀବ ପାଣି ଗୋଟିଏ ଗଳ୍ପ ପାଠକରି ଶ୍ରୋତାମାନଙ୍କୁ ଶୁଣାଇଥିବା ବେଳେ ରାଜକୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ମହେନ୍ଦ୍ର କୁମାର ପଟ୍ଟନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ରଶ୍ମିବାଳା ରାଉତରାୟ,, ଶରତ ଦାସ, ଅଶୋକ ବଳ, ବିଜୟିନି ଜେନା ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗାଳ୍ପିକ, ସାହିତ୍ୟ ସାରସ୍ୱତ ସ୍ରଷ୍ଟାମାନେ ଉପସ୍ଥିତ ଥିଲେ ।

# ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ସହ ଅନ୍ୟାନ୍ୟ ପ୍ରମୁଖ ବିଜୁଳି ସମସ୍ୟାର ସମାଧାନ ଦାବିରେ ଆପ୍‌ର ଆନ୍ଦୋଳନ

ଜୟପୁର, (ହି.ସ.) - କୋରାପୁଟ ଜିଲ୍ଲା ଜୟପୁରରେ ଆମ୍ ଆଦମୀ ପାର୍ଟି ତରଫରୁ ସନ୍ତୋଷ ମହାପାତ୍ରଙ୍କ ନେତୃତ୍ୱରେ ୨୦୦ ୟୁନିଟ୍ ଦେୟମୁକ୍ତ ମୁକ୍ତ ବିଜୁଳି , ଜିଲ୍ଲାରେ ନିରବିଛିନ୍ନ ବିଜୁଳୀ ଯୋଗାଣ ସହ ଦୁଇରୁ ତିନିଗୁଣା ଆସୁଥିବା ଭୁଲ ବିଲ୍‌ର ଉପଯୁକ୍ତ ତଦନ୍ତ ଦାବିରେ ବିଜୁଳି ଅଫିସ ଘେରାଉ କରାଯାଇଛି । ଗତ କିଛି ମାସ ହେବ କୋରାପୁଟ ଜିଲ୍ଲାରେ ବାରମ୍ବାର ଘଂଟା ଘଂଟା ଧରି ବିଜୁଳି କାଟ ହେଉଛି ବିନା ସୂଚନାରେ । ପ୍ରବଳ ଗରମ ଗୁଳୁଗୁଳିରେ ଏଭଳି ବିଜୁଳି କାଟ ଯୋଗୁଁ ଲୋକ ମାନେ ଅସ୍ତ ବ୍ୟସ୍ତ ହେଉଛନ୍ତି । ଇନଭୋଟର କମ୍ପାନୀ ସହ ବିଜୁଳୀ କମ୍ପାନୀର ବୁଝାମଣା ଯୋଗୁ ଏଭଳି ବିଜୁଳୀ କାଟ ହେଉଛି ବୋଲି ଜାଣିବାକୁ ମିଳୁଛି । ନୂଆ ବେସରକାରୀ ସଂସ୍ଥା ଦାୟିତ୍ୱ ନେବା ପରେ ଘର ର ବିଜୁଳି ବିଲ୍ ପର୍ବ ଅପେକ୍ଷା ଦୁଇରୁ ତିନିଗୁଣା ବର୍ଦ୍ଧିକି ଆସୁଚି । ଅଭିଯୋଗ ସତ୍ୱେ କୌଣସି ସୁଫଳ ମିଳୁନି ।

ଗତ ଜୁନ୍ ୮ ତାରିଖରେ ଆପ୍ ତରଫରୁ ଭୁବନେଶ୍ୱରରେ ହଜାର ହଜାର ଲୋକ ଏକାଠି ହୋଇ ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳୀ ପାଇଁ ଆନ୍ଦୋଳନ ହୋଇଥିଲା । କିନ୍ତୁ ତାହାର କୌଣସି ପ୍ରତିକ୍ରିୟା ସରକାରଙ୍କ ପାଖରୁ ଶୁଣିବାକୁ ମିଳିନି । ଉପରିସ୍ଥ ଅଭିଯୋଗର ଉପଯୁକ୍ତ ତଦନ୍ତ ଯଥାଶୀଘ୍ର କରି ସମାଧାନ କରିବା ସହ ଆପ୍ ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ବିତରଣକୁ ଯଥାଶୀଘ୍ର ଲାଗୁ କରିବାକୁ ଦାବି ରଖାଯାଇଛି । ଯଦି ଆମର ଉପରିସ୍ଥ ଦାବି ପୂରଣ ନହୁଏ ତେବେ ଆମ୍ ଆଦମୀ ପାର୍ଟି ଆଗକୁ କୋରାପୁଟ ଜିଲ୍ଲାରେ ବିରାଟ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲ୍ଲା କମିଟି ସଦସ୍ୟ ସନ୍ତୋଷ ମହାପାତ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କମିଟି ସଦସ୍ୟ ସନ୍ତୋଷ ମହାପାତ୍ର, ଯୁବ ନେତା ରାଜ୍ ମିଶ୍ର , ଗିରିଧାରୀ ଖୋରା ଏବଂ ମୁରଲୀ ବିଶୋଇ ଆଦି ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

## ନବ ବିବାହିତ ଦମ୍ପତିଙ୍କ ନିଆରା ବାର୍ତ୍ତା
# ଶିଶୁ ସୁରକ୍ଷା ଓ ଶିକ୍ଷାକୁ ନେଇ ସଚେତନତା

ହରିଚନ୍ଦନପୁର, (ହି.ସ.)- ନବ ବିବାହିତ ଦମ୍ପତି ସମାଜକୁ ଏକ ସୁନ୍ଦର ବାର୍ତା ଦେଉଥିବା ଫଟୋ ଏବଂ ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏପରି ଏକ ଘଟଣା କେନ୍ଦୁଝର ଜିଲ୍ଲା ଆଦିବାସୀ ବହୁଳ ହରିଚନ୍ଦନପୁର ବ୍ଲକ ଝାଲକାଣୀ ଗ୍ରାମରେ ଦେଖିବାକୁ ମିଳିଛି । ବିଭିନ୍ନ ରଙ୍ଗ ଓ ଆଲୋକ ମାଳାରେ ସାଜସଜ୍ଜା ହୋଇଥିବା ମଂଚ ଉପରେ ଉଭୟ ଦମ୍ପତି ସହ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ଦୁଇଟି ସ୍ଲେଟରେ ଚକ୍ ଖଡ଼ିରେ ଲେଖା ହୋଇଥିବା ସମସ୍ତ ଶିଶୁ ବିଦ୍ୟାଳୟ ଯିବା ଓ ବାଲ୍ୟ ବିବାହକୁ ବନ୍ଦ କରିବାକୁ ସମାଜକୁ ଏକ ସୁନ୍ଦର ବାର୍ତାଟିଏ ଦେଇଛନ୍ତି । ଏଥି ସହିତ ସମସ୍ତଙ୍କ ସହଯୋଗରେ ସୁସ୍ଥ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି । ମଂଚ ତଳେ ଉପସ୍ଥିତ ଥିବା ସାଙ୍ଗ, ସାଥୀ, ଭାଇ, ବନ୍ଧୁ ପରିଜନଙ୍କ କରତାଳିରେ ଉଚ୍ଛୁଳି ପଡୁଥିଲା ପୁରା ପରିବେଶ । ତେବେ ଯୁବ ଦମ୍ପତି ଜଣକ ଝାଲକାଣୀ ଗ୍ରାମର କେଦାର ମହାନ୍ତଙ୍କ ପୁତ୍ର ରଜତ କୁମାର ମହାନ୍ତ ବୋଲି ଜଣାପଡିଛି । ସେ କେନ୍ଦୁଝର ଜିଲ୍ଲାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ୱାୟାରରେ କାର୍ଯ୍ୟ କରୁଥିବା ବେଳେ ନବବଧୂ ଜଣକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ଶିକ୍ଷା ଓ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଭୟଙ୍କ ଏପରି ପଦକ୍ଷେପକୁ ସାରା ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ବାର୍ତା ଅନୁସାରେ ଜନସାଧାରଣ ସଚେତନ ହେବା ସହ ଗ୍ରାମାଂଚଳର ଲୋକଙ୍କ ପାଇଁ ଏକ ଉଦାହରଣ ବୋଲି କୁହାଯାଇଛି ।

# ଧାନ କ୍ରୟ କରୁନି ଏସ୍‌ଏଚ୍‌ଜି ଗ୍ରୁପ ପ୍ରଶାସନର ଦ୍ୱାରସ୍ଥ ହେଲେ ଚାଷୀ

ଜୟପୁର, (ହି.ସ.) - କୁନ୍ଦୁରା ବ୍ଲକ ଡଙ୍ଗରପାଉଁସିର ମହାମାୟି ଏସ୍‌ଏଚ୍‌ଜି ଗ୍ରୁପ ଧାନ କ୍ରୟ କରୁ ନଥିବାରୁ ଜିଲା ଯୋଗାଣ ଅଧିକାରିଙ୍କ କାର୍ଯ୍ୟାଳୟ ଜରିଆରେ ଜିଲାପାଳ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଡଙ୍ଗରପାଉସି, ମୁଟିଗୁଡାର ଚାଷି ଉମା ଶଙ୍କର ସାବତ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଚଳିତ ରବି ରୁତୁରେ ଭେଜାହାଣ୍ଡି ମୌଜାରେ ଥିବା ୪୦୯.୪୧୦ ପ୍ଲଟ ନମ୍ବର ଜମିରେ ଏଲଆଇ ପଏଂଟ ଓ ବରଓ୍ୱେଲରେ ୩ ଏକର ଜମି ଚାଷ କରି ଧାନ ବିକ୍ରୟ ସକାଶେ ପଂଜୀକରଣ କରିଥିଲେ । ସେହି ଅନୁଯାଇ ଧାନ ବିକ୍ରି ସକାଶେ ୫.୬.୨୩ ତାରିଖରେ ୭୬ କ୍ୱିଇଂଟାଲ ଧାନ ବିକ୍ରୟ ପାଇ ଟୋକନ ଆସିଛି । ଉକ୍ତ ଧନ ବିକ୍ରି ସକାଶେ ଚାଷି ଉମା ଶଙ୍କର ଏସଏସଗ୍ରୁପ ନିକଟକୁ ବାରମ୍ବାର ଦୌଡି ଥିଲେ ମଧ ଗ୍ରୁପର ଡିଓ ରମା କାନ୍ତ ମିଶ୍ର ମହିଳା ଏସଏସଜି ଗ୍ରୁପ ନିଜେ ଗାଡି ବ୍ୟବସ୍ଥା କରି ଧାନ ଲୋଡ ଓ ଓଜନ କରି ମିଲ କୁ ନେଇ ପହଂଚାଇ ସେଠାରେ ମିଲ ମାଲିକଙ୍କ ଦ୍ୱାରା କଟନି ଛଟନି କରି ଯେଉଁ ଧାନର ଓଜନ ସ୍ଲିପ ଦେବେ ସେହି ସ୍ଲିପ ଆଣି ଗ୍ରୁପରେ ଦେଖାଇଲେ ଆମେ ଏଂଟ୍ରି କରିବୁ । ନଚେତ ଏସଏସଜି ଗ୍ରୁପ ଧାନ କ୍ରୟ କରିବ ନାହିଁ ବୋଲି ଧମକ ଦେଇଥିବା ଉଲ୍ଲେଖ କରିଛନ୍ତି । ଫଳରେ ଚାଷି ଜଣକ ଆଜି ଯାଏ ଧନ ବିକ୍ରୟ କରି ପାରି ନାହଁନ୍ତି । ଆଗାମି ଖରିଫ ଚାଷ ସକାଶେ ବିହନ ଧାନ ସାର ଔଷଧ କ୍ରୟ କରି ପାରୁ ନାହାନ୍ତି । ତା ସହ ରବି ଋତୁରେ କରିଥିବା ବକେୟା ଋଣ ମଧ ସୁଝି ପାରୁ ନାହଁନ୍ତି । ଟାଙ୍କ ଧାନ ଉତମ ମାନର ହୋଇଥିବା ସ୍ଥଳରେ ପ୍ରଶାସନ ଯେଉଁ ଡାବ୍ଲୁଏସଏସଜି ଦ୍ୱାରା ଧାନ କ୍ରୟ କରୁଛି ତାହା କାହିଁକି କ୍ରୟ କରାଯାଉ ନାହିଁ ତାହାର ତଦନ୍ତ କରାଯାଉ । ତତ୍‌ସହିତ ଚାଷି ମିଲକୁ ଧାନ ନିଜ ଖର୍ଚ୍ଚରେ ପରିବହନ କରି ହେଣ୍ଡଲିଙ୍ଗ ଚାର୍ଜ ଦେଇ ୮କୁ ୧୦ କେଜି କଟନି ଛଟନି କରି ଅର୍ଥ ଦେବା କେଉଁ ଖାଦ୍ୟ ଯୋଗାଣ ବିଭାଗର ଫୁଡ ପଲିସି ଉଲ୍ଲଂଘନ ହୋଇଛି । ତେଣୁ ପ୍ରଶାସନ ତୁରନ୍ତ ଏସଏସଡି ଗ୍ରୁପ୍ ଦ୍ୱାରା କ୍ରୟ କରିବାକୁ ଦାବି କରିଛନ୍ତି । ଏହି ଦାବିପତ୍ରର ନକଲ ଜିଲା ଯୋଗାଣ ଅଧିକାରି, ତହସିଲଦାର. କୁନ୍ଦୁରା ଥାନା, ଉପ ଜିଲାପାଳ ଜୟପୁରଙ୍କୁ ପ୍ରଦାନ କରାଯାଇଛି ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*

**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୨୯।୦୬।୨୦୨୩ ଗୁରୁବାର

# ସାଥୀ ପୁରୁଣା, ସମ୍ବନ୍ଧ ନୂଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବହୁତ ଚର୍ଚ୍ଚିତ ଓ ବହୁ ପ୍ରଚାରିତ ଆମେରିକା ଗସ୍ତରୁ ଲାଗୁଥିଲା ତାଙ୍କର ମିଶର (ଇଜିପ୍ଟ) ଗସ୍ତକୁ ମିଡିଆ ସେତେ ଗୁରୁତ୍ୱ ଦେବନାହିଁ। କିନ୍ତୁ ଏ ଗସ୍ତ ମଧ୍ୟ ବେଶ୍ ମହତ୍ୱପୂର୍ଣ୍ଣ। କେବଳ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସମ୍ବନ୍ଧ କେବଳ ନୁହେଁ ବରଂ ଆନ୍ତର୍ଜାତିକ ରାଜନୀତିରେ ବ୍ୟାପକ ସମୀକରଣ ଘଟୁଥିବା ଦୃଷ୍ଟିରୁ ଏ ଗସ୍ତର ନିହିତାର୍ଥ ଉଲ୍ଲେଖ ଯୋଗ୍ୟ ମଧ୍ୟ। ସ୍ମରଣ ଯୋଗ୍ୟ ଯେ ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ପୂର୍ବରୁ ଚଳିତ ବର୍ଷ ଗଣତନ୍ତ୍ର ଦିବସରେ ମିଶରର ରାଷ୍ଟ୍ରପତି ଅଲ୍-ସିସୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାହା ପୂର୍ବର ସେପ୍ଟେମ୍ବର ମାସରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଓ ପରେ ଅକ୍ଟୋବରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ପରେ ଅକ୍ଟୋବରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ମିଶର ଗସ୍ତରେ ଯାଇଥିଲେ। ଗତ ଶତାବ୍ଦୀରେ ଗୋଷ୍ଠୀ- ନିରପେକ୍ଷ ଆନ୍ଦୋଳନରେ ଏକା ସାଥୀରେ ବିତାଇଥିବା ଦୁଇଦେଶ ନୂତନ ଶତାବ୍ଦୀରେ ପାରସ୍ପରିକ ସମ୍ବନ୍ଧକୁ ଶୀର୍ଷରେ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ ହୋଇଛନ୍ତି।

ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ ମିଶରର ରାଷ୍ଟ୍ରପତି ଅଲ୍-ସିମୀଙ୍କ ମଧ୍ୟରେ ଐତିହାସିକ ସାମରିକ ଭାଗିଦାରୀ ବୁଝାମଣା ନେଇ ଚୁକ୍ତି ସମ୍ପାଦନା ହେବା ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମିଶରର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ୍ ଦି ନାଇଲ- ପ୍ରଦାନ କରାଯିବା ଦୁଇଦେଶର ଏ ସଂକଳ୍ପର ସଙ୍କେତ ବୋଲି କୁହାଯାଇପାରେ। ଏପରି ସଙ୍କେତ ଆହୁରି ବି ଅଛି, ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଭାରତରେ ହେବାକୁଥିବା ଜି-୨୦ ଶିଖର ସମ୍ମିଳନୀରେ ମିଶରକୁ ସ୍ୱତନ୍ତ୍ର ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି। ମିଶର ମଧ୍ୟ ବ୍ରିକ୍ସର ସଦସ୍ୟ ହେବାକୁ ଚାହେଁ। ଭାରତ ଏ ଦିଗରେ ତାହାକୁ ସମର୍ଥନ କରୁଛି। ଏ ସବୁ ଦର୍ଶାଉଛି ଯେ ଉଭୟ ଦେଶ ଆଗାମୀ ଦିନରେ ପାରସ୍ପରିକ ସହଯୋଗର ଫାଇଦାକୁ ଭଲ ଭାବରେ ବୁଝି ସାରିଲେଣି। ଭାରତ ଯେଉଁଠି ଦୁନିଆର ସବୁଠାରୁ ବେଗଗାମୀ ଅର୍ଥ ବ୍ୟବସ୍ଥା ହୋଇ ପାରିଛି ଓ କୋରନା ମହାମାରୀ ପରେ ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ବିଭିନ୍ନ ଚ୍ୟାଲେଞ୍ଜ ସହ ଲଢୁଥିବା ମିଶରକୁ ଭାରତ ସାହାରା ଦେଇ ଆସୁଛି। ସେଠି ମିଶର ମଧ୍ୟ ନିଜର ଷ୍ଟ୍ରାଟେଜି ଅବସ୍ଥିତି ଯୋଗୁଁ ଭାରତପାଇଁ ଅନେକ ପ୍ରକାରରେ ସହାୟ ମଧ୍ୟ ହେଉଛି।

ଏହା କେବଳ ଏସିଆକୁ ଆଫ୍ରିକା ସହ ଯୋଡୁନାହିଁ। ବରଂ ସୁଏଜ କେନାଲ ଜରିଆରେ ପୂରା ଏସିଆକୁ ଭୂମଧ୍ୟ ସାଗର ଓ ଇୟୁରୋପ ସହ ମଧ୍ୟ ଯୋଡୁଛି। ସେଠାକାର ଏଗାର କୋଟି ଜନସଂଖ୍ୟା ଯୋଗୁଁ ତାହା ହେଉଛି ସବୁଠାରୁ ବଡ଼ ଆରବ ଦେଶ। ଇସ୍‌ଲାମ ଜଗତରେ ଏହା ମଧ୍ୟ ସବୁଠାରୁ ପ୍ରଭାବଶାଳୀ ଦେଶ ଭାବେ ପରିଗଣିତ। ଏଠି ଏକଥା ମଧ୍ୟ ସ୍ମରଣ ଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ମୋଦୀ ଆଫ୍ରିକୀୟ ୟୁନିୟନକୁ ଜି-୨୦ ସହ ଯୋଡ଼ିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏ ଉଦ୍ୟମ କେବଳ ଆଫ୍ରିକୀୟ ଦେଶମାନଙ୍କ ସହ ଭାବନାତ୍ମକ ସମ୍ବନ୍ଧକୁ ମଜଭୂତ କରିବ ତାହାନୁହେଁ ବରଂ ଆନ୍ତର୍ଜାତିକ ରାଜନୀତିରେ ଭାରତର ପ୍ରଭାବକୁ ମଧ୍ୟ ବୃଦ୍ଧି କରିବ। ମିଶର ଜରିଆରେ ଏସବୁ ଦେଶମାନଙ୍କ ସହ ସମ୍ବନ୍ଧ ଭାରତ ଲାଗି ଆର୍ଥିକ ଓ ବାଣିଜ୍ୟ ସହଯୋଗର ନୂଆ ସମ୍ଭାବନାର ଦ୍ୱାର ଖୋଲିପାରେ। ତେଣୁ ପ୍ରଧାନମନ୍ତ୍ରୀଙ୍କର ମିଶର ଗସ୍ତକୁ କେବଳ ଏମ୍‌ଓୟୁ ସ୍ତରରେ ସୀମିତ କରି ନ ଦେଖିବା ଉଚିତ୍। ଯଦିଓ କୃଷି ଓ ପୂରାତତ୍ତ୍ୱ ଭଳି କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଠୋସ୍ ପଦକ୍ଷେପ ନେବାଲାଗି ଉଦ୍ୟମ ହୋଇଛି, ତଥାପି ଉଭୟ ଦେଶ ମଧ୍ୟରେ ସହଯୋଗର ଯେଉଁ ସମ୍ଭାବନା ଆଗକୁ ରହିଛି ତାହା ଉପରେ ଦୃଷ୍ଟି ନିବଦ୍ଧ କରିବା ଅଧିକ ମହତ୍ତ୍ୱପୂର୍ଣ୍ଣ। ❐❐

**–ଭର୍ତ୍ତୃହରି ମହତାବ**

# ଅନ୍ନ ପ୍ରସାଦରୁ ...ମହାପ୍ରସାଦ

ପ୍ରସାଦର ଷଡ଼ଙ୍ଗ ସଂସ୍କାର ଦ୍ୱାରା ଅନ୍ନତ୍ୱର ବିଲୋପ କରାଯାଇ ବ୍ରହ୍ମତ୍ୱର ଆରୋପ କରାଯିବାରୁ ଏହାକୁ ‘ମହାପ୍ରସାଦ’ କହନ୍ତି। ଏହି ଷଡ଼ଙ୍ଗ ସଂସ୍କାର ହେଉଛି, ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ରନ୍ଧନ, ଶ୍ରୀଯନ୍ତ୍ର ରୂପକ ଠାଆ ମୂରୁଜରେ ନୈବେଦ୍ୟ ନିମନ୍ତେ ସ୍ୱର୍ଣ୍ଣମୟ ପାତ୍ରରେ ପରିବେଷ. ମନ୍ତ୍ରରାଜି ବା ଦ୍ୱାତ୍ରିଂଶକ୍ଷରୀ ନୃସିଂହ ତାପନୀୟ ପାତାଳ ନୃସିଂହ ମନ୍ତ୍ରରେ ପ୍ରେକ୍ଷିତ, ଗୋବିନ୍ଦ ଅଷ୍ଟଦଶାକ୍ଷର ଗୋପାଳ ମନ୍ତ୍ରରେ ନିବେଦିତ, ଭୈରବୀ ଚକ୍ରର ଉଚ୍ଛିଷ୍ଟ ଭୈରବୀ ମା’ ବିମଳାଙ୍କୁ ସମର୍ପଣ ଏବଂ ବିଶ୍ୱକ୍‌ସେନ୍, ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ, ବୈନତେୟ, ଦେବଳ ଓ ଇନ୍ଦ୍ରଦ୍ୟୁମ୍ନାଦି ଅଷ୍ଟସାତ୍ତ୍ୱିକ ବୈଷ୍ଣବଙ୍କୁ ଅବେଶଷ ଅନ୍ନବଳି ପ୍ରଦାନ ଆଦି। ମହାପ୍ରସାଦ ଶବ୍ଦଟି ଗୋଟିଏ ତାନ୍ତ୍ରିକ ଶବ୍ଦ। ଏହି ତାନ୍ତ୍ରିକ ବିଧାନ ହେତୁ ଏହାକୁ ମହାପ୍ରସାଦ ବୋଲି କୁହାଯାଉଛି। ଶ୍ରୀମନ୍ଦିରର ରୋଷଘରେ ରନ୍ଧନ ପ୍ରକ୍ରିୟାରେ ସଂପୂର୍ଣ୍ଣ ରୂପେ ତାନ୍ତ୍ରିକତାର ପ୍ରଭାବ ପରିଲକ୍ଷିତ ହୁଏ । ଦୈନିକ ରନ୍ଧନ ପୂର୍ବରୁ ବୈଷ୍ଣବାଗ୍ନି ସଂସ୍କାର କରାଯାଏ । ଏହି ବୈଷ୍ଣବାଗ୍ନି ସଂସ୍କାର ନୀଳଚକ୍ର ଯନ୍ତ୍ର ଉପରେ କରାଯାଏ। ରୋଷଘରେ ହୋଇଥିବା ଚୁଲିର ୬ ଗୋଟି ଝିଙ୍କା ଥାଏ। ଏହି ୬ଗୋଟି ଝିଙ୍କା ହେଉଛି ଷଟ୍‌କୋଣାତ୍ମକ ଅଗ୍ନିଯନ୍ତ୍ର। ଏଥିରେ ଥରକେ ୯ ଗୋଟି ହାଣ୍ଡି ବସେ। ‘ଶାରଦା ତିଳକ ଗ୍ରନ୍ଥ’ରେ ଲେଖା ଅଛି - ‘ମହତ୍ୱଂ ନବ ଗୁଣିତେମ୍’। ଅର୍ଥାତ୍ ୯ର ଗୁଣାତ୍ମକ ହେଉଛି ମହାପ୍ରସାଦର ଗୌରବମୟ ଲକ୍ଷଣ। କେତେକ ପୁରାଣକାରଙ୍କ ମତରେ, ସ୍ୱୟଂ ଲକ୍ଷ୍ମୀ ଏହି ଅନ୍ନକୁ ରନ୍ଧନ କରନ୍ତି ଓ ପ୍ରଭୁ ଶ୍ରୀଜଗନ୍ନାଥ ଏହାକୁ ଭୋଜନ କରନ୍ତି, ତେଣୁ ସେହି ଅନ୍ନ ମହାପ୍ରସାଦ ଅଟେ। ପ୍ରତ୍ୟେହ ରୋଷଘରେ ବେଦୋକ୍ତି ମନ୍ତ୍ରରେ ବୈଷ୍ଣବାଗ୍ନି ଆବାହନ ହୋଇ ସେଥିରେ ଅନ୍ନ ରନ୍ଧାଯାଏ। ଏହି ରନ୍ଧନଦ୍ରବ୍ୟ ଦାରୁ ବ୍ରହ୍ମଙ୍କୁ ସମର୍ପଣ କରାଯାଏ । ସେହି ବ୍ରହ୍ମାର୍ପିତ ଅନ୍ନ ହିଁ ମହାପ୍ରସାଦ। ମାଆ ପ୍ରସାଦରୁ ମହାପ୍ରସାଦ ହୋଇପାରେ । କାରଣ, ଜଗନ୍ନାଥାଦି ଦାରୁବ୍ରହ୍ମଙ୍କୁ ନିବେଦିତ ଅନ୍ନ ମା’ ବିମଳାଙ୍କୁ ସମର୍ପଣ ପରେ ଏହା ମହାପ୍ରସାଦ ହୁଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦୈନିକ ତିନିଧୂପ ଓ ପାଞ୍ଚ ଅବକାଶ ସହିତ ଭଅଣ୍ଡ (ଭୋଗମଣ୍ଡପ) ପୂଜା ଆଦି ଲାଗି ରହିଛି।

ଶ୍ୟାମସୁନ୍ଦର ସାମଲ
ପୂର୍ବତନ କେନ୍ଦ୍ରାଞ୍ଚଳ
ସଂଯୋଜକ, ଶ୍ରୀସତ୍ୟସାଇ
ସେବା ସମିତି, କଟକ
ମୋ : ୯୭୭୮୬୩୫୯୨୬

# ଶ୍ରୀଜଗନ୍ନାଥଙ୍କ ଦାରୁ ବନାମ ଈଶ୍ୱରଙ୍କ ସଙ୍କେତ

**ଡକ୍ଟର ଲକ୍ଷ୍ମଣ ସାହୁ**

(ଦୃଷ୍ଟି- ଦୃଷ୍ଟାନ୍ତ-ବିଶ୍ଳେଷଣ)

ଜୀବନ ଅନୁଭୂତି ଅଟେ। ଅଭିଜ୍ଞତା ବେଳେବେଳେ ସୁଖଦ ଓ ବେଳେବେଳେ ଅପ୍ରୀତିକର ଦୁଃଖଦ ଅଟେ। ଯଦି ଆମର ଜ୍ୱର ଥିଲା, ଆମେ ପଞ୍ଚନ ଖାଉଥିଲେ। ତାହା ଖାଇବାକୁ ସେତେ ସ୍ୱାଦିଷ୍ଟ ନଥିଲା, ବରଂ ତିକ୍ତ ହେଲେବି ସ୍ୱାସ୍ଥ୍ୟ ଉପଯୋଗୀ ଥିଲା। ଏହା ଜୀବନ ପାଇଁ ଉପକାରୀ ଉପଚାର ଭାବେ ଗ୍ରହଣ କରାଯାଏ। ଏହି ଜୀବନ୍ତ ଜଗତ ହେଉଛି ଈଶ୍ୱରଙ୍କ ସୁନ୍ଦର ଯୋଜନା, ପରିକଳ୍ପନାର ଫଳ। କୁହାଯାଏ ଚାରି ଧାମ ଭିତରେ ଜଗନ୍ନାଥ ଶ୍ରେଷ୍ଠ। ପ୍ରତ୍ୟେକ ଧାମ ପରିଭ୍ରମଣ ପରେ ଶେଷରେ ଜଗନ୍ନାଥଙ୍କ ଦର୍ଶନ ବିନା ସବୁ ପୁଣ୍ୟ ଅଧୁରା ରହିଯାଏ । ଜଗନ୍ନାଥଙ୍କ ଦର୍ଶନ ହିଁ ମୋକ୍ଷ ବା ନିର୍ବାଣ ଆଣିଦିଏ । କଳି ଯୁଗରେ କଳି ନିଜର ପ୍ରଭାବକୁ ସାରା ବିଶ୍ୱରେ ବିସ୍ତାର କରିଥାଏ। କୁହାଯାଏ ଯଦିଓ ଏହା ବର୍ତ୍ତମାନ ସଂସ୍ଥାପିତ ହୋଇଛି ବୋଲି କହିବା ଭୁଲ୍ ନୁହେଁ, କିନ୍ତୁ ପରେ ପୁରଃସ୍ତମରେ ଏହା ସଂସ୍ଥାପନ କରିବ। କିପରି ସଂସ୍ଥାପନ କରିବେ ? କଳିଙ୍କ ପ୍ରକୃତ ଦକ୍ଷତା ଅର୍ଥ ମାନ ମସ୍ତିଷ୍କରେ ଭ୍ରମ ସୃଷ୍ଟି କରିବା। ଲୋକମାନେ ଭାବିବେ ଏହା ବାସ୍ତବତା ପରି ସତ ଅଟେ। ଫଳରେ ଭୁଲ ପଥରେ ଯିବେ।

ଲୋକଙ୍କୁ ଭୁଲ ନକରିବାକୁ ଚେତାବନୀ ଦେବା ପାଇଁ ଦାରୁ ରୂପେ ଜଗନ୍ନାଥଙ୍କ ସାଙ୍କେତିକ ଭାବରେ ବିରାଜମାନ। କଳି ଯୁଗେ କଳ୍କୀ ଅବତାର। ପୌରାଣିକ ଧର୍ମ ପ୍ରଚାରକ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଜି ମଧ୍ୟ ଦ୍ୱାରକାର କୃଷ୍ଣ ତାଙ୍କ (ଜଗନ୍ନାଥ ଯେ ଷୋଳକଳା ) ଶରୀରର କିଛି ଅଂଶ ପୁରୀ ଧାମରେ ବିରାଜିତ। ସେଠାରେ ଅନେକ ନୀତି ନିୟମ ଅଛି। କୌଣସି ପ୍ରତିବନ୍ଧକ ନାହିଁ। ଏହି ଅବସରରେ ପାଣ୍ଡବରାଜଙ୍କୁ ଏଠାରେ ଦିଆଯାଇଥିଲା। ସେମାନେ ଭଗବାନଙ୍କ ସହ ସମାନ ବୋଲି ଦାବି କରନ୍ତି । କିନ୍ତୁ ଭଗବାନ ଅଣ-ଦୈତ ଅଟନ୍ତି। ସେ ମାନବ ଦେବତା ହେବାରେ ଏକ କଳିରେ ଜନ୍ମ ନେଇଥିଲେ। କଳି ଲୋକଙ୍କୁ ପ୍ରତାରଣା/ ବିଭ୍ରମ କରେ। ଆଚରଣରେ ଅସ୍ୱାଭାବିକତା ଦେଖାଏ। ଭଗବାନଙ୍କ ଦ୍ୱାରା ପଠାଯାଇଥିବା ସଙ୍କେତ ମାଧ୍ୟମରେ କଳିକୁ ଦମନ କରାଯାଇଥିଲା। ସେହି ସଂକେତ ସ୍ୱରୂପ ଜଗନ୍ନାଥ ରତ୍ନବେଦୀ ଛାଡି ମାଉସୀ ଘରକୁ ବୁଲି ଆସନ୍ତି। ପୁଣି ନିଜର ମାନବୀୟ ଲୀଳା ବଡ଼ଦାଣ୍ଡରେ କରି ନିଜର ସାର୍ବଜନୀନ ବାର୍ତ୍ତା ଦେଇ ବାହୁଡ଼ା ବିଜେ କରି ରତ୍ନବେଦୀକୁ ଫେରି ଆସନ୍ତି। ସକଳ ଧର୍ମର ଆଧାର ସ୍ୱରୂପ ସେ ବିରାଜମାନ କରିଥିବା ନୀଳାଦ୍ରି କ୍ଷେତ୍ର ହସି ଉଠେ।

ପୃଥିବୀରେ ଲକ୍ଷାଧିକ ପ୍ରଜାତିର ଗଛ ଅଛି। କେତେକ ଉଭିଦର ଏକ ସୁଗନ୍ଧିତ ସୁଗନ୍ଧ ଅଛି। କିନ୍ତୁ ଜଗନ୍ନାଥ, ବଳରାମ ଓ ସୁଭଦ୍ରା ନିମ୍ବ ଗଛର ଦାରୁ ସୃଷ୍ଟି ହୋଇଥିଲେ। ପରିବେଶ ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ ଓ ରୋଜଗାର ସୃଷ୍ଟିରେ ନିମ୍ବର ବହୁତ ଅବଦାନ ଦେଇଥାଏ। ନିମ୍ବରୁ ପ୍ରାକୃତିକ ପ୍ରସାଧନ ସାମଗ୍ରୀ, ଔଷଧ, ଜୈବ ସାର ଓ କୀଟନାଶକ ଉତ୍ପାଦନ କରାଯାଏ। ସ୍ୱାସ୍ଥ୍ୟ ସେବା, ପ୍ରସାଧନ ସାମଗ୍ରୀ, କୃଷି କ୍ଷେତ୍ରରେ ନିମ୍ବ ବହୁଳ ଭାବରେ ବ୍ୟବହୃତ ହୁଏ। ନିମ୍ବ କାଠ ସଂକ୍ରମିତ ହୁଏ ନାହିଁ, ନିମ୍ବ ଆସବାବପତ୍ର ବ୍ୟବହାର କରିବା ଦ୍ୱାରା ଚର୍ମ କର୍କଟ ହୁଏ ନାହିଁ । ନିମ୍ବ ଜଳ ସ୍ତରକୁ ଧରିଥାଏ, ଥଣ୍ଡା ଛାଇ ପ୍ରଦାନ କରିଥାଏ ଓ ଆଣ୍ଟି-ଭାଇରାଲ୍ ଅଟେ। ଏହାର ଲାଭକୁ ବିଚାର କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିମ୍ବ କୁ ‘ଏକବିଂଶ ଶତାବ୍ଦୀର ଶ୍ରେଷ୍ଠ ବୃକ୍ଷ’ ବୋଲି ଘୋଷଣା କରିଥିବା ବେଳେ ଅନ୍ୟ ଅର୍ଥରେ ବୈଷ୍ଣବୀୟ ହିନ୍ଦୁମାନେ ଦାରୁ ବ୍ରହ୍ମ ଭାବେ ଘୋଷଣା କରିଛି।

ଶିଳ୍ପ ବିପ୍ଳବ ଦ୍ୱାରା ପ୍ରଦୂଷଣକୁ ନିୟନ୍ତ୍ରଣ କରେ। ନିମ୍ବ ଆମକୁ ଝଡରୁ ରକ୍ଷା କରିଥାଏ ଓ ନଦୀ କ୍ଷୟକୁ ରୋକିଥାଏ। ନିମ୍ବର ସମସ୍ତ ଅଂଶ ବ୍ୟବହାରଯୋଗ୍ୟ , ଲାଭଦାୟକ ଅଟେ। ନିମ୍ବ ମୃତ୍ତିକାର ଲୁଣିଆତାକୁ ରୋକିଥାଏ ଅମ୍ଳତା ଓ କ୍ଷାରୀୟତାକୁ ସନ୍ତୁଳିତ କରେ । ନିମ୍ବ ଗଛ ବାୟୁକୁ ଥଣ୍ଡା ରଖେ ଏବଂ ନିମ୍ ଗଛ ତଳେ ତାପମାତ୍ରା ଅନ୍ୟ ଗଛ ଅପେକ୍ଷା ୧-୨ ଡିଗ୍ରୀ କମ୍ ଅଟେ। ମଧୁମେହକୁ ନିୟନ୍ତ୍ରଣ କରିବାରେ ନିମ୍ବ ପତ୍ର ପାଉଡର ଲାଭଦାୟକ ଅଟେ। ନିମ୍ବ ଗଛଗୁଡିକ ଦ୍ରୁତ ଗତିରେ ବଢୁଛି। ଏହାର କାଠ ବହୁତ ମହଙ୍ଗା। ପ୍ରାକୃତିକ ଭାବରେ ନିମ୍ବ ଯେକୌଣସି ମାଟିରେ ବଢେ। ନିମ୍ବ ପରିବେଶ ନିମନ୍ତେ ଅନୁକୂଳ ଓ ଜୈବ ବିବିଧତା ରକ୍ଷା କରିବା ପାଇଁ। ୧୦ ବର୍ଷ ପୁରୁଣା ନିମ୍ବର ଗଛର ପତ୍ର ଓ ମଞ୍ଜି ବିକ୍ରୟ କରି ୫ ବର୍ଷ ପାଇଁ ଗୋଟିଏ ପରିବାର ଚଳାଇବା ସମ୍ଭବ ଅଟେ। ନୀଳ ଫୁଲ ମହୁ ଅନ୍ୟ ଫୁଲ ମହୁ ଅପେକ୍ଷା ଅଧିକ ପୁଷ୍ଟିକର ଏବଂ ଔଷଧୀୟ ଅଟେ।

ନିମ୍ବ ମୃତ୍ତିକା କ୍ଷୟ ଓ ମରୁଭୂମିକୁ ରୋକିଥାଏ। ଏଗ୍ରୋଫରେଷ୍ଟ୍ରି କିମ୍ବା କୃଷି ଜମିରେ ନିମ୍ବ ଗଛ ଲଗାଇବା ଦ୍ୱାରା କୀଟନାଶକ କମିଯାଏ। ଔଷଧୀୟ, କସମେଟିକ୍ସ, ବାୟୋଫର୍ଟିଲାଇଜର ଓ ନିମ୍ବରୁ ନିର୍ମିତ କୀଟନାଶକ ସମଗ୍ର ବିଶ୍ୱରେ ଏବେ ପ୍ରଶଂସିତ। ପତ୍ର, ମଞ୍ଜି ଓ କାଠ ସମେତ ନିମ୍ବର ସମସ୍ତ ଅଂଶ ରପ୍ତାନିଯୋଗ୍ୟ ପାଲଟିଛି । ନିମ୍ବ ଗଛଗୁଡିକ ଗାଈ ଏବଂ ଛେଳି ଖାଆନ୍ତି ନାହିଁ, ଏହି ବୃକ୍ଷ ୪୦୦ ବର୍ଷରୁ ଅଧିକ ସମୟ ବଞ୍ଚେ। ଗୋଟିଏ ନିମ୍ବ ଗଛ ଯାହା ସବୁ ରେଞ୍ଜରେ ଦୀର୍ଘ ବଞ୍ଚିପାରେ। ନିମ୍ବ ଏକ ଜୈବ କୀଟନାଶକ ଓ ସାର, କୌଣସି ଉପକାରୀ କୀଟ କିମ୍ବା ଜୀବାଣୁ କ୍ଷତି କରେ ନାହିଁ । ନିମ୍ବ ତେଲ ସହିତ ଲ୍ୟାମ୍ପ୍ ଜଳାଯାଇପାରିବ। ନିମ୍ବ ହେଉଛି ଦୁନିଆରେ ସବୁଠାରୁ ମୂଲ୍ୟବାନ ଗଛ। ତେଣୁ ଗ୍ଲୋବାଲ ୱାର୍ମିଂରୁ ସ୍ୱାଧୀନତାର ସମାନତା ଯାହା ଆଜି ମଣିଷ ପାଇଁ ଦାୟୀ ତାହା ପୂର୍ବ ନିର୍ଦ୍ଧାରିତ ମନେହୁଏ। ଭଗବାନ ତାଙ୍କ ସାଧୁମାନଙ୍କ ସହିତ ବ୍ରହ୍ମାଣ୍ଡକୁ ଏତେ କଳାତ୍ମକ ଭାବରେ ଗଠନ କରିଛନ୍ତି , ଯେ ସେ ଏହାର ବିନାଶକୁ ଏତେ ସହଜରେ ଗ୍ରହଣ କରିପାରିବେ ନାହିଁ , ତେଣୁ ସେ ନିଜକୁ ସୃଷ୍ଟି କଲେ ଓ ଦୁଇଟି ସଙ୍କେତ ପଠାଇଲେ ଯାହା ମଣିଷ ପାଇଁ ଥିଲା।

ସେ ବୁଝିବା ଅପେକ୍ଷା ଅଧିକ ଅଦୃଶ୍ୟ ରହିଲେ, ଅର୍ଥାତ୍ ତାଙ୍କର ହସ୍ତ, ପଦ, କର୍ଣ୍ଣ ଅଦୃଶ୍ୟ, ସେ ମାଦଳ। କିନ୍ତୁ ପଦ ନଥାଇ ସେ ବେଗଗାମୀ, ହସ୍ତ ନଥାଇ ସେ ସମସ୍ତଙ୍କୁ ବାହୁ ପ୍ରସାରୀ କୋଳେଇ ନିଅନ୍ତି, କାନ ନଥାଇ ଶ୍ରବଣ କରନ୍ତି, ସେ ଅର୍ନ୍ତଯାମୀ, ଭାବକୁ ଅଭାବ, ଅଭାବକୁ ଦୂର। ଜୀବନରେ ଯେତେ ବିବାଦୀୟ ଭାବନା ଆସେ ନା କାହିଁକି, ଏହାର ଶେଷରେ ସୃଷ୍ଟି ଜୀବନ ନିଶ୍ଚୟ ଆସିବ। ଏପରି ଜୀବନଚକ୍ର ଗଠନ ହୋଇଛି। ଲୋକଙ୍କୁ ମଧ୍ୟ ସମସ୍ତ ପରିସରର ସାମ୍ନା କରିବାକୁ ପଡିବ। ଏହା ବାସ୍ତବ ଅଟେ। ଲୋକମାନେ ନିଜ ଖୁସି ପାଇଁ ଜଙ୍ଗଲ କାଟୁଛନ୍ତି, ଯାହା ସେମାନଙ୍କୁ ସବୁଜରୁ ବଞ୍ଚିତ କରୁଛି। ତେଣୁ ଦାରୁ ବିଗ୍ରହ ନିର୍ମାଣ ହେଉଥିବା ନିମ୍ବ ଯଦି ରୋପଣ କରାଯାଏ ପୃଥିବୀ ସବୁଜିମା ପାଲଟିଯାଆନ୍ତା। କାରଣ ନିମ୍ବର ଗୁଣକୁ ଏକ ଈଶ୍ୱରୀୟ ଶକ୍ତି ପ୍ରଦାନ କରାଯାଇପାରେ ବୋଲି କୁହାଯାଇପାରେ। ଯଦି କୌଣସି ବାସଯୋଗ୍ୟ ପରିସର ନାହିଁ, ମନୁଷ୍ୟ ପ୍ରକୃତିର ନିୟମ ବିରୁଦ୍ଧରେ କୃତ୍ରିମ ପରିବେଶ ସୃଷ୍ଟି କରି ବଞ୍ଚିବାକୁ ଚାହୁଁଛି। ପର୍ଯ୍ୟାପ୍ତ ଅମ୍ଳଜାନ ଅଭାବ ହେତୁ ମସ୍ତିଷ୍କ ଦିନକୁ ଦିନ ଅଦରକାରୀ ଓ ନିଷ୍କ୍ରିୟ ହେବାକୁ ବାଧ୍ୟ ହେବ । ଆଗରୁ ଦେଖାଯାଇଥିବା ବ୍ୟକ୍ତି ବୁଦ୍ଧିରେ ଧନୀ ହେବେ ସତ , କିନ୍ତୁ ଅମ୍ଳଜାନ ପାଇଁ ବ୍ୟାକୁଳ ହେବେ। ଏହି ଲୋକଙ୍କୁ ପ୍ରତାରଣା କରିବା କଷ୍ଟକର ନୁହେଁ । ଏଥି ସହିତ ଯଦି ପରିବେଶର ସନ୍ତୁଳନ ନଷ୍ଟ ହୁଏ, ତେବେ ବିପର୍ଯ୍ୟୟ ସମସ୍ୟା ସ୍ୱାଭାବିକ ଭାବରେ ବୃଦ୍ଧି ପାଇବ। ଯାହାର ସାମ୍ପ୍ରତିକ ଉଦାହରଣ ଅଦୃଶ୍ୟ ନୁହେଁ । ତେଣୁ ବାସଯୋଗ୍ୟ ପରିବେଶ ଓ ମାନବ ଜୀବନ ହେଉଛି ସମାନ ଭଗବାନଙ୍କ ଦ୍ୱାରା ସୃଷ୍ଟି ଦୁଇଟି ରୂପ। ଉଭୟ ପାରସ୍ପରିକ ସମ୍ବନ୍ଧୀୟ।

ତେଣୁ ଜଗନ୍ନାଥଙ୍କ ରଥ ଯାତ୍ରା କଳିରେ ଲୋକଙ୍କ ନିକଟରେ ଭାତୃଭାବ, ଶାନ୍ତି, ମୈତ୍ରୀର ବାର୍ତ୍ତା ବହନ କରେ । ଭେଦଭାବ , ଉଚ୍ଚ ନୀଚ, ଜାତି ଅଜାତିକୁ ପରିହାର କରି ସମସ୍ତେ ସମାଜ ଏଭଳି ସନ୍ଦେଶ ପହଞ୍ଚିବା ପାଇଁ ଏକ ସଙ୍କେତ ଅଟେ। ସେ ଉଭୟ ମଣିଷର ଭାବନା ଓ ସଚେତନତା ମଧ୍ୟରେ ବାସ କରନ୍ତି। ଲୋକମାନେ ତାଙ୍କ ରୂପରେ ତୃପ୍ତି ଅନୁଭବ କରନ୍ତି। ଈଶ୍ୱର ତାଙ୍କ ସୃଷ୍ଟିକୁ ବଞ୍ଚାଇବା ପାଇଁ ଈଶ୍ୱରୀୟ ରୂପ ନେବାରେ ବ୍ୟସ୍ତ। ସଙ୍କେତ ପଠାଇବା ପାଇଁ ଏକ ଉପାୟ ଖୋଜିବାକୁ ଯାହା କେବଳ ଭଗବାନ ହିଁ କରିପାରିବେ। ଯଦି ନୁହେଁ କାହିଁକି ଏତେ ଗଛ ଅଛି । ସେ ନିଜର ମାଧ୍ୟମକୁ ଏପରି ଈଶ୍ୱରୀୟ ଗୁଣରେ ପରିଣତ କରିଥିଲେ ଯେ କେବଳ ଦଶାବତାର ତାଙ୍କର ଏକ ଭୟଙ୍କର ତଥାପି ସେ ଶାନ୍ତ ରୂପ। ସମସ୍ତେ ଭଗବାନଙ୍କ ନାମ ଜପ କରୁଛନ୍ତି। ନାମ କୀର୍ତ୍ତନ ମାଧ୍ୟମରେ ମହାପ୍ରଭୂ ଭଗବାନ କଳିକୁ ପରାହତ କରି ସ୍ୱକୀୟ ଗୌରବରେ ମାନବକୁ ବଶୀଭୂତ କରିବା ପାଇଁ ପ୍ରବଳ ଶୀତଳ ଯୁଦ୍ଧ ଦେଖୁଛନ୍ତି। ଏହି ଯୁଦ୍ଧ ମନୁଷ୍ୟ ବିରୁଦ୍ଧରେ ପରମେଶ୍ୱର କରୁନାହାନ୍ତି, ବରଂ ଭଗବାନଙ୍କ ସୃଷ୍ଟି ବିରୁଦ୍ଧରେ ମଣିଷ ନିଜେ ନିଜକୁ ସବୁଜିମା କୁ ନଷ୍ଟ କରିବାରେ ଲାଗିଛି। ଭଗବାନ ଜାଣନ୍ତି ଯେ କଳି ଏହି ଲୋକମାନଙ୍କ ମଧ୍ୟରେ ରୁହନ୍ତି, ଅର୍ଥାତ୍ ସେ ମଧ୍ୟ ଚାହାଁନ୍ତି ଯେ ଲୋକମାନେ ତାଙ୍କର ଚିହ୍ନଗୁଡିକ ବୁଝନ୍ତୁ, ଅର୍ଥାତ୍ ତାଙ୍କର ଦାରୁ ନିର୍ମିତ କଳା ଶ୍ରୀମୁଖ ଅଧାଗଢ଼ା ବିଗ୍ରହ। କିନ୍ତୁ ସାଧାରଣ ମଣିଷ ତାଙ୍କ ଅବଲୀଳାକୁ ବୁଝି ନାହିଁ , ନଚେତ୍ ଯୁଦ୍ଧ ଶେଷରେ ଈଶ୍ୱରଙ୍କ ବିଜୟ ସ୍ଥିର ହୁଏ, ଶେଷରେ କେବଳ ବିଲୁପ୍ତ ଅଧ୍ୟାୟ ଭାବରେ ଅବୁଝା ମାନବର ଅସ୍ଥି କଙ୍କାଳ ହିଁ ଧ୍ୱଂସାବଶେଷରେ ରହିଯିବ... !

ଅଧକ୍ଷ , ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ- ୪
ମୋ: ୯୦୪୦ ୧୫୧୪୭୫

# ମହାପ୍ରଭୁଙ୍କ ସୁନାବେଶ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଯେଭଳି ଶ୍ରେଷ୍ଠ ସମସ୍ତ ଦେବତା ମାନଙ୍କ ମଧ୍ୟରେ ଶ୍ରୀ ପୁରୁଷୋତ୍ତମ (ଜଗନ୍ନାଥ) ହେଉଛନ୍ତି ସେହିଭଳି ଶ୍ରେଷ୍ଠ ବା ରାଜା । ଯେପରି - “ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମ । ସର୍ବେଷାଂ ଚୈବ ବେଦାନାଂ ରାଜା ଶ୍ରୀ ପୁରୁଷୋତ୍ତମ ।” (କପିଳ ସଂହିତା ) ପ୍ରତିବର୍ଷ ମହାପ୍ରଭୁଙ୍କର ଏହି ରାଜବେଶ ବା ସୁନାବେଶ ପ୍ରାୟ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ । ଏହା ସାଧାରଣତଃ ବିଜୟା ଦଶମୀ (ଦଶହରା ), ପୌଷ ପୂର୍ଣ୍ଣମୀ (ପୁଷ୍ୟାଭିଷେକ), ଦୋଳ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀ (ରଥ ଉପରେ) ଦିନ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଏହି ପବିତ୍ର ସୁନାବେଶର ଉତ୍ପତ୍ତି ସଂପର୍କରେ ଜଣାଯାଏ ଯେ, ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶର ରାଜା ତୃତୀୟ ଅନଙ୍ଗଭୀମ ଦେବ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଉତ୍କଳର ସମ୍ରାଟ ତଥା ରାଷ୍ଟ୍ରଦେବତା ବୋଲି ଘୋଷଣା କରିଥିଲେ । ଏପରିକି ରାଜା କପିଳନ୍ଦ୍ରେଦେବ ନିଜକୁ ଜଗନ୍ନାଥଙ୍କ ରାଉତ ଓ ପୁତ୍ରବୋଲି ଏକ ଶିଳାଲିପିରେ ଉଲ୍ଲେଖ କରିବା ସହିତ ପ୍ରଚୁର ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା ହୀରା, ନୀଳା ଇତ୍ୟାଦି ମୂଲ୍ୟବାନ ରତ୍ନ , ଅଳଙ୍କାର ଶ୍ରୀ ଜୀଉମାନଙ୍କୁ ଅର୍ପଣ କରିଥିବାରୁ ସେ ସମୟରେ ରୀତି, ନୀତି ଓ ପରଂପରାକୁ ନେଇ ସୁନାବେଶର ସୃଷ୍ଟି ହୋଇଥିବା ଅଧିକ ସମ୍ଭବ ମନେହୁଏ । କେତେକ ଗବେଷକଙ୍କ ମତରେ ଜଗତର ନାଥ ଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ, ସେ ଦେବାଧିଦେବ ଓ ରାଜାଧିରାଜ । ତାଙ୍କର ପାରଂପରିକ ନୀତି, ଯାନିଯାତ୍ରା, ଉତ୍ସବ, ସେବାପୂଜାରେ ରାଜକୀୟ ଠାଣି ପ୍ରତିଫଳିତ ହୋଇଛି । ତେଣୁ ଉତ୍କଳର ଯଥାର୍ଥ ସମ୍ରାଟ ଭାବେ ତଥା ଏ ଜାତିର ଅଧୀଶ୍ୱର ଓ ସକଳ ଐଶ୍ୱର୍ଯ୍ୟର ଅଧିକାରୀ ଭାବରେ ଶ୍ରୀ ମହାପ୍ରଭୁଙ୍କ ସୁନାବେଶ ଅତ୍ୟନ୍ତ ପ୍ରାଚୀନ କାଳରୁ ରହିଆସିଅଛି । ଅପର ପକ୍ଷରେ ଶ୍ରୀ ଜଗନ୍ନାଥ ହେଉଛନ୍ତି ଐଶ୍ୱର୍ଯ୍ୟ ମାଧୁର୍ଯ୍ୟର ମିଳିତ ବିଗ୍ରହ । ସୁନାବେଶର ଐଶ୍ୱର୍ଯ୍ୟ ଭାବ ପ୍ରକାଶିତ ହୋଇଥାଏ । ଗବେଷକ ମାନେ ସୁନା ବେଶର ଉତ୍ପତ୍ତି ୧୨୩୨ ଖ୍ରୀଷ୍ଟାବ୍ଦ ବୋଲି ନିରୂପଣ କରିଛନ୍ତି।

## କେଉଁ ଠାକୁର କ’ଣ ଲଗାନ୍ତି



ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଏକାଦଶୀଦିନ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ରଥ ଉପରେ ସୁନାବେଶ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁ ଧାରଣ କରୁଥିବା କୋଟି କୋଟି ଟଙ୍କା ମୂଲ୍ୟର ମହଣ ମହଣ ଓଜନର ଦୁର୍ମୂଲ୍ୟ ସର୍ଣ୍ଣଅଳଙ୍କାର ସବୁ ବଡ଼ଦେଉଳର ଭଣ୍ଡାରଘରେ ରହିଥାଏ । ପାଳିଆ ମେକାପ, ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ, ପୁଲିସ ଫୋର୍ସ ଓ ମନ୍ଦିରର ଅଧିକାରୀ ତଥା ଗାରଦ କର୍ମଚାରୀଙ୍କ ସହାୟତାରେ ଭଣ୍ଡାରଘର ଖୋଲାଯାଇ ସ୍ୱର୍ଣ୍ଣ ଅଳଙ୍କାର ସବୁକୁ କଡ଼ା ସୁରକ୍ଷା ମଧ୍ୟରେ ତିନିରଥ ଉପରକୁ ଅଣାଯାଇଥାଏ । ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଚ୍ଛ ଓ ଭିତରଚ୍ଛ ପ୍ରଭୃତି ସେବକମାନେ ଉପସ୍ଥିତି ରହି ଶ୍ରୀବିଗ୍ରହମାନଙ୍କୁ ସୁନାବେଶରେ ସଜ୍ଜିତ କରିଥାନ୍ତି । ଶ୍ରୀବଳଭଦ୍ର - ଶ୍ରୀପୟର, ଶ୍ରୀଭୂଜ, କିରିଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ହଳ ଓ ମୂଷଳ (ଆୟୁଧ), ବାହାନାମାଳି, ବାଘନଖ ମାଳି, ସେବତୀ ମାଳୀ ଓ ତ୍ରିଖଣ୍ଡିକା, କମରପଟି ଧାରଣ କରୁଥା ବେଳେ ଦେବୀ ସୁଭଦ୍ରା - କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ାମାଳି, କଦମ୍ବମାଳି, ଦୁଇଟି ତଗଡ଼ି ଓ ସେବତୀ ମାଳି ଲଗାଇଥାନ୍ତି । ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁ - କିରାଟ, ଶ୍ରୀଭୂଜ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସର୍ଣ୍ଣଚକ୍ର ଓ ରୌପ୍ୟ ଶଙ୍ଖ (ବାୟୁଧ), ହରିଡ଼ା, କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା ଓ ତ୍ରିଖଣ୍ଡିକା କମରପଟିଆଦି କେତେକ ଦୁର୍ମୂଲ୍ୟ ସର୍ଣ୍ଣଅଳଙ୍କାର ସବୁ ଧାରଣ କରିଥାନ୍ତି ।

ଦକ୍ଷିଣ ଭାରତ ବିଜୟ କରି ୧୪୬୦ ସାଲର ରାଜା କପିଳେନ୍ଦ୍ର ଦେବ ୧୬ଟି ହସ୍ତୀରେ ବୋଝେଇ ବିପୁଳ ଧନରତ୍ନ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁମାନଙ୍କୁ ଉତ୍ସର୍ଗ କରିଥିଲେ । ସେତେବେଳେ ବଡ଼ ଚଢ଼ଉ ସେବକ ଗଜପତି ମହାରାଜାଙ୍କୁ ପ୍ରସ୍ତାବ ଦେଇଥିଲେ ଦେଉଳ ଭିତରେ (ରତ୍ନସିଂହାସନ) ହେଉଥିବା ମହାପ୍ରଭୁଙ୍କ ବେଶକୁ ସମସ୍ତ ବର୍ଗ ଦର୍ଶନ କରିପାରୁ ନାହାନ୍ତି । ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଥାଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ସୁନାବେଶ କରାଯାଉ । ଏହି ପ୍ରସ୍ତାବ କ୍ରମେ ରାଜା କପିଳେନ୍ଦ୍ର ଦେବ ସୁନାବେଶ ପାଇଁ ସେହି ବର୍ଷ ୧୩୮ ପ୍ରକାର ରତ୍ନ ଖଚିତ ସର୍ଣ୍ଣାଳଙ୍କାର ପ୍ରସ୍ତୁତ କରିବା ସହ ରଥ ଉପରେ ସୁନାବେଶ ପ୍ରଚଳନ କରିଥିଲେ । ୫୫୬ ବର୍ଷ ଧରି ରଥ ଉପରେ ହେଉଥିବା ଏହି ଦୁର୍ମୂଲ୍ୟ ତଥା ଦୁର୍ଲଭ ଅଲଙ୍କର ଗୁଡ଼ିକର ମୂଲ୍ୟାଙ୍କନ କରିବା ଅସମ୍ଭବ ବ୍ୟାପାର ହୋଇ ରହିଛି । ମଣି, ମୁକ୍ତା, ହୀରା, ନୀଳା ଆଦି ରତ୍ନ ଖଚିତ ସର୍ଣ୍ଣ ତଥା ରୌପ୍ୟ ଅଳଙ୍କାରଗୁଡ଼ିକ ମୂଲ୍ୟାଙ୍କନ ବର୍ତ୍ତମାନ ସୁଦ୍ଧା ହୋଇପରି ନାହିଁ ଏବଂ ଏଥିପାଇଁ ହୋଇଥିବା ଏକାଧିକ ଦ୍ରୁମ ବିଫଳ ହୋଇଛି ବୋଲି ଗବେଷକମାନେ କହିଛନ୍ତି । ମୁଖ୍ୟତଃ ବିରଳ କିସମର ରତ୍ନ ପଥରଗୁଡ଼କର କଠିନତା ପରୀକ୍ଷା ନ ହେବା ଯାଏ ମୂଲ୍ୟାଙ୍କନ ହୋଇପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ସୁନାବେଶ ଲାଗି ହେଉଥିବା ସର୍ଣ୍ଣ ଅଳଙ୍କାରଗୁଡ଼ିକ ସଂର୍ପରେ ପୁରାତନ ରେକର୍ଡ଼ରୁ କିଛି (ସଂପୂର୍ଣ୍ଣ ନୁହେଁ) ସୂଚନା ମିଳୁଛି । ଏହି ସୂଚନା ମୁତାବକ ଶ୍ରୀ ବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକ, ଅଳକା, ଝୋବାକଣ୍ଠି, ହଳ ମୂଷଳ, ବାହାଡ଼ାମାଳି, ବାଘନଖ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି, ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ କାନ, ସୂର୍ଯ୍ୟଚନ୍ଦ୍ର, ଘାଗଡ଼ାମାଳି, କଦମ୍ବ ମାଳି, ଆୟୁଧ ସେବତୀ ମାଳି ଏବଂ ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୂଜ, ଶ୍ରୀ ପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡ଼ା କଦମ୍ବ ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଆଦି ରତ୍ନ ଖଚିତ ସର୍ଣ୍ଣ ଅଳଙ୍କାର ଲାଗି ହେଉଥିଲା । ସୁରକ୍ଷା ଦୃଷ୍ଟିରୁ ରଥ ଉପରେ ହେଉଥିବା ସୁନାବେଶରେ କେତେକ ଦୁର୍ଲଭ ସର୍ଣ୍ଣ ଅଳଙ୍କାର ଲାଗି ହେଉ ନଥିଲା । ରାଜା କପିଳେନ୍ଦ୍ର ଦେବଙ୍କ ଆଦେଶରେ ପ୍ରସ୍ତୁତ ପ୍ରତ୍ୟେକ ଅଳଙ୍କାର ପଛରେ ଏକ ନିର୍ଦ୍ଦିଷ୍ଟ ଇତିହାସ ଲୁଚି ରହିଛି । ଏହି ଅବ୍ୟକ୍ତ ଇତିହାସର ମୂଲ୍ୟାଙ୍କନ ମଧ୍ୟ ଦୂରୁହ ବ୍ୟାପାର । ରଥ ପର କେବଳ ଲାଗି ହେଉଥିବାର ସର୍ଣ୍ଣ ଅଳଙ୍କାର ଗୁଡ଼ିକର ମୂଲ୍ୟକୁ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । କିଏ କହୁଛି ୫୦୦ କୋଟି ତ ଅନ୍ୟ କିଏ କହୁଛି ଏକ ହଜାର କୋଟି ଟଙ୍କା ହେବ । କିନ୍ତୁ ମହାପ୍ରଭୁଙ୍କ ଏହି ବିରଳ ଅଳଙ୍କାରର ପ୍ରକୃତ ମୂଲ୍ୟାଙ୍କନ ଅସମ୍ଭବ ଏଥିରେ ସନ୍ଦେହ ନାହିଁ । ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଗବେଷଣା ପ୍ରସ୍ତୁତ ତଥ୍ୟାନୁସାରେ ଗଜପତି କପିଳେନ୍ଦ୍ର ଦେବ ତାଙ୍କର ବିଜ ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ ଗୋଟି ହାତୀରେ ବୋଝାଇ ଆଣିଥିବା ଦେବ ତାଙ୍କର ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ଗୋଟି ହାତୀରେ ବୋଝାଇ ଆଣିଥିବା ସର୍ଣ୍ଣରତ୍ନରେ ସର୍ଣ୍ଣମୁକୁଟ, ସର୍ଣ୍ଣଶ୍ରୀପୟର, ପଦକ ମାା, କୁଣ୍ଡଳ ନଳୀଭୁଜ, ତିଳକ, ‘ବଡ଼ ତଡ଼ଉ’ ନାମକ କଣ୍ଠମାଳା ଆଦି ନିର୍ମାଣ କରାଇ ଗୁଣ୍ଡିଚା ଘରୁ ରଥ ଫେରିବା ପରେ ଜୀଉମାନଙ୍କୁ ପ୍ରଥମେ ଏହିବେଶ କରାଇଥିଲେ । ଅତୀତରେ ଏହା ‘ବଡ଼ତଢ଼ଉ ବେଶ’ ନାମରେ ମଧ୍ୟ ପରିଚିତ ଥିଲା । ମୟୂରଭଞ୍ଜ, ପାରଳା ଖେମୁଣ୍ଡି ପ୍ରଭୃତି ସନାମଧନ୍ୟ ରାଜାମାନେ ଏହି ରାଜ୍ୟ ବିଜୟର ସ୍ମାରକ ବେଶ ଦେଖିବାକୁ ଆସୁଥିଲେ ଏବଂ ପ୍ରଭୁଙ୍କୁ ଉତ୍କଳର ସମ୍ରାଟ ବା ରାଜାଧିରାଜ ରୂପେ ବନ୍ଦାପନା କରୁଥିଲେ । ଏବେଶର ବନ୍ଦନା ତଥା ପୁଷ୍ପାଞ୍ଜଳୀମନ୍ତଟି ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। “ସରାଟରାଟ ଶ୍ରୀ ଜଗନ୍ନାଥ ତ୍ରିକଳିଙ୍ଗ ପତିର୍ଷତିଃ, ରାଜାଧିରାଜ ଶ୍ରୀ ଦେବଃ ଦେହି ଶ୍ରୀ ବିଜୟ ସଦା ।”

*ସହ-ପ୍ରତିରତ୍ନିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ସଂପାଦକଙ୍କୁ ପତ୍ର

## ଠାକୁରଙ୍କୁ ଏତେ ଅବହେଳା କାହିଁକି ?

ମହାଶୟ,

ଚଳିତ ବର୍ଷ, ରଥଯାତ୍ରା ଅବସରରେ ଦିଅଁ ମାନଙ୍କ ପହଣ୍ଡି ବେଳେ ଶ୍ରୀ ଜଗନ୍ନାଥ ଙ୍କ ବିଗ୍ରହ ଦକ୍ଷିଣ ପାର୍ଶ୍ୱ କୁ ଢଳି ପଡ଼ିବା, ବିଗ୍ରହଙ୍କ ଟିଆ ଖସି ପଡ଼ିବା, ରଥ ଉପରେ ଚଢ଼ିଥିବା କେହି ବ୍ୟକ୍ତି ସ୍ଥାପିତ ହୋଇଥିବା ପାର୍ଶ୍ୱଦେବଦେବୀଙ୍କ ଉପରେ ପାଦ ରଖିବା ଏବଂ ରଥ ଉପରେ ବିଗ୍ରହ ମାନଙ୍କୁ ବେଢ଼ି ଅସ୍ୱାଭାବିକ ଭିଡ଼ ଜମାଇବା ଯୋଗୁ ବଡ ଦାଣ୍ଡରେ ସମବେତ ଭକ୍ତ ଜନସାଧାରଣ ରଥ ଉପରେ ଦିଅଁଙ୍କୁ ଦର୍ଶନ କରି ନପାରିବା ଆଦି ବିଶୃଙ୍ଖଳା ଘଟି ଥିବାର ଖବର ପ୍ରକାଶ ପାଇଥିଲା। ଏସବୁ ମନୁଷ୍ୟକୃତ ବିଶୃଙ୍ଖଳା ନୁହେଁ କି? ଆମ ଓଡ଼ିଶାର ଗୌରବମୟ ପରମ୍ପରାର ଗାଥା ବହନ କରୁଥିବା ବିଶ୍ୱ ପ୍ରସିଦ୍ଧ ଏହି ରଥଯାତ୍ରାରେ ଏମିତିକା ବିଶୃଙ୍ଖଳା / ଅଘଟଣକୁ ଏଡ଼ାଇବା ପାଇଁ ସବୁରି ସହଯୋଗ ଏବଂ ସଚେତନତା ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେହୁଏ।

ଅବନୀ ଚନ୍ଦ୍ର ଦାସ
ପ୍ରଶାନ୍ତି ବିହାର, ଭୁବନେଶ୍ୱର

# ଆମେ ଦିନେ ବୁଢା ହେବା!

**ପ୍ରସନ୍ନ କୁମାର ମିଶ୍ର**

ଆଜିର ଦିନରେ ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ୬୦ ବର୍ଷରୁ ଅଧିକ ବୟସର ବୃଦ୍ଧ ବା ବୟସ୍କ ମାନଙ୍କ ସଂଖ୍ୟା ପ୍ରତିବର୍ଷ ବଢିଚାଲିଛି । ଭାରତରେ ଗତ ୧୯୯୧ ଜନଗଣନାରେ ବୃଦ୍ଧମାନଙ୍କ ସଂଖ୍ୟା ୫ କୋଟି ୫୦ ଲକ୍ଷ ଥିବାବେଳେ ୨୦୦୧ ଜନଗଣନାରେ ଏହି ସଂଖ୍ୟା ବୃଦ୍ଧି ପାଇ ୭ କୋଟି ୮୦ ଲକ୍ଷ ହୋଇଅଛି। ୨୦୧୧ ଜନଗଣନା ଅନୁସାରେ ବୃଦ୍ଧ ମାନଙ୍କ ସଂଖ୍ୟା ୧୦ କୋଟି ୪୦ ଲକ୍ଷରେ ପହଂଚିଚି ଯାହାକି ମୋଟ ଜନସଂଖ୍ୟାର ୭.୫ ଭାଗ। ବୃଦ୍ଧମାନେ ସେମାନଙ୍କ ଜୀବନ ସାରା ପିଲାମାନଙ୍କର ଲାଳନ ପାଳନ କରିଥାଅନ୍ତି। ଅଭାବୀ ଘରେ ବିଶେଷ ଭାବେ ଗରୀବ ଲୋକମାନେ ବହୁସମୟରେ ନିଜେ ଓପାସ ରହି ପିଲାମାନଙ୍କୁ ଖାଇବାକୁ ଦେଇଥାଆନ୍ତି ।ସେହି ପିଲାମାନେ ବଡ ହୋଇଯିବା ବେଳକୁ ବୟସାଧିକ୍ୟ କାରଣରୁ ବୃଦ୍ଧମାନେ ପରିଶ୍ରମ କରି ନ ପାରି ନିର୍ଭରଶୀଳ ହୋଇ ପଡନ୍ତି ।ମାତ୍ର ଠିକ୍ ସେହି ସମୟରେ ନିଜ ଗୋଡରେ ନିଜେ ଠିଆ ହୋଇ ଯାଇଥିବା ପୁତ୍ର କନ୍ୟା ଓ ବୋହୂମାନେ ନିଜ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ’ଶୀଘ୍ର ଶୀଘ୍ର ଏହି ବାର୍ଦ୍ଧକ୍ୟ ରୂପକ ବୋଝ ‘ମାନଙ୍କ ଠାରୁ ମୁକ୍ତି ପାଇବା ଲାଗି ଇଚ୍ଛାପ୍ରକାଶ କରିଥା’ନ୍ତି ।ଅନ୍ୟ ପକ୍ଷରେ ସମାଜରେ ପରିବର୍ତ୍ତନ ହେତୁ ପୂର୍ବ ପ୍ରଚଳିତ ‘ଏକାନ୍ନବର୍ତ୍ତୀ ବା ସଂଯୁକ୍ତ ପରିବାର’ର ସଂଜ୍ଞା ମଧ୍ୟ କ୍ରମଶଃ ବିଘଟିତ ହୋଇ ‘ଏକାକୀ ପରିବାର’(ଆମେ ଦୁଇ ଆମର ଏକ କି ଦୁଇ)ର ପ୍ରସାର ଘଟୁଥିବାରୁ ସମାଜର ଅନୁଭବୀ, ଚିନ୍ତନଶୀଳ ଓ ମାର୍ଗଦର୍ଶକ ଏହି ବୃଦ୍ଧମାନଙ୍କୁ ଅଦରକାରୀ, ଅନାବଶ୍ୟକ ଓ ବୋଝ ମନେକରି ସେମାନଙ୍କ ପ୍ରତି ଅନାଦର ଓ ଅବହେଳା ଦିନୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।ଏହା ଚିନ୍ତାର ବିଷୟ ନୁହେଁ କି ?

ଦୁଃଖର ବିଷୟ ଆଜିର ଯୁବସମାଜ ଅନ୍ଧ ଭାବରେ ନିଜେ ବସିଥିବା ଗଛର ଚେର ନିଜେ କାଟୁଛି ।କାରଣ ସେ ନିଜେ ଭୁଲିଯାଉଛି ଏହି ଚିରନ୍ତନ ସତ୍ୟ ଯେ- ‘ସେ ମଧ୍ୟ ଦିନେ ବୁଢ଼ା ହେବ’ ! ସେହି କାରଣରୁ ଦେଶର ପ୍ରମୁଖ ତୀର୍ଥସ୍ଥଳୀ ବୃନ୍ଦାବନ, କାଶୀ, ମଥୁରା, ହରିଦ୍ୱାର ଓ ପ୍ରୟାଗ ଆଦି ସ୍ଥାନ ଅସଂଖ୍ୟ ବିଧବା ମହିଳାମାନଙ୍କର ଆଶ୍ରୟ ସ୍ଥଳୀ ପାଲଟି ଯାଇଛି । ସେଠାରେ ଥିବା ମଠ ଓ ଆଶ୍ରମ ଗୁଡ଼ିକରେ ରହୁଥିବା ଅର୍ଦ୍ଧବୟସ୍କ ବିଧବା ଓ ବୃଦ୍ଧାମାନେ ଦୁଃସ୍ଥ ଓ ନିର୍ଯ୍ୟାତିତ ଭାବେ କାଳ କଟାଉଛନ୍ତି । ତୀର୍ଥ ଗୁଡ଼ିକରେ ଆଖିକୁ ଦେଖାଯାଉ ନଥିବା ଓ ଚିରା ମଇଳା ଧଳା ଧୋତି ପିନ୍ଧା ୭୦/୮୦ ବୟସର ବୃଦ୍ଧାମାନେ ହାତରେ ବା ପିନ୍ଧାକାନିରେ ଅଟାଗଣ୍ଠାଏ ଧରି ଧାଉଁଥିବାର ଦୃଶ୍ୟ ଏକ ସାଧାରଣ ଘଟଣା ମାତ୍ର । ଆଖିରେ ଲେରା ଓ ଛାତିରେ ଅମାପ ପୀଡ଼ା ଲୁଚାଇ କେବଳ ମାତ୍ର ଦୈନିକ ‘୨୦୦ ଗ୍ରାମ୍ ଚାଉଳ ଓ ୫୦ ଗ୍ରାମ୍ ଡାଲିର ଖୋରାକୀ’ପାଇବା ଲାଗି ଆଠ ଘଂଟା ଅହରହ କୀର୍ତ୍ତନରେ ମାତିଥିବା ଏହି ଅସହାୟ ମହିଳା ମାନଙ୍କର କାର୍ଯ୍ୟ ତଦାରଖ ଲାଗି କ୍ଲୋଜ ସର୍କିଟ ଟେଲିଭିଜନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। କାର୍ଯ୍ୟରେ ଖିଲାପି ହେଲେ ପଡ଼ିକାଟର ଦଣ୍ଡ ।ଆଜିର ଯୁବସମାଜ ଯଦି ନିଜର ବ୍ୟସ୍ତ ଓ କର୍ମବହୁଳ ସମୟରୁ ଅଳ୍ପମାତ୍ର ବ୍ୟୟକରି ସେମାନଙ୍କ ହାତଟେକାକୁ ଚାହିଁ ବସିଥିବା ତ୍ରସ୍ତ ଓ ଅବହେଳିତ ବୃଦ୍ଧ / ବୃଦ୍ଧାମାନଙ୍କ ପାଇଁ କେବଳ ମାତ୍ର ଦୁଇଓଳି ରୁଟି ଓ କେଇପଦ ଆଶ୍ୱାସନା ବାଣୀ ଶୁଣାଇ ପାରନ୍ତେ, ସେମାନଙ୍କର ଶୁଖିଲା ପାଟିରେ ଦରୋଟି ହସ ଫୁଟି ଉଠନ୍ତା ଓ ‘ଅଭିଶାପ’ ପରିବର୍ତ୍ତେ ‘ଆଶୀର୍ବାଦ’ର ବନ୍ୟା ବୋହି ଆସନ୍ତା।

ସମଗ୍ର ପୃଥିବୀରେ ଜାପାନ ଏ ଦିଗରେ ଏକ ଆଦର୍ଶ। କାରଣ ସେମାନେ ବୃଦ୍ଧ/ବୃଦ୍ଧା ମାନଙ୍କୁ ସମାଜର ବୋଝ ମନେ କରନ୍ତି ନାହିଁ। ରାସ୍ତାରେ ଦେଖା ହୋଇଗଲେ ମୁଣ୍ଡ ନୁଆଁଇ ସମ୍ମାନ ଜଣାନ୍ତି। ପ୍ରତିଟି ଜାପାନୀ ମନେକରେ ଯେ, ବୟସ ଥିବା ସମୟରେ ‘ବୟସ୍କମାନେ ଦେଶର ଯେଉଁ ସେବା କରିଛନ୍ତି, ଏଭଳି ସମ୍ମାନ ତା’ର ପରିଶୋଧ’ ମାତ୍ର। ଆମ ଦେଶରେ ଜୀବନର ସାୟାହ୍ନରେ ମୁଣ୍ଡ ଗୁଞ୍ଜିବା ପାଇଁ ଟିକିଏ ଆଶ୍ରୟ ଓ ସାମାନ୍ୟ ପଡ଼ି ଭାତ ଲୋଡରେ ଦାଣ୍ଡ ବାରଣ୍ଡାରେ ବସି ରହିଥିବା ଏଭଳି କୋଟି କୋଟି ଅଭାଗା ବୃଦ୍ଧମାନଙ୍କ କଥା ଆମେ ଭାବିବା ନାହିଁତ କିଏ ଚିନ୍ତା କରିବ ? କେବଳ ନିଜର ସନ୍ତାନମାନେ ହିଁ ଏମାନଙ୍କ ମୁହଁରେ ହସ ଫୁଟାଇ ପାରିବେ। ସେମାନଙ୍କ ମଧ୍ୟରେ ନିଜକୁ ରଖି ଥରେ ଚିନ୍ତା କରନ୍ତୁ ତ ! ‘ସନ୍ତାନ’ର ସାମାନ୍ୟ କେଇପଦ ସାନ୍ତ୍ୱନାର ବାଣୀ ଆମପାଇଁ ଆଣିଦେବ କୁଢ଼ କୁଢ଼ ଆଶୀର୍ବାଦ। ଆମେ କ’ଣ ଏତିକି କରି ପାରିବା ନାହିଁ ?

ପୁରୀ -୨
ମୋ ୮୦୧୮୭୫୩୩୫

# ଭୋକିଲାଙ୍କୁ ଖାଦ୍ୟ ଦିଅ

**ସୌଭାଗ୍ୟ ରଂଜନ ମହାନ୍ତି**

ୱାର୍ଲ୍ଡ ଫୁଡ ପ୍ରୋଗ୍ରାମ(ଡବ୍ଲୁଏଫପି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ବିଶ୍ୱରେ ଭୋକିଲାଙ୍କ ସମ୍ପର୍କରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଚିନ୍ତାଜନକ ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ଅନେକ ଦେଶ ଖାଦ୍ୟ ସଂକଟ ଦେଇ ଗତି କରୁଛନ୍ତି। ଏହା ପଛରେ ମୁଖ୍ୟ କାରଣ ହେଉଛି ଖାଦ୍ୟ ଅପଚୟ ବା ନଷ୍ଟ। ସେହିପରି ଖାଦ୍ୟ ନଷ୍ଟ କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଂକଟର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଫୁଡ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନ (ଏଫଏଓ) କହିଛି ଯେ, ୨୦୧୯ରେ ଖାଦ୍ୟାଭାବ କାରଣରୁ ବିଶ୍ୱର ୬୯୦ ନିୟୁତ ଲୋକ ଭୋକିଲା ରହିଥିଲେ। ୨ ବିଲିଅନ ଲୋକଙ୍କ ପାଖରେ ଖାଦ୍ୟ ଗ୍ରହଣ କରିବାର ସୁଯୋଗ ଥିଲେ ମଧ୍ୟ ସେମାନେ ଭୋଗ ଉପାସରେ କାଳାତିପାତ କରୁଛନ୍ତି। ନିକଟରେ ଜାତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ (ୟୁନେଇପି) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ଜନସଂଖ୍ୟା ୮୦୦ କୋଟିକୁ ଅତିକ୍ରମ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮୩ କୋଟି ଲୋକ ଭୋକଉପାସରେ ରହୁଛନ୍ତି। ଯଦି ଖାଦ୍ୟ ନଷ୍ଟକୁ ରୋକିଦିଆଯାଇ ପାରିବ, ତେବେ ଭୋକରେ ରହୁଥିବା ଲୋକଙ୍କୁ ପେଟପୁରା ଖାଦ୍ୟ ଯୋଗାଇ ଦେବା ସମ୍ଭବ ହୋଇପାରିବ। ତେବେ ଚିନ୍ତାର କାରଣ ଏହା ଯେ, ବିଶ୍ୱର ଦୁଇ ଜନବହୁଳ ରାଷ୍ଟ୍ର ଚୀନ ଓ ଭାରତରେ ଖାଦ୍ୟ ନଷ୍ଟ ସର୍ବାଧିକ ଖାଦ୍ୟ ନଷ୍ଟ ବା ଅପଚୟରେ ଚୀନ ପ୍ରଥମ ସ୍ଥାନରେ ରହିଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ରିପୋର୍ଟ ଅନୁସାରେ ଭାରତରେ ଭାରତରେ ଗୋଟିଏ ବର୍ଷରେ ପ୍ରାୟ ୬.୮୭ କୋଟି ଟନ ଖାଦ୍ୟ ନଷ୍ଟ ହୋଇଥାଏ। ଅନ୍ୟ ପକ୍ଷରେ ଦେଶରେ ପ୍ରତ୍ୟେକ ଦିନ ୧୯କୋଟି ଲୋକ ଭୋଗ ଉପାସରେ ଦିନ ବିତାଉଥିବା କୁହାଯାଇଛି। ଅର୍ଥାତ୍ ଖାଦ୍ୟ ଉତ୍ପାଦନର ୪୦ ପ୍ରତିଶତ ଅଂଶ ନଷ୍ଟ ହେଉଛି। ଯାହାର ମୂଲ୍ୟ ୯୨ ହଜାର କୋଟି ବୋଲି କୁହାଯାଇଛି। ସେହିପରି ଚୀନରେ ବାର୍ଷିକ ୯.୬ କୋଟି ଟନ ଖାଦ୍ୟ ନଷ୍ଟ ହେଉଥିବା ବେଳେ ଆମେରିକା ୧.୯୩ କୋଟି ଟନ ଖାଦ୍ୟ ଶସ୍ୟ ନଷ୍ଟ ହେଉଥିବା ରିପୋର୍ଟରେ କୁହାଯାଇଛି। ଆମେ ଏସବୁ ଏଠାରେ ଅବତାରଣା କରିଛୁ ଏଇଥିପାଇଁ ଯେ, ୨୦୨୨ ପାଇଁ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୨୧ଟି ଦେଶ ମଧ୍ୟରୁ ତାଲିକାରେ ଭାରତ ୧୦୭ ନମ୍ବର ସ୍ଥାନରେ ରହିଛି। ଏଥିରୁ ଦେଶରେ ଦାରିଦ୍ର୍ୟ ବା ଭୋକିଲା ସ୍ଥିତି କେତେ ଉଦ୍‌ବେଗଜନକ ସ୍ଥିତିରେ ରହିଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ୨୦୨୧ରେ କ୍ଷୁଧା ସୂଚକାଙ୍କରେ ଭାରତ ୧୦୧ ନମ୍ବର ସ୍ଥାନରେ ରହିଥିବାବେଳେ ୨୦୨୨ରେ ଛଅଟି ସ୍ଥାନ ତଳକୁ ଖସିଛି।

ଅର୍ଥାତ ଦେଶରେ ଦାରିଦ୍ର୍ୟ ବଢିବାରେ ଲାଗିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଦେଶରୁ ଦାରିଦ୍ର୍ୟ ଦୂରିକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ଦେଶ ସ୍ୱାଧୀନତା ପରଠାରୁ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଏହାର ସୁଫଳ ଯେ, ଲୋକଙ୍କ ନିକଟରେ ପହଁଚିପାରିନାହିଁ, ଏହା ସ୍ୱୀକାର କରିବାକୁ ହେବ। ଆମ ଦେଶରେ ଯେକୌଣସି ଯୋଜନାର ମାତ୍ର ୧୫ପ୍ରତିଶତ ଲୋକଙ୍କ ନିକଟରେ ପହଁଚିଥିବାବେଳେ ୮୫ ପ୍ରତିଶତ ବାଟ ମାରଣା ହେଉଥିବା ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ପାର୍ଲିଆମେଂଟରେ ଯେଉଁ ବିବୃତି ଦେଇଥିଲେ, ତାହା ଅକ୍ଷରେ ଅକ୍ଷରେ ସତ୍ୟ, ବୋଧ ହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଅନ୍ୟ ପକ୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟ ହଟାଇଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଦେଶରେ ଭୋକିଲାଙ୍କ ସଂଖ୍ୟା ଯେ, ବଢିବାରେ ଲାଗିଛି , ଏହା ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ଖାଦ୍ୟାଭାବ ଯୋଗୁଁ ଦେର ୩୩ଲକ୍ଷ ଶିଶୁ କୁପୋଷଣର ଶିକାର। ସୂଚନା ଅଧିକାର ଆଇନ ବଳରେ ସରକାରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଦେଶରେ ମୋଟ ୩୩ଲକ୍ଷ ଶିଶୁ ପୁଷ୍ଟିହୀନ ଅଛନ୍ତି। ଯାହାଙ୍କ ମଧ୍ୟରୁ ୧୭ଲକ୍ଷ ୭୬ ହଜାର ଅତିଶୟ ପୁଷ୍ଟିହୀନତାର ଶିକାର ହୋଇଥିବାବେଳେ ୧୫ଲକ୍ଷ ୪୬ ହଜାର ଶିଶୁ ମଧ୍ୟମ ଧରଣର କୁପୋଷଣରେ ଅଛନ୍ତି। କେବଳ ଶିଶୁଙ୍କ କୁପୋଷଣ ନୁହେଁ, ପେଟକୁ ଦୁଇ ଓଳି ଦୁଇମୁଠା ଖାଇବାକୁ ନପାଇ ଦେଶରେ କୋଟି କୋଟି ଲୋକ କେବଳ ଅନ୍ତସାର ଶୂନ୍ୟ ହୋଇପଡିଥିବାବେଳେ ବହୁ ମାରାତ୍ମକ ରୋଗରେ ପିଡିତ। ଦେଶରେ ବାଟମାରଣା ଯୋଗୁଁ ଦାରିଦ୍ର୍ୟ ଦୂରିକରଣ ଏବଂ ସରକାରଙ୍କର ବିଭିନ୍ନ ବିକାଶମୂଳକ ଯୋଜନା ଯେ, ବିଫଳ ହୋଇଛି ଏହା ସ୍ୱୀକାର କରିବାକୁ ହେବ।

ସମ୍ମାନ ଭବନ
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ-୯୪୩୭୯୯୪୩୭୯

# ସଂଗୀନ ହେଉଛି କଟକର ପରିମଳ ଅବସ୍ଥା

କଟକ : ବହୁ ପ୍ରାଚୀନ ଐତିହ୍ୟ ସଂପନ୍ନ କଟକ ସହର ହଜାର ବର୍ଷର ସହର। ଏବେ କୁହାଯାଉଛି ସ୍ମାର୍ଟ ସହର। ପିଲାମାନଙ୍କୁ ବହିରେ ପଢ଼ାଯାଉଥିଲା କଟକ ନଗର ଧବଳ ଟଗର। ସ୍ୱଚ୍ଛ, ନିର୍ମଳତା ପାଇଁ ଏହି ସହର ପ୍ରସିଦ୍ଧି ଲାଭ କରିଥିଲା। ଏବେ କିନ୍ତୁ କଟକ ସହର ପାଲଟିଛି ଆବର୍ଜନାର ସହର। କୁଢ଼ କୁଢ଼ ଅଳିଆ ଗଦାର ଦୁର୍ଗ ଦେଖିବାକୁ ମିଳୁଛି ପ୍ରତ୍ୟେକ ଦିନ। ଏଠାରେ ସିଏମ୍‌ସି ଚିର ନିଦ୍ରାରେ। ମ୍ୟୁନିସପାଲଟି ବଦଳି କର୍ପୋରେସନ ହୋଇଗଲାଣି। ବହୁ ପ୍ରକଳ୍ପ କାର୍ଯ୍ୟ କରୁଛି। ଅଳିଆ ଆବର୍ଜନା ସଫା କାର୍ଯ୍ୟ ପାଇଁ କମ୍ପାନୀକୁ ଟେଣ୍ଡର ଦିଆଯାଇଛି। ଘୂରି ବୁଲୁଛି ଅଳିଆ ଉଠା ଗାଡ଼ି। ବାଜୁଛି ମାଇକ କିନ୍ତୁ କଟକ ସହର ଯେଉଁ ଅଳିଆକୁ ସେହି ଅଳିଆ ଗଦା ଭିତରେ ରହିଛି। ଏକଦା ଓଡ଼ିଶାର ରାଜଧାନୀ ବୋଲାଉଥିବା କଟକ ସହରର ପରିମଳ ବ୍ୟବସ୍ଥା ବର୍ତ୍ତମାନ ସମୟରେ ସଂଗୀନ ପାଲଟିଛି। ସିଏମ୍‌ସି ପକ୍ଷରୁ ଲୋକଙ୍କୁ ଯେତିକି ସଚେତନ କରାଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ବହୁ କଟକିଆ କହୁଛନ୍ତି। କଟକର ପରିମଳ ବ୍ୟବସ୍ଥା ବେଶି ପ୍ରଭାବିତ କରିଛି ଜାଇକା ପ୍ରକଳ୍ପ। ଏହି ଜାଇକା ଦ୍ୱାରା ଆଜି ବି କଟକର ବିଭିନ୍ନ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ମୁକୁଳା ଡ୍ରେନ, ଆବଡ଼ା ଖାବଡ଼ା ରାସ୍ତା ବହୁ ଲୋକଙ୍କର ଜୀବନ ନେଲାଣି ଇତି ମଧ୍ୟରେ। କଟକର ରାସ୍ତାଘାଟକୁ ୟୁରୋପର ରାସ୍ତାଭଳି ପରିଣତ କରିବେ ବୋଲି ସିଏମ୍‌ସି ନିର୍ବାଚନରେ ଲୋକଙ୍କର ପ୍ରତିଶ୍ରୁତି ଦେଇ ସୁନେଲି ସ୍ୱପ୍ନ ଦେଖାଇଥିଲେ କଟକର ମେୟର ସୁବାସ ସିଂହ। ଏହି ପ୍ରସ୍ତୁତି ପରେ ସିଏମ୍‌ସି ନିର୍ବାଚନରେ ବିଜୟୀ ହୋଇ କଟକର ମେୟର ହେବାର ଏକ ବର୍ଷ ପରେ ମଧ୍ୟ କଟକର ରାସ୍ତାଘାଟର ଅବସ୍ଥା ଆଜିବି ସେମିତି। ବରଂ ଦିନକୁ ଦିନ ଜାଇକା ଯୋଗୁଁ ମରଣଯନ୍ତାରେ ପରିଣତ ହେଉଛି। ନିର୍ବାଚନରେ ପ୍ରତିଶ୍ରୁତି ଦେଇ ତାହା ପୂରଣ କରିନଥିବାରୁ ଲୋକଙ୍କର ପ୍ରଶ୍ନକୁ ସାମ୍ନା କରିପାରୁନାହାନ୍ତି ମେୟର ମହୋଦୟ। ଲୋକ ଯଦି ପଚାରୁଛନ୍ତି କେବେହେବ କଟକର ରାସ୍ତାର ନବୀକରଣ ତେବେ ମେୟର ଚୁପ୍ ହୋଇ ଅତି ଧୀର କଣ୍ଠରେ କହୁଛନ୍ତି ଖୁବ୍ ଶୀଘ୍ର କଟକ ରାସ୍ତାଘାଟ ଠିକ୍ ହୋଇଯିବ। ଏପଟେ ସହରରେ ପଙ୍କଉଦ୍ଧାର କାର୍ଯ୍ୟ ଆଜି ବି ସଂପୂର୍ଣ୍ଣ ହୋଇପାରୁନାହିଁ। ଅସରାଏ ବର୍ଷା ହେଲେ କଟକର ଅବସ୍ଥା ବେହାଲ ହୋଇଯାଉଛି। କେଉଁଠି ଆଣ୍ଠୁଏ ପାଣି ତ ଆଉ କେଉଁଠି କୃତ୍ରିମ ବନ୍ୟା। ଏ ସବୁ ଦେଖିଲେ କଟକର ଅସଲ ଚେହେରା ସାମ୍ନାକୁ ଆସୁଛି। ଅନ୍ୟପଟେ କଟକ ବାଉନ ବଜାର ତେପନ ଗଳିରେ ଥିବା ଉଠା ଦୋକାନୀଙ୍କ କଥାକୁ ଦେଖିବା। ସେମାନଙ୍କର ବର୍ଜ୍ୟ ପରିଚାଳନା ଏକଦମ୍ ଠପ୍ ହୋଇପଡ଼ିଛି। ସବୁଠାରୁ ବଡ଼ କଥା ହେଲା ସ୍ୱଚ୍ଛ କଟକର ନାରା ଦେଉଥିବା ସିଏମ୍‌ସିର ସଫେଇ କର୍ମଚାରୀ କଟକର ସଫେଇ କରୁଛନ୍ତି ସତ ମାତ୍ର ଉଠା ଦୋକାନୀଙ୍କର ବର୍ଜ୍ୟ ଦିନବେଳା ନେଉନଥିବାରୁ ସିଏମ୍‌ସିର ବିଭିନ୍ନ ସ୍ଥାନରେ ବର୍ଜ୍ୟ ସବୁ ଗଦା ହୋଇ ରହୁଛି। ବିଶେଷକରି ନଡ଼ିଆ, ପଇଡ଼, ଦହିବରା, ଜଳଖିଆ, ଚା ଦୋକାନ ମାନଙ୍କରେ ଏହା ଦେଖିବାକୁ ମିଳୁଛି। ବିଶେଷକରି କଟକର ଓମ୍‌ପି, ମଧୁପାଟଣା, ଲିଙ୍କରୋଡ଼, ବାଦାମବାଡ଼ି, ପ୍ରେସଛକ, ମେଡ଼ିକାଲ ଆଦି ବହୁ ଜାଗାରେ ଉଠା ପଇଡ଼ ଦୋକାନୀ ପଇଡ଼ ବିକନ୍ତି। ଗ୍ରାହକଙ୍କୁ ବିକିଲା ପରେ ପଇଡ଼ ଚୋପା ଓ ପଇଡ଼କୁ ଏଣେତେଣେ ପକାଇ ପରିବେଶକୁ ଦୂଷିତ କରିବା ସହ ପରିମଳ ବ୍ୟବସ୍ଥାକୁ ମଧ୍ୟ ନଷ୍ଟ କରୁଥିବାର ଦେଖିବାକୁ ମିଳେ। ସହରର ବହୁ ଉଠା ଦୋକାନୀ ସିଏମ୍‌ସିର ପରିମଳ ଗାଇଡ଼ଲାଇନ ଅନୁଯାୟୀ ସେମାନଙ୍କର ବର୍ଜ୍ୟକୁ ସଠିକ ରୂପେ ପରିଚାଳନା କରିପାରୁନାହାନ୍ତି। ଅନ୍ୟପଟେ ସିଏମ୍‌ସି ମଧ୍ୟ ଏସବୁ ଉଠା ଦୋକାନୀଙ୍କୁ ତାଗିଦ ବି କରୁନାହିଁ। ସହରରେ ଉଠା ଦୋକାନୀ ପରିଚାଳନାରେ ସିଏମ୍‌ସି ଏକଦମ୍ ଫେଲ୍ କହିଲେ ଅତ୍ୟୁକ୍ତି ହେବନାହିଁ। ଆଜି ପର୍ଯ୍ୟନ୍ତ କଟକ ସହରକୁ ଉଠା ଦୋକାନୀମୁକ୍ତ କରିବାରେ ସିଏମ୍‌ସି ଫେଲ୍ ମାରିଛି। ଭେଣ୍ଡିଂ ଜୋନ୍ ଏପର୍ଯ୍ୟନ୍ତ ସଠିକ୍ ଭାବେ ସହରର ବିଭିନ୍ନ ସ୍ଥାନରେ ଖୋଲାଯାଉନାହିଁ କି ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ ନିର୍ମାଣ କରି ଯୋଗାଇ ଦିଆଯାଉନାହିଁ। ଯାହାଫଳରେ ସହରର ପରିମଳ ପରିଚାଳନା ଠପ୍ ହୋଇଯାଉଛି। ଏପଟେ ସିଏମ୍‌ସି କହୁଛି ସ୍ୱଚ୍ଛ ସୁନ୍ଦର ଆମ କଟକ। ବାସ୍ତବ ଚିତ୍ର ଦେଖିଲେ କଟକ ସହର କେତେ ସ୍ୱଚ୍ଛ ତାହା ବାରି ହୋଇଯାଏ। ବର୍ଜ୍ୟ ପରିଚାଳନାରେ ସିଏମ୍‌ସି ଏକରକମ୍ ଫେଲ୍ ମାରିଛି। ସହରରେ ଗଡ଼ି ଉଠୁଥିବା ବିଭିନ୍ନ ପ୍ରାଇଭେଟ ନର୍ସିଂହୋମରୁ ବାହାରୁଥିବା ବର୍ଜ୍ୟ ସେମାନେ ବିଭିନ୍ନ ସମୟରେ ସହରର ନାଳରେ ପକାଉଛନ୍ତି। ଯାହାଫଳରେ ନାଳଗୁଡ଼ିକ ଜାମ୍ ହୋଇଯାଉଛି। ନାଳ ସଫେଇ, ପଙ୍କ ଉଦ୍ଧାର ସହରରେ ସଠିକ ରୂପେ ହେଉନଥିବାରୁ ଅଧିକାଂଶ ସମୟରେ ବହୁ ଜାଗାରେ ନାଳ ନର୍ଦ୍ଦମା ପାଣି ରାସ୍ତାରେ ବହୁଥିବାର ଦେଖିବାକୁ ମିଳୁଛି। ବର୍ଷା ହେଲେ ତ ନର୍ଦ୍ଦମା ଓ ବର୍ଷାପାଣି ରାସ୍ତାରେ ଉକ୍ତ ପାଣିରେ ଜନସାଧାରଣ ଯାତାୟତ କରି ବିଭିନ୍ନ ଚର୍ମରୋଗର ଶିକାର ହେଉଥିବା ଦେଖିବାକୁ ମିଳେ। ଏସବୁ ଜାଣି ମଧ୍ୟ ସିଏମ୍‌ସି ଚୁପ୍ ବସିଛି। କାଗଜ ପତ୍ର ଓ ପ୍ରଚାର ପ୍ରସାରରେ ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ସିଏମ୍‌ସିର ଅସଲ ଚେହେରା ଏବେ ପଦାରେ ପଡ଼ିଛି। ସହରର ବହୁ ସ୍ଥାନରେ କୁକୁଡ଼ା ଦୋକାନୀମାନେ କୁକୁଡ଼ା ବିକ୍ରି କରି କୁକୁଡ଼ାର ପର ଓ ଅନ୍ତନଳୀ ଏବଂ ବର୍ଜ୍ୟ ବହୁ ସମୟରେ ନାଳରେ ଫିଙ୍ଗି ଦେଉଥିବା ଦେଖାଯାଉଛି। ଯାହାଫଳରେ ନାଳଗୁଡ଼ିକ ମଧ୍ୟ ଜାମ୍ ହୋଇ ସଠିକ ରୂପେ ନର୍ଦ୍ଦମା ପାଣି ନିଷ୍କାସନ ହୋଇପାରୁନାହିଁ। ସିଏମ୍‌ସିର ୱାର୍ଡ ସୁପରଭାଇଜରମାନେ ଏସବୁ ବିଷୟରେ ଜାଣି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିପାରିବା ବାସ୍ତବିକ ଚିନ୍ତାର ବିଷୟ। କଟକ ସହରର ଜନସଂଖ୍ୟା ବୃଦ୍ଧି ସହ ସହରରେ ବର୍ତ୍ତମାନ ପରିମଳ ଅବସ୍ଥାକୁ ନେଇ ସମସ୍ତେ ଚିନ୍ତିତ ଥିଲାବେଳେ ସିଏମ୍‌ସି ଚୁପ୍ ରହିବା ଦେଖିବାକୁ ମିଳୁଛି। ସହରରେ ଜବରଦଖଲ ଉଠା ଦୋକାନୀ ଉଚ୍ଛେଦ ସହ ଖୋଲା ନାଳନର୍ଦ୍ଦମା ଉପରେ ସ୍ଲାବ୍ ପକାଇବାରେ ମଧ୍ୟ ସିଏମ୍‌ସି ବିଫଳ। ଖୋଲା ନାଳରେ ବହୁ ସମୟରେ ବହୁ ଜୀବନ ଯାଇଥିଲେ ବି ସିଏମ୍‌ସି ଏହାର କୌଣସ ଠୋସ ପଦକ୍ଷେପ ନେଉନାହିଁ। ଆଗକୁ ବର୍ଷାଦିନ ବର୍ଷାଦିନେ ଅସରାଏ ଦୁଇ ଅସରା ବର୍ଷାରେ କଟକର ଅବସ୍ଥା କ'ଣ ହେବ ତାହା ଅନୁମାନ କରିହେଉନାହିଁ। ଏପଟେ ଅଧା ପନ୍ତରିଆ ଭାବେ ସହରରେ ବିଭିନ୍ନ ରାସ୍ତା ମରଣଯନ୍ତା। ରାସ୍ତାରେ ପାଣି ହେଲେ ଲୋକେ କିପରି ଯାତାୟତ କରିବେ ରାସ୍ତା ନାଳ ବର୍ଷାପାଣିରେ ଏକାକାର ହେଲାବେଳେ ବହୁ ଲୋକ ଦୁର୍ଘଟଣାର ଶିକାର ହେବେ ବୋଲି ଏବେକାର ସ୍ଥିତି ଦେଖି ଅନୁମାନ କରାଯାଇପାରୁଛି। ବିଏମ୍‌ସି ସବୁ ଜାଣି ସୀମିତି କୌଣସି ଆଖି ଦୃଶିଆ ପଦକ୍ଷେପ ନେଉନଥିବାରୁ ବହୁ କଟକିଆ ଅସନ୍ତୋଷ ପ୍ରକାଶ କରୁଛନ୍ତି। ୨୦୧୨ ଅକ୍ଟୋବର ମାସରୁ ଆରମ୍ଭ ହୋଇଥିବା ଜାଇକା ଇତି ମଧ୍ୟରେ ୧୧ ବର୍ଷା ହେଲା ଚାଲୁ ରହୁଛି। ସରିବାର ନାଁ ଗନ୍ଧ ଦେଉନାହିଁ। ଠିକାଦାର କମ୍ପାନୀର ଅବହେଳା ଓ ସରକାରଙ୍କର ସଠିକ ତାଗିଦ ହେଉନଥିବାରୁ ଏପରି ମନ୍ଥର ଗତିରେ ଜାଇକା ତା'ର କାର୍ଯ୍ୟ କରୁଛି। ଇତି ମଧ୍ୟରେ ପ୍ରକଳ୍ପର ମୂଲ୍ୟ ୭୫୦ କୋଟିରୁ ୩୦୭୦ କୋଟିରେ ପହଞ୍ଚିଲାଣି। କିନ୍ତୁ ଜାଇକା କାର୍ଯ୍ୟ ଶେଷ ହେବାର ନାଁ ନେଉନାହିଁ। ଯାହାଫଳରେ କଟକରେ ପରିମଳ କହନ୍ତୁ କି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସହରରେ ଚାଲୁଥିବା ବିଭିନ୍ନ ନିର୍ମାଣଧିନ ପ୍ରକଳ୍ପ ପାଇଁ ବ୍ୟବହାର ହେଉଥିବା ବାଲି, ଗୋଡ଼ି ବିଭିନ୍ନ ସମୟରେ ହାୱାଇ ଦ୍ୱାରା ବୁହା ହେଉଥିବାବେଳେ ବାଲି ଗୋଡ଼ିର ଧୂଳି ଉଡ଼ି ସହରର ପରିବେଶକୁ ମଧ୍ୟ ଦୂଷିତ କରିଦେଉଛି। ଦୂଷିତ ପରିବେଶ ଓ ପରିମଳ ବ୍ୟବସ୍ଥାର ଠପ୍ ଯୋଗୁଁ କଟକ ସହରରେ ବିଭିନ୍ନ ରୋଗ ଦେଖାଦେଉଛି। କଟକର ବହୁ ସ୍ଥାନରେ ମୁଖ୍ୟ କେନାଲ ଗୁଡ଼ିକରେ ଆବର୍ଜନା ପାଣି ସଠିକ୍ ରୂପେ ନିଷ୍କାସନ ନ ହୋଇ ରହୁଥିବାରୁ ତାହାର ଦୁର୍ଗନ୍ଧ ସହରର ପରିବେଶକୁ ମଧ୍ୟ ପ୍ରଦୂଷିତ କରୁଛି। ଖାନନଗର ପାଖରେ ମହାନଦୀକୁ ଜଳ ନିଷ୍କାସନ ଦ୍ୱାର ଏବଂ ହେଉ କି ବଜ୍ରକବାଟି ରୋଡ଼ ନାଳ ହେଉ କି ରାଉସାପାଟଣା ନାଳ, ପଟାପୋଲ ନାଳରେ ପାଣି ଜମି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏସବୁ ଜାଣି ମଧ୍ୟ ସିଏମ୍‌ସି ଏବଂ ପ୍ରଶାସନ ନିରବଦ୍ରଷ୍ଟା। ପାଣି ଜମି ରହିବା ଫଳରେ ମଶା ବଂଶ ବିସ୍ତାର ହେବା ସହ ସହରରେ ବହୁ ସ୍ଥାନରେ ବିଭିନ୍ନ ରୋଗ ଦେଖାଦେଉଛି। ମୋଟାମୋଟି କହିବାକୁ ଗଲେ ୫୨ ବଜାର ତେପନ ଗଳିକୁ ବହନ କରୁଥିବା କଟକ ସହର ଅଣଓସାରିଆ ରାସ୍ତା ପାର୍ଶ୍ୱରେ ବହୁ ସ୍ଥାନରେ ଉଠା ଦୋକାନୀମାନଙ୍କର ବର୍ଜ୍ୟ ଓ ବହୁ ଘରର ବର୍ଜ୍ୟ ସହରର ରାସ୍ତାକୁ ଆବର୍ଜନା କରୁଛନ୍ତି। ମୁଖ୍ୟ କଥା ହେଲା ସରକାରଙ୍କ ପକ୍ଷରୁ ବ୍ୟାନ ହୋଇଥିବା ଏକକ ବ୍ୟବହାର ପ୍ଲାଷ୍ଟିକ ଓ ପଲିଥିନ ଆଜିବି ସହରର ବିଭିନ୍ନ ସ୍ଥାନରେ ବହୁଳ ପରିମାଣରେ ଉପଲବ୍ଧ ହେଉଛି। ସିଏମ୍‌ସି ପକ୍ଷରୁ ଏଥିପ୍ରତି କୌଣସି କଟକଣା ବା ଚଢ଼ାଉ ହେଉନାହିଁ। ଦୋକାନ ମାନଙ୍କରେ ବେଧଡ଼କ ଭାବରେ ଏହା ବ୍ୟବହାର ହେଉଛି। ଲୋକେ ଜଳଖିଆ ହେଉ କି ପନିପରିବା, ଗ୍ରୋସରୀ ପାଇଁ ପଲିଥିନର ବ୍ୟବହାର କରୁଛନ୍ତି। ପଲିଥିନ ମଧ୍ୟ ସହରର ପରିମଳକୁ ଏକରକମ୍ ପ୍ରଦୂଷିତ କରୁଛି। ସହରରେ ଏସବୁ ପ୍ରତି ସିଏମ୍‌ସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କହିବାକୁ ଗଲେ ଅନ୍ଧ ଧୃତରାଷ୍ଟ୍ର ସାଜିଛି ସିଏମ୍‌ସି। ସହରରେ ଉଠା ଦୋକାନୀ, ବିଭିନ୍ନ ରାସ୍ତାକଡ଼ ହୋଟେଲରେ ମିଳୁଥିବା ଖାଦ୍ୟର ଯାଞ୍ଚ ସିଏମ୍‌ସି ପକ୍ଷରୁ କରାଯାଉନାହିଁ। ବହୁ ସମୟରେ ବହୁ ଲୋକେ ଉକ୍ତ ଦୋକାନମାନଙ୍କରେ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସିଏମ୍‌ସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କି ଚଢ଼ାଉ କରାଯାଉନାହିଁ। ଯାହାଫଳରେ ଆଜିବି ସହରର ବହୁ ସ୍ଥାନ ଯଥା ମେଡ଼ିକାଲ ପାଖ, ବାଦାମବାଡ଼ି, ଓମ୍‌ପି, ବକ୍ସିବଜାର, ଷ୍ଟାଡ଼ିୟମ୍ ପାଖ ଆଦି ବହୁ ଜାଗାରେ ନିମ୍ନ ମାନର ଦୂଷିତ ଖାଦ୍ୟ ବିକ୍ରି ହେଉଛି। ଏସବୁ ଜାଣି ମଧ୍ୟ ସିଏମ୍‌ସି ଚୁପ୍। ସହରର ବାହ୍ୟ ମଳମୂତ୍ର ପରିଚାଳନା ମଧ୍ୟ ସଠିକ ରୂପେ ହୋଇପାରୁନାହିଁ। ସହରରେ ଶୌଚାଳୟ ଅଛି ସତ ମାତ୍ର ସେ ସବୁ ଠିକ୍ ସମୟରେ ଖୋଲୁନଥିବାରୁ ଏବଂ ସନ୍ଧ୍ୟାପରେ ବନ୍ଦ ରହୁଥିବାରୁ ସହରକୁ ଆସୁଥିବା ବହୁ ଜନସାଧାରଣ ରୋଗୀଙ୍କ ସଂପର୍କୀୟମାନେ ହଇରାଣ ହୋଇ ରାସ୍ତାକଡ଼ ଓ ବିଭିନ୍ନ ଖାଲିସ୍ଥାନମାନଙ୍କରେ ମଳମୂତ୍ର ତ୍ୟାଗ କରୁଥିବା ଦେଖିବାକୁ ମିଳେ। ଏସବୁ ଜାଣି ମଧ୍ୟ ସିଏମ୍‌ସି ଚୁପ୍। ସହରର ପରିବେଶ ବର୍ତ୍ତମାନ ଅବସ୍ଥାରେ ସଂଗୀନ। ଅଧିକାଂଶ ରାସ୍ତା ଧୂଳି ଓ ବର୍ଜ୍ୟବସ୍ତୁ ପୂର୍ଣ୍ଣ ଗୋଟିଏ ସ୍ୱଚ୍ଛ ବାତାବରଣ କଟକ ସହରରେ ପାଇବା ବର୍ତ୍ତମାନର ଅବସ୍ଥାରେ ବିରଳ ହୋଇଗଲାଣି। ସହର ବୃକ୍ଷ ଶୂନ୍ୟ ହେବାକୁ ବସିଲାଣି। ନୂତନ ବୃକ୍ଷ ରୋପଣ ସ ସହରରେ ହେଉନାହିଁ। ଏପଟେ ମହାନଦୀ, କାଠଯୋଡ଼ି ପୋତି ବିଭିନ୍ନ ପ୍ରକଳ୍ପ ଆରମ୍ଭ ହୋଇଛି। ସହରର ଟ୍ରାଫିକ ବ୍ୟବସ୍ଥା ମଧ୍ୟ ଏକରକମ୍ ଠପ୍। କେବଳ ମୁଖ୍ୟ ରାସ୍ତାଗୁଡ଼ିକରେ ଲୋକଦେଖାଣିଆ ଚେକିଂ ହେଉଛି ତ ସହରର ଭିତରରେ ଚେକିଂର ନାଁ ଗନ୍ଧ ନାହିଁ। ଲୋକେ ବିନା ହେଲମେଟରେ ଗାଡ଼ି ଚଳାଉଥିଲାବେଳେ ଅଧିକାଂଶ ଲୋକେ ୨ ରୁ ୩ ଜଣକୁ ନେଇ ମଟର ସାଇକେଲ ସହରର ଅଣଓସାରିଆ ରାସ୍ତାରେ ଯାତାୟାତ କରୁଚନ୍ତି ୧୮ ବର୍ଷରୁ କମ୍ ପିଲାମଧ୍ୟ ସହରରେ ଗାଡ଼ି ଚଳାଉଥିବା ଦେଖିବାକୁ ମିଳେ। ମାତ୍ର ଟ୍ରାଫିକ ପୋଲିସ ଓ ପୋଲିସ ସବୁ ଦେଖି ନିରବଦ୍ରଷ୍ଟା ଭଳି ଠିଆ ହୋଇଥାଏ। ସହର ଭିତର ବହୁ ରାସ୍ତା ଆବଡ଼ାଖାବଡ଼ା ଅଣଓସାରିଆ ଓ ସଂକୀର୍ଣ୍ଣ। ଏହି ଅଣଓସାରିଆ ରାସ୍ତାମାନଙ୍କରେ ବହୁ ସ୍ଥାନରେ ଉଠା ଦୋକାନୀମାନେ ସେମାନଙ୍କର ପସରା ମେଲେଇଥିଲାବେଳେ ବହୁ ଲୋକେ ରାସ୍ତା ଉପରେ ସେମାନଙ୍କର ଗାଡ଼ିକୁ ପାର୍କିଂ କରୁଥିବାରୁ ସହରର ଭିତରରେ ଗାଡ଼ି ଚଳାଚଳ କରିବା ମଧ୍ୟ ସାଧାରଣ ପକ୍ଷରେ ମୁସ୍କିଲ ହୋଇପଡ଼ିଛି। ଯଦି ପ୍ରଶାସନ ଏବଂ ସିଏମ୍‌ସି ସହରର ମୌଳିକ ସମସ୍ୟା ପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଆଗାମୀ ଦିନରେ କଟକ ବାସୀ ଆହୁରି ହନ୍ତସନ୍ତ ହେବେବୋଲି ବହୁ କଟକିଆ ମତ ପ୍ରକାଶ କରିଛନ୍ତି। ଏ ସମସ୍ୟା ଗୁଡ଼ିକ ସଂପର୍କରେ କଟକ ମେୟର ସୁବାସ ସିଂହଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା। ଆବର୍ଜନାରେ ବୁଡ଼ି ରହିଛି କଟକ ସହର। ସମସ୍ୟାରେ ଆକ୍ରାମାକ୍ରା ହେଲେଣି କଟକବାସୀ। ଦେଖିବାକୁ ବାକି ରହିଲା କେବେ ସୁଧୁରିବ କଟକ ସହରର ଅବସ୍ଥା।

















# ଶିମିଳିପାଳ ଅଭୟାରଣ୍ୟରେ କାର୍ଯ୍ୟରତ ବନରକ୍ଷୀ ଓ ବନପାଳଙ୍କୁ ଗୁଳିମାଡ ଘଟଣା
# ପ୍ରଶାସନର ନୀରବତା ପାଇଁ ୫ ଦଫା ଦାବିପତ୍ର



ରାୟଗଡ଼ା(ପିପିଏସ୍): ବିଗତ ଦିନରେ ଗୋଟିଏ ମାସରୁ କମ୍ ବ୍ୟବଧାନ ମଧ୍ୟରେ ବାରିପଦା ସର୍କଲର ଶିମିଳିପାଳ ଅଭୟାରଣ୍ୟରେ କାର୍ଯ୍ୟରତ ବନରକ୍ଷୀ ବିମଳ କୁମାର ଜେନା ଏବଂ ବନପାଳ ମାଥି ହାଂସଦା ଶିକାରୀଙ୍କ ଗୁଳିମାଡ଼ରେ ସହିଦ ହୋଇଥିଲେ। ତେବେ ସହିଦ୍ କର୍ମଚାରୀଙ୍କ ପ୍ରତି ପ୍ରଶାସନ ଏବଂ ବିଭାଗର ଅଧିକାରୀଙ୍କ ଅବହେଳା ଯୋଗୁଁ ଓଡିଶା ଅଣ-ଗେଜେଟେଡ୍ ବନ ସେବା ସଂଘ, ରାଜ୍ୟ ଶାଖାର ଡାକରାରେ ଡେପୁଟି ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟଗାର୍ଡ, ରାୟଗଡା ଶାଖା ପକ୍ଷରୁ ଜୁନ୍ ୧୯ ତାରିଖରୁ ଆସନ୍ତା ୮ ଜୁଲାଇ ପର୍ଯ୍ୟନ୍ତ ପ୍ରତୀକ ଧାରଣା ଏବଂ ଜୁଲାଇ ୧୦ ତାରିଖଠାରୁ ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜିଠାରେ କାର୍ଯ୍ୟବନ୍ଦ ସହ ସମୂହ ଧାରଣାରେ ବସିବା ନିମନ୍ତେ ଓଡିଶା ଅଣ-ଗେଜେଟେଡ୍ ବନସେବା ସଂଘ,ରାୟଗଡ଼ା ଶାଖା ସଭାପତି ନିରଞ୍ଜନ ସାରକାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ରାୟଗଡ଼ାଙ୍କୁ ଏବଂ ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବନଖଣ୍ଡ ଅଧିକାରୀ ରାୟଗଡ଼ାଙ୍କୁ ଏକ ୫ ଦଫା ସମ୍ବଳିତ ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି ।

## ଅବକାରୀ ଚଢଉ
## ୧୫ ଶହ ଲିଟର ପୋଚ ଓ ୧୫୦ଲିଟର ଦେଶୀମଦ ଜବତ

ଜୟପୁର, (ହି.ସ.) - ଦେଶୀମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡାରେ ଚଢଉ କରିଛି ।

ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣା ସ୍ଥଳରୁ ୧୫ ଶହ ଲିଟର ପୋଚ ଓ ୧୫୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ମାଉସୀ ଘରେ ତିନି ଠାକୁର, ପୂଜାର୍ଚ୍ଚନା କଲେ ମନ୍ତ୍ରୀ




ଟିଟିଲାଗଡ଼,(ପିପିଏସ୍): ଦଧିବାମନ ଟ୍ରଷ୍ଟ ଟିଟିଲାଗଡ ପକ୍ଷରୁ ପାରମ୍ପରିକ ରୀତିନୀତି ସହ ମାଉସୀ ମନ୍ଦିରରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା ଚାଲିଛି। ଏନେଇ ପ୍ରତ୍ୟେହ ମହାପ୍ରଭୁଙ୍କ ବେଶ ଦର୍ଶନ କରିବାକୁ ଭକ୍ତଙ୍କ ଭିଡ ଲାଗି ରହିଛି। ଟିଟିଲାଗଡ ଉପଜିଲାପାଳ ତଥା ଦଧିବାମନ ଟ୍ରଷ୍ଟର ମାନେଜିଂ ଟ୍ରଷ୍ଟି ଦୟାମୟ ପାଢୀଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ସେବାୟତ ସନତ ପାଢୀ, କମ୍ବୁପାଣି ପାଢୀ, ସଞ୍ଜୟ ପାଢୀ, ଅଶୋକ ପାଢୀ, ପ୍ରଶାନ୍ତ ପାଢୀ, ନରୋତ୍ତମ ପାଢୀ, ଶୁଭ୍ରାଂଶୁ ପାଢୀ, ସୁମନ୍ତ ପାଢୀ, ନରେନ୍ଦ୍ର ପାଢୀ, ସଦେଶ ପାଢୀ, ରାଜା ପାଢୀ, ଟିନୁ ପାଢୀ, ଜିତୁ ପାଢୀ, ଟ୍ରଷ୍ଟ ସଦସ୍ୟ ସଞ୍ଜିବ ପାଢୀ, ଭବାନି ପ୍ରସାଦ ହୋତା, ଅଲେଖ ଦଳବେହେରା, ସୁବାଶ ପାଢୀ, ଧ୍ରୁବଲେଶ୍ୱର ଦଲବେହେରା, ରାଜେଶ ପ୍ରଧାନ, କୃଷ୍ଣସିଂ ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ପ୍ରତ୍ୟେହ ଭକ୍ତଙ୍କ ପାଇଁ ଅନ୍ନଭୋଗ ପ୍ରସାଦ ବଣ୍ଟନ ହେଉଛି। ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମନ୍ଦିରକୁ ଆସି ଭକ୍ତଙ୍କ ଗହଣରେ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ରୀଙ୍କ ପକ୍ଷରୁ ମହାପ୍ରଭୁଙ୍କୁ ଭୋଗ ଲାଗି ସହ ସହସ୍ରାଧିକ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ ହୋଇଥିଲା। ଭକ୍ତଙ୍କ ପାଇଁ ପ୍ରତ୍ୟେହ ଅନ୍ନପ୍ରସାଦ ବ୍ୟବସ୍ଥା ନେଇ ଭୁବନେଶ୍ୱରର ବ୍ୟବସାୟୀ ରାଜେଶ କେଜ୍ରିୱାଲଙ୍କ ସମେତ ଅନେକ ଦାତା ସହଯୋଗ କରୁଛନ୍ତି।



# ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ଯୁବ ଉତ୍ସବ

ସୁବର୍ଣ୍ଣପୁର, (ହି.ସ.) : ସୁବର୍ଣ୍ଣପୁର ନେହେରୁ ଯୁବ କେନ୍ଦ୍ର ସଂଗଠନ ତରଫରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ଯୁବ ସମାଜ ସକାରାତ୍ମକ ମାନସିକତାର ସହ ଆଗାମୀ ଆହ୍ୱାନକୁ ଗ୍ରହଣ ପୂର୍ବକ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ ବୋଲି ଅଭିହିତ କରିଥିଲେ। ଜିଲ୍ଲା ଯୁବ ଅଧିକାରୀ ଏ.ଭି. ନରସିଂହା କୁମାରଟି ଉତ୍ସବ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋଚନା କରିଥିବା ବେଳେ ବକ୍ତା ଭାବେ ଡଃ ଜ୍ୟୋତି ରଂଜନ ବହିଦାର ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଯୁବ ସମାଜକୁ ସବୁ ସମୟରେ ସଠିକ ମାର୍ଗଦର୍ଶନ ଦେଇଥାଏ ବୋଲି ଉଲ୍ଲେଖ କରିଥିଲେ। ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ଅତିଥି ପରିଚୟ, ସ୍ୱାଗତ ସଂଭାଷଣ ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀମାନଙ୍କୁ ମଂଚାସୀନ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ମହାନଦୀ ଧାରା, ସିଣ୍ଡୋଲ ଆଂଚଳିକ ମହାବିଦ୍ୟାଳୟ ଏବଂ କୋଶଲ ଉଚ୍ଚ ବିଦ୍ୟାଳୟ,କବିତା ଆବୃତିରେ ରିତେଶ ପଣ୍ଡା, ଉତ୍କଳିକା ମିଶ୍ର, ଗୋବିନ୍ଦ ପଧାନ, ମୋବାଇଲ ଫଟୋଗ୍ରାଫିରେ ଦିବ୍ୟପ୍ରକାଶ ସାହୁ, ଦୀପେଶ ପଣ୍ଡା, ବିଶ୍ୱଜିତ ପାଢୀ, ଚିତ୍ରକଳାରେ ରୋହନ ମେହେର, ରାଜା ମେହେର, ସୁମନ୍ତ ସେଠୀ, ବକ୍ତୃତା ପ୍ରତିଯୋଗିତାରେ ଇପସିତ ପାଣିଗ୍ରାହୀ, ଅଭିଷେକ ନାଏକ, କରୁଣାକର ଖତିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଦ୍ୟୁମ୍ନ କୁମାର ସାହୁ, ଚୌଧୂରୀ ବିଭାର, ଡଃ ଜ୍ୟୋତି ରଂଜନ ବହିଦାର, ଶ୍ରୀଧର ବାଗ, ଡଃ ସୌରଭ ରଂଜନ ଖମାରୀ, ରଂଜିତା ପଣ୍ଡା, ଦୀନେଶ ରଂଜନ ମିଶ୍ର, ଜ୍ୟୋତିରାଦିତ୍ୟ ପୀନାକୀ ପଣ୍ଡା, ଶ୍ୟାମ ସୁନ୍ଦର ମେହେର,ରଶ୍ମି ରଂଜନ ବିଶି ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇ ଥିଲେ।ଏପିଏସ୍ ବିପିନ ବିହାରୀ ଜେନା ପୁରସ୍କାର ବିତରଣ ପର୍ବକୁ ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ସୋନପୁର ମିଲେଟ ମିସନ ଏବଂ ପ୍ରଥମ ଏଜୁକେସନ ଫାଉଣ୍ଡେସନ ତରଫରୁ ପ୍ରଦର୍ଶନୀ ଷ୍ଟଲ ଲଗାଯାଇଥିଲା। ନେହେରୁ ଯୁବ କେନ୍ଦ୍ରର କୃପାସିନ୍ଧୁ ସା, ହୃଷିକେଶ ଦେହୁରୀ, ଧ୍ରୁବଲେଶ୍ୱର ଭୁକ୍ତା, ମନରଂଜନ ଜଗଦଲା, ସୁଦର୍ଶନ ଭରାସାଗର, ଅଜିତ ଭୋଇ, ଜଗତ ଖମାରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗ କରିଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, (ହି.ସ.) : ଲଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୪୫ଟି ଅଭିଯୋଗ ଶୁଣାଣି ହୋଇଛି। ଏଥି ମଧ୍ୟରୁ ୬ଟି ସାମୁହିକ ଓ ୩୯ଟି ବ୍ୟକ୍ତିଗତ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ପଂଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ କୁମାର ନାୟକ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲ, ଏସଡିପିଓ ନିର୍ମଳ ଚନ୍ଦ୍ର ମହାପାତ୍ର,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଲେଖ ଗୁଟା, ସହକାରୀ ଜିଲ୍ଲାପାଳ ହରେନ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପାକେଲପଡା ସୋସାଇଟିରୁ ଠିକ ସମୟରେ ଧାନ ବିହନ ନ ମିଳିବା, ଭାତଲଇଡ଼ାରେ ଗ୍ରାମଦେବୀଙ୍କ ଜମି ପଟ୍ଟା ନ ମିଳିବା, ରେଙ୍ଗାଲବେଡା ଫଳ ବଗିଚା ପ୍ରକଳ୍ପ ଅଗ୍ରଗତି, ରାଉତବାହାଲ ଗ୍ରାମ ରାସ୍ତା,ଗାଧୁଆ ଘାଟ ଓ ସ୍କୁଲଘର ନିର୍ମାଣ, ଖଇରଡିହିରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ରାମଛିପିଡ଼ିହିରେ ସରକାରୀ ଜମି ଅବରୋଧ ପୂର୍ବକ ରାସ୍ତା ନିର୍ମାଣ ଆଦି ସାମୂହିକ ଅଭିଯୋଗ ଓ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ, କୃଷିଋଣ, ଅନ୍ତୋଦୟ ଯୋଜନାରେ ଚାଉଳ ନମିଳିବା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ମୁଦ୍ରାଜୋର ଆଦର୍ଶ ବିଦ୍ୟାଳୟ ସମ୍ପୂର୍ଣ୍ଣ କରାଯିବା, ଋଣଛାଡ, ହାତିଆନାଳ ଡ୍ୟାମ ମରାମତିରେ ଦୁର୍ନୀତି ଓ ବଡ଼ତୁରିଆମ ଗ୍ରାମରେ କୁଚିଆ ମଦ ଦୋକାନ ବନ୍ଦ ସଂକ୍ରାନ୍ତୀୟ ୩୯ଟି ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଚିକିତ୍ସା ସହାୟତା ବାବଦକୁ ଜିଲ୍ଲା ରେଡ଼କର୍ସ ପାଣ୍ଠିରୁ ଜଣକୁ ଦୁଇ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# 'ଗାନ୍ଧୀଙ୍କ କଥା' କାର୍ଯ୍ୟକ୍ରମରେ ଜୁଆଙ୍ଗ ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ

ହରିଚନ୍ଦନପୁର, (ହି.ସ.)- କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବଡ଼ପଳାଶପାଳ ପଞ୍ଚାୟତ ଜୁଆଙ୍ଗ ପିଢ଼ ନୋଲ ଆମ୍ବ ତୋଟା ଠାରେ ଓଡିଶା ଗାନ୍ଧୀ ବିଚାର ପରିଷଦ ଓ ଏକତା ପରିଷଦ ମିଳିତ ସହଯୋଗରେ ଗ୍ରାମର ପୂଜକ ମଙ୍ଗୁଲୁ ଜୁଆଙ୍ଗଙ୍କ ସଭାପତିତ୍ୱରେ "ଗାନ୍ଧୀ କଥା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂଯୋଗ ଉପ ସଭାପତି ତଥା ଜୁଆଙ୍ଗ ସଂସ୍କୃତି ଗବେଷକ ନୀଳାଦ୍ରି ବିହାରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତ ବତ୍ସଳ ମହାନ୍ତି ଉପସ୍ଥିତ ରହି ଜୁଆଙ୍ଗମାନେ ଭୂମିପୁତ୍ର ଓ ଏ କେନ୍ଦୁଝର ଜିଲ୍ଲାର ମୂଳ ବାସିନ୍ଦା ଅଟନ୍ତି ସେମାନଙ୍କ ନିଆରା ସଂସ୍କୃତି ପରମ୍ପରା ରହିଛି । ପ୍ରକୃତି କୂଳରେ ପାହାଡ଼ ମଥାରେ ନୋହ୍ଲ, ବାଉଁରୁ, ରାଣିପଦା, କହ୍ନେଇଗୋଳା ଘଂଚ ଜଙ୍ଗଲ ମଧ୍ୟରେ କେଉଁ କାଳରୁ ବସବାସ କରି ଆସୁଥିବା ବେଳେ ପରେ ଗୋପାଳ ସମ୍ପ୍ରଦାୟର ଲୋକମାନେ ଆସି ବସବାସ କଲେ । ଜୁଆଙ୍ଗମାନଙ୍କ ମଣ୍ଡପ ଘରେ ଥିବା ଚାଙ୍ଗୁ ବାଦ୍ୟ, ବଡ଼କାଠ ସେମାନଙ୍କୁ ଏକତାରେ ବାନ୍ଧି ରଖି ସଦଭାବନା ଓ ସଂଘଟି ସ୍ଥାପନ କରିପାରିଛି । ସରଳ ନିରୀହ ଜନଜାତିମାନେ ସମ୍ପୂର୍ଣ ଭାବେ ଜଙ୍ଗଲ ଜାତ ଦ୍ରବ୍ୟ କିଣା ବିକା କରିବା ସହିତ ମକା, ଧାନ, ଗଙ୍ଗେଇ, ବାଜରା ଚାଷ କରିବା ସହ ଛେଳି ପାଳନ କରି ଜୀବିକା ନିର୍ବାହ କରିବା ପ୍ରସଙ୍ଗରେ ଆଲୋଚନା କରିଥିଲେ । ସ୍ୱସ୍ତି ଫାଉଣ୍ଡେସନ ସମ୍ପାଦକ ମାନସ ରଞ୍ଜନ ପଣ୍ଡା ଜୁଆଙ୍ଗ ଜାତିର ବଡ଼ କାଠ ବାଦ୍ୟର ଇତିହାସ ଓ ଏବେକାର ଆବଶ୍ୟକତା ଉପରେ ବୁଝାଇଥିଲେ । ବଡ଼ କାଠ ମଣ୍ଡପ ଘରେ ପୂଜା ପାଇଥାଏ । ଏଥିସହ ପର୍ବ ପର୍ବାଣୀରେ ଏହାକୁ ପୂଜା କରି ବାଦନ କରାଯାଏ ବୋଲି ଗ୍ରାମର ରତନା ଜୁଆଙ୍ଗ କହିଥିଲେ । ଏହି ଅବସରରେ ଚଙ୍ଗୁ ବାଦକ ଓ ବଡ଼ କାଠ ବାଦକ ରତନା ଜୁଆଙ୍ଗ, ରଥିଆ ଜୁଆଙ୍ଗ ଓ ମଙ୍ଗୁଲୁ ଜୁଆଙ୍ଗଙ୍କୁ ସଂଯୋଗ ତରଫରୁ ଉତରୀୟ ପ୍ରଦାନ କରାଯାଇଥିଲା । ଗ୍ରାମର ସୀତା ଜୁଆଙ୍ଗ, ଇରା ଜୁଆଙ୍ଗ ଓ ତାଙ୍କ ସାଥିମାନେ ଚାଙ୍ଗୁ ବାଦ୍ୟର ତାଳେ ତାଳେ ଗୀତ ଗାଇ ନୃତ୍ୟ ପରିବେଷଣ କରିଥିଲେ । ଏହିପରି କାର୍ଯ୍ୟକ୍ରମକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜନ କରି ଜୁଆଙ୍ଗ ସଂସ୍କୃତିର ସୁରକ୍ଷା ପାଇଁ ଅଭିଯାନ ଆରମ୍ଭ କରାଯିବାକୁ ନୀଳାଦ୍ରି ମିଶ୍ର ସୂଚନା ଦେଇଥିଲେ । ଶେଷରେ ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହରେ ବନ ମହୋତ୍ସବ ସମୟରେ ବୃକ୍ଷ ରୋପଣ କରାଯିବାକୁ ସାମୁହିକ ନିଷ୍ପତି ନେଇଥିବା ଜଣାପଡିଛି ।

# ଆର୍‌ଏସ୍‌ପିର କେନ୍ଦ୍ରୀୟ ଅଗ୍ନିଶମ ସେବା ବିଭାଗରେ ନୂତନ ଅଲ୍ଟ୍ରା ହାଇପ୍ରେସର ୱାଟର ମିଷ୍ଟ ଫାୟାର ଟେଣ୍ଡର ଉଦ୍‌ଘାଟିତ



ରାଉରକେଲା(ପିପିଏସ୍): ଅଗ୍ନି ନିର୍ବାପନ କ୍ଷମତାରେ ବୃଦ୍ଧି ଆଣିବା ଉଦ୍ଦେଶ୍ୟରେ ସେଲ ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ସେବା ବିଭାଗ ଏକ ନୂତନ ଅଲ୍ଟ୍ରା ହାଇପ୍ରେସର ୱାଟର ମିଷ୍ଟ ଫାୟାର ଟେଣ୍ଡରକୁ ସେବାରେ ନିୟୋଜିତ କରିଛି। ଉକ୍ତ ଅତ୍ୟାଧୁନିକ ଅଗ୍ନି ଯାନକୁ ପ୍ଲାଣ୍ଟର କାରଖାନାର ବହୁ ସିଜିଏମ୍, ବିଭାଗ ମୁଖ୍ୟ ଏବଂ ଅଗ୍ନିଶମ ସେବା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆରଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ ଯେ, ଅଲ୍ଟ୍ରା ହାଇ ପ୍ରେସର ୱାଟର ମିଷ୍ଟ ଫାୟାର ଟେଣ୍ଡରରେ ଅନେକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ରହିଛି ଯାହା ଏହାକୁ ପାରମ୍ପାରିକ ଅଗ୍ନି ନିର୍ବାପକ ଯାନଠାରୁ ପୃଥକ ଗଢୁଛି। ଏହାର ମଜଭୁତ ସୁଦୃଢ ଚେସିସ ଜରୁରୀକାଳୀନ ପରିସ୍ଥିତିରେ ସ୍ଥିରତା ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରୁଛି। ଏହି ଯାନରେ ଫାଇବର ରିଫୋର୍ସଡ୍ ପ୍ଲାଷ୍ଟିକରେ ନିର୍ମିତ ୧୨୦୦ ଲିଟର କ୍ଷମତା ବିଶିଷ୍ଟ ଜଳ ଟାଙ୍କି ସହିତ ୧୫୦ ଲିଟର କ୍ଷମତା ବିଶିଷ୍ଟ ଫୋମ୍ ଟ୍ୟାଙ୍କ ଉପଲବ୍ଧ ରହିଛି। ଏହି ଅଗ୍ନି ଟେଣ୍ଡରର ଏକ ମୁଖ୍ୟ ଆକର୍ଷଣ ହେଉଛି ଏହାର ଅଲ୍ଟ୍ରା ହାଇ ପ୍ରେସର ୱାଟର ମିଷ୍ଟ ପମ୍ପ, ଯାହା ଉଲ୍ଲେଖନୀୟ ଦକ୍ଷତା ସହିତ ନିଆଁକୁ ମୁକାବିଲା କରିବା ପାଇଁ ପରିକଳ୍ପିତ କରାଯାଇଛି। ମିଷ୍ଟ ପ୍ରେସର ପମ୍ପ ପ୍ରତି ମିନିଟରେ ୪୦-୫୦ ଲିଟର ହାରରେ ଦେଢ ଶହ ବାର ଚାପ ପ୍ରଦାନ କରିପାରିବ। ଏଥିସମେତ ଅଲ୍ଟ୍ରା ହାଇ ପ୍ରେସର ୱାଟର ମିଷ୍ଟ ଫାୟାର ଟେଣ୍ଡର ଜରୁରୀକାଳୀନ କାର୍ଯ୍ୟ ସମୟରେ ଉନ୍ନତତର ଦୃଶ୍ୟମାନତା ପାଇଁ ଏକ ରିମୋଟ ଚାଳିତ ଟେଲିସ୍କୋପିକ୍ ଲାଇଟ୍ ମାଷ୍ଟ ସହିତ ସଜ୍ଜିତ ରହିଛି । ଛାତ ଉପରେ ସ୍ଥାପିତ ଏହି ମାଷ୍ଟର ଉଚ୍ଚତା ୩.୭ ମିଟର ରହିଛି ଏବଂ ଏଥିରେ ୧୨ ଭୋଲ୍ଟ ଡ଼ିସି ଚାଳିତ ଚାରିଟି ୬୦ ୱାଟ ଏଲଇଡି ଲାଇଟ୍ ରହିଛି। ଏହି ଅତ୍ୟାଧୁନିକ ଅଗ୍ନି ଟେଣ୍ଡରର ଉପଲବ୍ଧତା ଅଗ୍ନିଶମ ସେବା ବିଭାଗକୁ ଅନେକ ଭାବରେ ଲାଭ ପହଞ୍ଚାଇବ। ଯାନର କମ୍ପାକ୍ଟ ସାଇଜ୍ ଶିଳ୍ପ କାରଖାନା ଏବଂ ଟାଉନସିପ୍ ପରି ସଂକୀର୍ଣ୍ଣ ଅଞ୍ଚଳରେ ସହଜ ପରିଚାଳନାକୁ ସକ୍ଷମ କରିବ । ୱାଟର ମିଷ୍ଟ ଟେକ୍ନୋଲୋଜିର ବ୍ୟବହାର ଅଗ୍ନି ନିର୍ବାପନ କାର୍ଯ୍ୟ ସମୟରେ ଜଳ ବ୍ୟବହାରକୁ ଯଥେଷ୍ଟ ହ୍ରାସ କରିଥାଏ। ଅଧିକନ୍ତୁ, ଅଲ୍ଟ୍ରା ହାଇ ପ୍ରେସର ୱାଟର ମିଷ୍ଟ ଫାୟାର ଟେଣ୍ଡର ଶ୍ରେଣୀ ଏ, ବି ଓ ସି ପ୍ରକାରର ଅଗ୍ନିକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ପାଇଁ ଉପଯୁକ୍ତ ଅଟେ। ଏହା ପାରମ୍ପାରିକ ଅଗ୍ନି ଦମନ ପ୍ରଣାଳୀ ତୁଳନାରେ କମ୍ କ୍ଷତି କରିଥାଏ, ଉଭୟ କର୍ମଚାରୀ ଏବଂ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିଥାଏ। ଏଥିସମେତ ଗାଡିରେ ଏକ ଜରୁରୀ ଆଲୋକୀକରଣ ବ୍ୟବସ୍ଥା ରହିଛି, ଯାହା କମ୍ ଆଲୋକ ପରିସ୍ଥିତିରେ କାର୍ଯ୍ୟଧାରାକୁ ସୁଗମ କରିଥାଏ। ଏହାର ଆକର୍ଷକ ସାମର୍ଥ୍ୟ ଏବଂ ଅଭିନବ ବୈଶିଷ୍ଟ୍ୟ ସହିତ, ୨୭.୮୦ ଲକ୍ଷ ଟଙ୍କା ମୂଲ୍ୟରେ କିଣାଯାଇଥିବା ଏହି ଅଗ୍ନି ଟେଣ୍ଡର ଅଗ୍ନି ବିପଦରୁ ଜୀବନ ଏବଂ ସମ୍ପତ୍ତି ରକ୍ଷା କରିବା ପାଇଁ ଜାରି ରହିଥିବା ପ୍ରୟାସରେ ଏକ ମୂଲ୍ୟବାନ ସମ୍ପଦ ହେବ ।

# ଭୋଟର ଲିଷ୍ଟରେ ପଞ୍ଜିକରଣ ନେଇ ତାଲିମ

ଜୟପୁର, (ହି.ସ.) - ଜୟପୁର ପୌରପାଳିକାର ସଭା ଗୃହରେ ଭୋଟର ପଞ୍ଜିକରଣ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ପୌର କାର୍ଯ୍ୟନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଓ ବୃନ୍ଦାବନ ମହାନ୍ତି ତାଲିମ ଦେଇଥିଲେ । ବୁଧବାର ଠାରୁ ଜୟପୁର ପୌରାଂଚଳରେ ଭୋଟର ଲିଷ୍ଟରେ ନାମ ପଞ୍ଜିକରଣ ଓ ବାଦ ଆଦି କାର୍ଯ୍ୟକ୍ରମ ରହିଛି । ଏନେଇ ଜୟପୁର ପୌରାଂଚଳରେ ଥିବା ୫୭ଟି ବିଏଲଓ ଓ ୬ ଜଣ ସୁପରଭାଇଜରଙ୍କୁ ତାଲିମ ଦିଆଯାଇଥିଲା । ପୌରାଂଚଳରେ ଥିବା ୫୭ଟି ସେଂଟରରେ ପଞ୍ଜିକରଣ ଓ ବାଦ୍ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

# ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ

ଝାରସୁଗୁଡ଼ା, (ହି.ସ.): ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ସଚେତନତା ସଭା , ଶପଥ ପାଠ, ଶୋଭାଯାତ୍ରା ଆଦି ଅନୁଷ୍ଠିତ ହୋଇଛି । ଆଜି ପୂର୍ବାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ ଏକ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ସଭାରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅମାତ ସମବେତ ପଦାଧିକାରୀ , ଛାତ୍ରଛାତ୍ରୀମାନଙ୍କୁ ନିଶା ସେବନର କୁ-ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଶପଥ ପାଠ କରାଇଥିଲେ। ନିଶା ସେବନ ଓ ଅବୈଧ ଚାଲାଣ ରୋକିବା ଦିଗରେ ସମସ୍ତଙ୍କର ନୈତିକ କର୍ତବ୍ୟ ରହିଛି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଅବକାରୀ ଅଧିକ୍ଷକ ଦିଲ୍ଲୀପ କୁମାର ପଟେଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୂର୍ଣ୍ୟବତୀ ହେଲେନ ଖେସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ଦେଶ ପ୍ରଗତିରେ ଯୁବପୀଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ନିଶା ସେବନର କୁପରିଣାମ ସମ୍ପର୍କରେ ଆଲୋଚନା କରି କେବଳ ଆଇନ ଦ୍ୱାରା ନିଶା ଦ୍ରବ୍ୟ ଓ ମାଦକ ଦ୍ରବ୍ୟର ଚୋରା କାରବାର ବା ଅପବ୍ୟବହାର ରୋକି ହେବ ନାହିଁ ବୋଲି ମତ ଦେଇ ଏଥିପାଇଁ ଛାତ୍ରଛାତ୍ରୀ, ଅଭିଭାବକ ତଥା ଜନସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ପିପୁଲସ ଫୋରମ, ଭିଜେଏସେଏସ୍ ଓ ଅର୍ଡର ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକରେ ନିଶାମୁକ୍ତି ପାଇଁ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଷ୍ଠାନର କର୍ମକର୍ତା ପକ୍ଷରୁ ସୂଚନା ଦିଆଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ୨୦୧୮ରୁ ବର୍ତମାନ ସୁଦ୍ଧା ଜିଲ୍ଲାରେ ନିଶାମୁକ୍ତ ହୋଇ ୩ଶହ ଜଣ ଘରକୁ ଫେରିଥିବାର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଛ'ଜଣ ନିଜର ଅନୁଭୂତି ରଖିଥିଲେ। ଶ୍ରୀମତୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲ୍ଲା ଶିଶୁ ସୁରକ୍ଷା ସମ୍ପର୍କିତ ଟାସ୍କଫୋର୍ସ କମିଟି ବୈଠକ

କନ୍ଧମାଳ, (ହି.ସ.) : ଅସୁବିଧା ମଧ୍ୟରେ ରହିଥିବା ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଗଠିତ ଜିଲ୍ଲା ଟାସ୍କଫୋର୍ସ କମିଟି କାର୍ଯ୍ୟ ଯୋଜନା ଗୁଡ଼ିକର ସମୀକ୍ଷା ଓ ଆସନ୍ତା ତିନି ମାସ ପାଇଁ ହେବାକୁ ଯାଉଥିବା କାର୍ଯ୍ୟ ଯୋଜନା ପାଇଁ ଆଲୋଚନା ଏବଂ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ କନ୍ଧମାଳ ଓ ଓଡ଼ିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଝିଅଙ୍କୁ ବଞ୍ଚାନ୍ତୁ ଓ ଝିଅଙ୍କୁ ପଢ଼ାନ୍ତୁ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲା ଶିଶୁ ଶୁରକ୍ଷା ଅଧିକାରୀ ରଶ୍ମିତା କରନ୍‌ଙ୍କ ଆଲୋଚନାରୁ ଜଣାପଡ଼ିଛିଯେ, ଝିଅଙ୍କୁ ବଞ୍ଚାନ୍ତୁ ଓ ଝିଅଙ୍କୁ ପଢ଼ାନ୍ତୁ ଯୋଜନା ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଏକ ଜାତୀୟ ଅଭିଯାନ ଏବଂ ଏକ ମିଳିତ ଉଦ୍ୟମ । ଯୋଜନାର ଲକ୍ଷ୍ୟ ହେଲା କନ୍ୟା ସନ୍ତାନ ମାନଙ୍କୁ ପାଳନ କରିବା ଏବଂ ଶିକ୍ଷା ଦେବା । ସେହିପରି, ଏହି ଯୋଜନାର ଉଦ୍ଦେଶ୍ୟ ହେଲା, କନ୍ୟା ସନ୍ତାନର ବଞ୍ଚିବା ଓ ସୁରକ୍ଷା ସୁନିଶ୍ଚିତ କରିବା, ସେମାନଙ୍କର ଶିକ୍ଷା ଓ ପ୍ରତ୍ୟେକ କାର୍ଯ୍ୟରେ ଅଂଶ ଗ୍ରହଣ ସୁନିଶ୍ଚିତ କରିବା, ଝିଅମାନଙ୍କୁ ସେମାନଙ୍କ ମତ ପ୍ରକାଶ କରିବାକୁ ଉତ୍ସାହିତ କରିବା, ଲିଙ୍ଗଗତ ସମାନତା ପାଇଁ ଦୀର୍ଘମିଆଦୀ ହସ୍ତକ୍ଷେପ ବୋଲି ଆଲୋଚନାରୁ ଜଣାପଡ଼ିଛି । ଗର୍ଭଧାରଣ ପୂର୍ବରୁ ଓ ପ୍ରସବ ପୂର୍ବ ନିଦାନ କୌଶଳ(ଲିଙ୍ଗ ଚୟନ ନିଷେଧ) ଆଇନ,୧୯୯୪ ଉପରେ ଆଲୋଚନା କରାଯିବା ସହିତ ୨୦୦୩ରେ ହୋଇଥିବା ସଂଶୋଧନର ପ୍ରଭାବ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

ସେହିପରି ବୈଠକରେ ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬ ଏବଂ ବାଲ୍ୟ ବିବାହ ଶିଶୁ ଅଧିକାରକୁ ଉଲ୍ଲଘନ କରୁଥିବାରୁ ଏହାକୁ ରୋକିବାରେ ଆଇନରେ କି କି ଦଣ୍ଡବିଧାନ କରାଯାଇଛି ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ମହିଳା ଓ ଶିଶୁ ଚୋରା ଚାଲାଣ ଉପରେ ଆଲୋଚନା ବେଳେ ଜଣାପଡ଼ିଛି ଯେ, ଘରୋଇ କାମ ପାଇଁ, ଅଙ୍ଗ ପ୍ରତ୍ୟାରୋପଣ ପାଇଁ, ଫଟୋ ପ୍ରଦର୍ଶନୀ ପାଇଁ, ଶିଶୁ ଶ୍ରମିକ, ସେକ୍ସ ଇଣ୍ଡଷ୍ଟ୍ରିର ପ୍ରୋତ୍ସାହନ ଇତ୍ୟାଦି ପାଇଁ ନାବାଳିକା ଓ ଶିଶୁମାନଙ୍କୁ ଚୋରା ଚାଲାଣ କରାଯାଉଛି । ସେଥିପାଇଁ ସେମାନଙ୍କୁ ବିବାହ ପାଇଁ ମିଥ୍ୟା ପ୍ରତିଶ୍ରୁତି, ଅଭିନେତା ବା ଅଭିନେତ୍ରୀ କରିଦେବା ପାଇଁ କିମ୍ବା ଚାକିରି ଦେବା ପାଇଁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥାଏ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଧମକ ,ଅପହରଣ ଓ ବ୍ଲାକ୍ ମେଲ୍ କରାଯାଇଥାଏ। ସେମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛିବୋଲି ଜିଲ୍ଲାପାଳ କହିଥିଲେ। ଏଥିପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀ ଏବଂଏହି ଦିଗରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତି, ସ୍ୱାତୀ, ସାହାରା, ପ୍ରେମ୍, ଜାଗୃତି, ସେଭ୍ ଦି ଚିଲ୍ଡ୍ରେନ୍, ସୁଭଦ୍ରା ମହତାବ ସେବା ସଦନ, ଆକ୍ସନ୍ ଇଣ୍ଡିଆ, ଉତ୍କଳ ବାଳାଶ୍ରମ ଇତ୍ୟାଦିର ମୁଖ୍ୟମାନଙ୍କର ସହଯୋଗ କାମନା କରିଥିଲେ । ସେମାନଙ୍କ କାର୍ଯ୍ୟରେ ଜିଲ୍ଲା ପ୍ରଶାସନର ସହଯୋଗ ରହିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ତେଜ୍ କୁମାର ବାଗେଙ୍କ ଆଲୋଚନାରୁ ଜଣାପଡ଼ିଛିଯେ, ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ହୋଟେଲ ଓ ଢାବାମାନଙ୍କରେ ଶିଶୁମାନଙ୍କୁ ଶ୍ରମିକ ଭାବରେ ନିୟୋଜନ ଏକ ଦଣ୍ଡନୀୟ ଅପରାଧ ଭଳି ଲେଖାଯାଇଥିବା ପୋଷ୍ଟର ମରାଯାଇଛି । ଚଳିତ ମାସ ୨୩ ତାରିଖରୁ ଦାରିଙ୍ଗିବାଡ଼ି, କେ.ନୂଆଗାଁ, ବାଲିଗୁଡ଼ା ଓ ଘୁ. ଉଦୟଗିରି ବ୍ଲକ୍‌ରେ ସଚେତନତା ରଥ ବୁଲୁଛି। ଉକ୍ତ ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜବାଳା ଆଚାର୍ଯ୍ୟ, ଶିଶୁ ମଙ୍ଗଳ ସମିତିର ର ଅଧ୍ୟକ୍ଷ ରଜତ ଦିଗାଲ, ଡେପୁଟି କଲେକ୍ଟର ଦିପ୍ତିମୟୀ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ପଦାଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଦ୍ୟୁତ୍ ବଣ୍ଟନରେ ଅନିୟମିତତା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ



ବଲାଙ୍ଗୀର, (ହି.ସ.) : ବର୍ତ୍ତମାନ ପରିପ୍ରେକ୍ଷୀରେ ବିଜୁଳି ସେବା ପାଇବା ସାଧାରଣ ଜନତାଙ୍କ ଏକ ମୌଳିକ ଅଧିକାର ଭାବରେ ଗଣାଯାଉଛି। ତେଣୁ ଲୋକେ କମ୍ ମୂଲ୍ୟରେ ଯେମିତି ଅନବରତ ବିଜୁଳି ପାଇବେ ସେଦିଗରେ ରାଜ୍ୟ ସରକାର ଓ ଟାଟା ପାୱାର ତତ୍ପରତା ସହ କାମ କରିବା ଆବଶ୍ୟକ। କିନ୍ତୁ ଏଠି ଲୋକଙ୍କ ଠାରୁ ମାତ୍ରାଧିକ ଦେୟ ନିଆଯାଉଥିବା ବେଳେ ଅଘୋଷିତ ଘନ ଘନ ବିଦ୍ୟୁତ କାଟ୍ କରି ଲୋକଙ୍କୁ ଜାଣି ଶୁଣି ହଇରାଣ କରାଯାଉଛି। ଯଦି ଏହି ସମସ୍ୟା ଆଗାମୀ ଦିନରେ ବଳବତ୍ତର ରହେ ଜିଲ୍ଲା କଂଗ୍ରେସ କମିଟି ଏହି ଆନ୍ଦୋଳନକୁ ରାଜରାସ୍ତାକୁ ନେଇ ଆସିବ। ଏହି ଆନ୍ଦୋଳନରେ ସାଧାରଣ ବିଜୁଳି ଖାଉଟିଙ୍କୁ ସାମିଲ କରି ଦାବୀ ହାସଲ ପର୍ଯ୍ୟନ୍ତ ଜୋରଦାର ଲଢେଇ କରିବ ଆଜି ସ୍ଥାନୀୟ ଟାଟା ପାୱାର ଅଫିସ ପ୍ରାଙ୍ଗଣରେ ଜିଲ୍ଲା କଂଗ୍ରେସ କମିଟି ଦ୍ୱାରା ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଜିଲ୍ଲା କଂଗ୍ରେସ ଚେତାଇ ଦେଇଛି। ଜିଲ୍ଲା ସଭାପତି ଦିଲିପ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ କଂଗ୍ରେସ ପକ୍ଷରୁ ଆହୁରି କୁହାଯାଇଛି ଯେ, ଟାଟା କଂପାନୀ ଦ୍ୱାରା ବିଦ୍ୟୁତ ବଂଟନରେ ଘୋର ଅନିୟମିତତା ଦେଖାଦେଉଛି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପୃଷ୍ଠ ପୋଷକତାରେ ସାଧାରଣ ଜନତାଙ୍କ ଠୁ ଅତି ଉଚ୍ଚ ଦରରେ ବିଦ୍ୟୁତ ଦେୟ ସଂଗ୍ରହ କରାଯାଉଛି। ଏହା ସାଙ୍ଗକୁ ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ତା'ସାଙ୍ଗକୁ ଅଘୋଷିତ ଘନ ଘନ ବିଜୁଳି କାଟ, ଲୋ ଭୋଲଟେଜ ଲୋକଙ୍କର ବିଜୁଳି ଜନିତ ସମସ୍ୟାକୁ ବହୁଗୁଣିତ କରୁଛି। କଂଗ୍ରେସ ସରକାର ଅମଳରେ ବିଦ୍ୟୁତ ଦେୟ ଯାହା ଥିବ ବର୍ତମାନର ବିଜେଡି ସରକାର ସମୟରେ ତାହାର ବୃଦ୍ଧି ୨୨୫ ପ୍ରତିଶତ ପର୍ଯ୍ୟନ୍ତ ପହଂଚିଯାଇଛି। ଏଣୁ ଏଭଳି ପରିସ୍ଥିତିରେ ସାଧାରଣ ଜନତାଙ୍କ କଷ୍ଟ ଲବ୍ଧ ଧନକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରରୋଚନାରେ ଆପଣଙ୍କ କଂପାନୀ ଲୁଟି ନେଉଛନ୍ତି । ତେଣୁ ଟାଟା କଂପାନୀ ରାଜ୍ୟରେ ବିଦ୍ୟୁତ ଜନିତ ଭିତିଭୂମି ବିକାଶ କରିବା ସହିତ ଅଘୋଷିତ ବିଜୁଳି କାଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରୁ ବୋଲି ଜିଲ୍ଲା କଂଗ୍ରେସ କମିଟି ଚେତାଇ ଦେଇଛି। ଏସଂକ୍ରାନ୍ତରେ ଏକ ଦାବୀପତ୍ର ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀ ସୁବ୍ରତ ସେଠଙ୍କୁ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା କଂଗ୍ରେସ ପ୍ରଭାରୀ ହରଦୀପ ସିଂ, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଜୁଲୁ ପଟ୍ଟନାୟକ, ଅଜୟ ବାଲୀ, ସଂଜୟ ମିଶ୍ର, ଉମାଶଙ୍କର ସାହୁ, ରାମପ୍ରସାଦ ମିଶ୍ର, ଅରବିନ୍ଦ ସାହୁ, ଅଙ୍କିତ ସାହୁ, ଲୋପନ ମିଶ୍ର, ବବିତା ସାହୁ, ସାଇନା ବେଗମ, ସମୀର କୁମ୍ଭାର, ଅକବର ଖାନ, ପବିତ୍ର ବେହେରା ବେଟୁନ ସାଇଁ, ଜୟନାରାୟଣ ବହିଦାର, ରାଜେଶ ହୋତା, ବିକି ପଣ୍ଡା, ଶିବୁ ପଟ୍ଟନାୟକ, ଗଦା ସୁନା, ଟିଟୁ ମହାନ୍ତି, ବର୍ଜ ସେଠୀ, ନାସିର ଖାନ, ଅଜିତ ମହାନନ୍ଦ, ଅଂଚଲ ପଣ୍ଡା, ଆଲୋକ ନାଏକ, ସୋନୁ ମନହୀରା, ସୁମିତ ବାଗ, ସୁଜିତ କୁମ୍ଭାର, ବିକ୍ରମ ପ୍ରଧାନ, ହିତେଶ ମୁଗ୍ରୀ, ଅମିତ ବାଗ, ଘୁଣ୍ଟୁ ଦାଶ ଓ ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କାଳିନାଳୀ-ତାଳଚୁଆ ଆର୍ନ୍ତଜିଲ୍ଲା ପରିବହନ

## ଅନଭିଜ୍ଞ ନାଉରିଆ ସାଜୁଛି ଶହ ଶହ ଯାତ୍ରୀଙ୍କ ଭାଗ୍ୟ ବିଧାତା, ପ୍ରଶାସନ ବେଫିକର



ଭଦ୍ରକ, (ପିପିଏସ) : କୁମ୍ଭୀରରେ ଭରପୂର ମନ୍ତେଇନଦୀ ମୁହାଣରୁ ସୁଦୂର ବଙ୍ଗୋପ ସାଗର ମୁହାଣରେ ଆରମ୍ଭ ହୋଇଥିବା କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ଘାଟ ରେ ଯାତାୟତ କେତେ ଯେ ବିପଦପୂର୍ଣ ତାହା କେବଳ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଜଣା। ମନ୍ତେଇନଦୀ ପଟରେ କର୍ମସଂସ୍ଥାନ ବଙ୍ଗୋପ ସାଗର ମୁହାଣରେ ତାଳଚୁଆରେ ବସବାସ କରୁଥିବା ଗ୍ରାମବାସୀଙ୍କ ଜୁଆରିଆ ମୁହାଣରେ ଯାତାୟତ କଥା ମନେ ପକାଇଲେ ଶିହରଣ ସୃଷ୍ଟି ହୋଇଥାଏ । ମାତ୍ର କର୍ମର ବିଡମ୍ବନାରେ ଭୋର ୫ଟା ଠାରୁ ରାତି୧୦ ପର୍ଯ୍ୟନ୍ତ ଏହି ନଦୀର ମୁହାଣ ଠାରୁ ବଙ୍ଗୋପ ସାଗର ମୁହାଣ ପର୍ଯ୍ୟନ୍ତ ଏହି ଯାତାୟତ ଚାଲିଥାଏ। ସମସ୍ତ ଯାତ୍ରୀ କେବଳ ନିଜର ଭାଗ୍ୟକୁ ଆଦରି ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଭଡା ଠାରୁ ଶତପ୍ରତିଶତ ଅଧିକ ଭଡା ଦେଇ ଏହି ଆନ୍ତଜିଲ୍ଲା ମୁହାଣରେ ପାର ହେଉଥିବା ବେଳେ। ଏହି ଯାତ୍ରୀଙ୍କ ଭାଗ୍ୟ ସହ ଖେଳ ଖେଳି ଚାଲିଛନ୍ତି ଠିକା ନେଇଥିବା ଘାଟିଆ ଏବଂ ୨ଟି ଜିଲ୍ଲାର ପ୍ରଶାସନ। ଗୋଟିଏ ଗୋଟିଏ ଘାଟ ଡଙ୍ଗାରେ ୫୦-୬୦ଜଣ ଯାତ୍ରୀ ପରିବହନ ହେଉଥିବା ବେଳେ ୧୨-୧୬ଟି ମୋଟର ସାଇକେଲ ଏହି ମରଣାନ୍ତକ ଜଳ ପରିବହନରେ ଯାତ୍ରୀ ପାଲଟିଥାନ୍ତି। ଏହି ଡଙ୍ଗାରେ ଅଧିକାଂଶ ଯାତ୍ରୀ ଅନଭିଜ୍ଞ ନାଉରିଆ ପାଖରେ ନିଜ ଜୀବନ ଡୋରୀ ବାନ୍ଧି ଦେଇଥାନ୍ତି।ଧାମରା ଠାରେ ଥିବା କାଳିନାଳୀ ଘାଟରୁ ପ୍ରତିଦିନ ଶହ ଶହ ଯାତ୍ରୀ କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ଘାଟକୁ ଯାତାୟତ କରିଥାନ୍ତି। ମାତ୍ର ଏହି ଯାତ୍ରୀ ନିଜ ଜୀବନକୁ ବାଜି ଲଗାଇ ଏହି ଫେରି ଘାଟ ପାରି ହେଉଥିବା ବେଳେ ଘାଟ ନିଲାମ ନେଉଥିବା ଘାଟିଆ ନିଜ ଡଙ୍ଗାରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଯାତ୍ରୀ ପରିବହନ କରୁଥିବା କଥା ଦେଖିବାକୁ ମିଳୁଥିବା ସହ ସରକାରଙ୍କ ଦ୍ୱାରା ନିର୍ଧାରିତ ଭଡା ପରିବତେ ବହୁ ଅଧିକ ଅର୍ଥ ଆଦାୟ କରୁଥିବା ନାଉରିଆ ଏବଂ ବୋଟ ମାଲିକ ଯାତ୍ରୀଙ୍କ ନିରାପତା ପ୍ରତି ଦୃଷ୍ଟି ଦିଆ ଯାଉ ନଥିବା ଜଣାଯାଇଛି। ଏହି ନିରାପତା କହିଲେ କେବଳ ଲାଇଫ ଜାକେଟକୁ ହିଁ ବୁଝାଇଥାଏ ମାତ୍ର ଘାଟିଆ ଏବଂ ବୋଟ ମାଲିକ ଏହା କଣ ବୋଲି ଜାଣି ନଥିବା ପ୍ରକାଶ। ଧାମରା ବନ୍ଦର ଦେଶର ୨ୟ ବୃହତମ ବନ୍ଦର ହୋଇଥିବା ନିଜର ଦ୍ୱାର ଦେଶରେ ସବୁଦିନ ପାର ହେଉଥିବା ଏବଂ ପାର କରୁଥିବା ଅନଭିଜ୍ଞ ନାଉରିଆ ଏବଂ ଜଳଯାତ୍ରୀଙ୍କ ସୁରକ୍ଷା କଥା କେବଳ ପାଣିରେ ଗାର ସଦୃଶ ହୋଇ ରହିଯାଇଛି। ଆନ୍ତ ଜିଲ୍ଲା ପରିବହନ ସଂସ୍ଥାକୁ ଠିକା ନେଉଥିବା ଠିକାଦାର କେବଳ ମାଲେମାଲ ହେଉଥିବା ବେଳେ ଯାତ୍ରୀ ସୁରକ୍ଷା କେବଳ ପ୍ରଶ୍ନବାଚୀ ହୋଇ ପଡିଛି ଏବଂ ଏହା କେବଳ ପ୍ରଶାସନକୁ ଇଙ୍ଗିତ କରୁଥିବା ଜଣା ଯାଇଛି। ଗୋଟିଏ ପଟରେ ଏହି ଫେରି ଘାଟ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ତହସିଲଦାର ରାଜସ୍ୱ ଆଦାୟ ପାଇଁ ଆଦେଶ ପାଇଥିବା ବେଳେ ଆଦାୟ ହେଉଥିବା ରାଜସ୍ୱରୁ ଅର୍ଦ୍ଧେକ ଚାନ୍ଦବାଲି ବ୍ଲକ ଅର୍ନ୍ତଗତ ଦୋସିଙ୍ଗା ପଂଚାୟତ ସମିତି କାର୍ଯ୍ୟାଳୟ ହିଁ ପାଇଥାଏ। ଏହି ଆଦାୟ ହେଉଥିବା ଅର୍ଥ ରେ ପଂଚାୟତ ନିଜ ପଂଚାୟତର ଆୟ ବଢାଉଛି ବୋଲି କହୁଥିବା ବେଳେ ସାଧାରଣ ଲୋକେ ଏହି ଅର୍ଥ ବାଟ ମାରଣା ହେଉଥିବା ଅଭିଯୋଗ ଆଣିଛନ୍ତି।ଏହି ବିପଦପୂର୍ଣ ଜଳଯାତ୍ରାରେ ଯାତ୍ରୀଙ୍କ ସ୍ୱାର୍ଥ ତଥା ସୁରକ୍ଷାକୁ ଜଳାଞ୍ଜଳି ଦେଉଥିବା କଥାକୁ ପ୍ରଶାସନ ଆଖି ବୁଜି ଦେଉଛି। ଏହି ଅନଭିଜ୍ଞ ନାଉରିଆ ଏବଂ ବିପଦପୂର୍ଣ ଜଳଯାତ୍ରା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥାର ସମସ୍ତ ବିଫଳତା ଖବର କେବଳ ଭଦ୍ରକ ନୁହେଁକେନ୍ଦ୍ରାପଡା ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଆଜି ଭଳି ଦିନରେ ଏହି ଯନ୍ତ୍ର ଚାଳିତ ବୋଟ ଏବଂ ଅନଭିଜ୍ଞ ନାଉରିଆ ମାଲେ ମାଲ ହେଉଥିବା ବେଳେ ସାଧାରଣ ଯାତ୍ରୀ କେବଳ ଭାଗ୍ୟ କୁ ଭରଷା କରି ମରଣ ମୁହଁକୁ ଅନାଇ ଯାତ୍ରା କରୁଥିବା ଜଣାପଡିଛି।ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ଜରୁରୀ ହୋଇ ପଡିଛି।

# ଟାଟା ପାୱାରର ମନମାନୀକୁ ବରଦାସ୍ତ କରାଯିବ ନାହିଁ: କଂଗ୍ରେସ



ଯାଜପୁର, (ପିପିଏସ) : ରାଜ୍ୟ ସରକାର ଙ୍କ ପୃଷ୍ଟପୋଷକତାରେ ଟାଟା ପାୱାର ଓଡ଼ିଶାବାସୀଙ୍କୁ ଲୁଟି ଚାଲିଛି। ଏଣେ ବଳକା ବିଜୁଳି କଥା କୁହାଯାଉଥିବା ବେଳେ ଅଘୋଷିତ ମନ ଇଚ୍ଛା ବିଜୁଳି କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି ।ପିଲା ଙ୍କ ପାଠପଢା ଠାରୁ ଆରମ୍ଭ କରି ରୋଗୀ ସେବା, କୃଷି କାର୍ଯ୍ୟ, ବ୍ୟବସାୟ , ଛୋଟ ଛୋଟ ଶିଳ୍ପ ସଂସ୍ଥା, ପାନୀୟ ଜଳ ଯୋଗାଣ, ନିର୍ମାଣ କାର୍ଯ୍ୟ ସବୁ କିଛି ବିଜୁଳି କାଟ ଯୋଗୁଁ ପ୍ରଭାବିତ ହୋଇଛି। ଏସବୁ ସତ୍ତ୍ୱେ ଟାଟା କମ୍ପାନୀର ଗ୍ରାହକ ଶୋଷଣ କାର୍ଯ୍ୟ ଅବ୍ୟାହତ ରଖିଛି। ପୂର୍ବରୁ ଯେଉଁ କମ୍ପାନୀ ମିଟର ବସାଇ ଯେତିକି ୟୁନିଟ ବିଲ୍ କରୁଥିଲେ, ଟାଟା ପାୱାର ନୂଆ ମିଟର ସ୍ଥାପନ କରି ଅଧିକ ବିଜୁଳି ବିଲ୍ କରୁଛି। ପୁଣି ଶୋଷଣ ର ନୂଆ ତରିକା ଆଣି ୩୦ ଦିନ ବା ଏକ ମାସରେ ଥରେ ବିଦ୍ୟୁତ ବିଲ୍ ପରିବର୍ତ୍ତେ ୪୦ ଦିନ ରେ ମିଟର ରିଡିଂ ନିୟମ ଆଣି ସ୍ଲାବ ବୃଦ୍ଧି ରୁ ଅତ୍ୟଧିକ ଦେୟ ଆଦାୟ ବ୍ୟବସ୍ଥା କରିଛି। ଦାୟିତ୍ୱ ନେବାର ବର୍ଷେ ପରେ ମଧ୍ୟ ବିଜୁଳି ସେବାର ସୁଧାର ପରିବର୍ତ୍ତେ ଟାଟା ପାୱାର ଅଧିକ ସମସ୍ୟା ଆଣି ଦେଇଛି ବୋଲି କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା ଅବସରରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସାଂସଦ ଅଂଚଳ ଦାସ, ପୂର୍ବତନ ଜିଲ୍ଲାପରିଷଦ ଉପ ସଭାପତି ଦିଗମ୍ବର କର,ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପର୍ଯ୍ୟବେକ୍ଷକ ଜ୍ଞାନ ରଞ୍ଜନ ପଟ୍ଟନାୟକ ଓ ପ୍ରତିମା ମଲ୍ଲିକ,ସଂଗଠିତ ଶ୍ରମିକ କଂଗ୍ରେସ ର ସଭାପତି ବିଦ୍ୟାଧର ମହାନ୍ତି,ଯୁବ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର,କିଶାନ ପଣ୍ଡା , କନକଲତା ମଲ୍ଲିକ, ଆରତୀ ଦେଓ, ଅପର୍ଣ୍ଣା ଧୀର ସାମନ୍ତ,ସନ୍ତୋଷ କୁମାର ନନ୍ଦ,ରୀତାଶ୍ରୀ ମହାନ୍ତି ଏବଂ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। କେବଳ ସେତିକି ଟାଟା ପାୱାର ର ଏହି ମନମାନୀ କୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଏଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ବିଶାଳ ସମାବେଶ ରେ ଉପରୋକ୍ତ ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ଗ୍ରାହକ ପିଛା ୧୫୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଆଦାୟ ଏବଂ ବାରମ୍ବାର ବିଜୁଳି କାଟ ଯୋଗୁଁ ବିଭିନ୍ନ ଯନ୍ତ୍ରାଂଶ ନଷ୍ଟ ହେଉଥିବା ମଧ୍ୟ ଦଳ ପକ୍ଷରୁ ଅଭିଯୋଗ କରାଯାଇ, ଏହାର ସ୍ଥାୟୀ ସମାଧାନ ଏବଂ ବିଜୁଳି ଦେୟ ହ୍ରାସ କରିବାକୁ ବି ଜୋରଦାର ଦାବି କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ବିଷ୍ଣୁ ରାଉତ,ପ୍ରତିମା କର, ଭାସ୍କର ମହାନ୍ତି,ଅରଜିତ ନାୟକ, ବିଭୁତି ମହାପାତ୍ର, ଗଦାଧର ଦାସ, ବଳଭଦ୍ର ଦାସ, ଦୁର୍ଯୋଧନ ବେହେରା, ସ୍ୱର୍ଣ୍ଣଲତା ବାନାରା, ହୃଷିକେଶ ପତି,ଅନୀଲ ମହାନ୍ତି, ସନ୍ତୋଷ ବେହେରା, ଅକ୍ଷୟ ଜେନା,ଅମରେଶ ଜେନା,ଅନୀଲ ଜେନା, ସଂଗ୍ରାମ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଗଣଧାରଣା ରେ ୫୦୦ ରୁ ଅଧିକ ଛାମୁଆଁ କର୍ମୀ କର୍ମକର୍ତ୍ତା ଓ ପ୍ରତି ନିର୍ବାଚନ ମଣ୍ଡଳୀ ର ନେତା ମାନଙ୍କ ମେଳି ରୁ କଂଗ୍ରେସର ଶକ୍ତି ବୃଦ୍ଧି ପାଉଥିବା ର ସୂଚନା ମିଳିଛି। କେବଳ ସେତିକି ନୁହେଁ, ବିଶାଳ ସମାବେଶ ଓ ସାଧାରଣ ଲୋକଙ୍କ ସମର୍ଥନ ଦେଖି କଂଗ୍ରେସ ର ବରିଷ୍ଠ ନେତାମାନେ ଉତ୍ସାହିତ ଥିବା ମଧ୍ୟ ଦେଖିବାକୁ ମିଳିଥିଲା।

# ବାଙ୍କୀର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା



ବାଙ୍କୀ, (ପିପିଏସ) : ଆଜି ପବିତ୍ର ବାହୁଡ଼ା ତିଥିରେ ବାଙ୍କୀର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଜି ଚର୍ଚ୍ଚିକାପୀଠସ୍ଥ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତୀକାନ୍ତି ନିର୍ଦ୍ଦିଷ୍ଟ ସମୟରେ କରାଯାଇ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ଅପରାହ୍ନ ୪ଟାରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥକୁ ନିଆଯାଇଥିଲା। ମନ୍ଦିର ସେବାୟତ ଟ୍ରଷ୍ଟି ପ୍ରବୋଧ କୁମାର ପାତ୍ର ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଆଜି ମେଘୁଆ ପାଗ ଥିବାରୁ ଶହ ଶହ ଶ୍ରଦ୍ଧାଳୁଭକ୍ତ ରଥକୁ ଟାଣି ନେଇ ଚର୍ଚ୍ଚିକା ଗ୍ରାମ ପରିକ୍ରମା କରିଥିଲେ। ଗୁଣ୍ଡିଚ୍ଚ ମନ୍ଦିରରୁ ରଥ ଟଣା ହୋଇ ମାଉସୀ ମା' ସ୍ୱର୍ଗତ ରାମଚନ୍ଦ୍ର ମିଶ୍ରଙ୍କ ଘର ଠାରେ ପିଠା ଖାଇବା ସହିତ ଚର୍ଚ୍ଚିକା ଗ୍ରାମରୁ ନୃସିଂହ ଛକ ଦେଇ ଚର୍ଚ୍ଚିକା ମନ୍ଦିର ନିକଟରେ ରଥ ପହଞ୍ଚିଥିଲା। ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଯୁଗଳ କିଶୋର ଭୂତ , ସନ୍ତୋଷ କୁମାର ରଣା , ବୃନ୍ଦାବନ ପ୍ରଧାନ, ଋଷି କୁମାର ରଣା , ଶରତ ଚନ୍ଦ୍ର ବାରିକ ଏବଂ ରଥକମିଟିର ସଭ୍ୟମାନେ ଉପସ୍ଥିତ ରହି ରଥଟଣା କାର୍ଯ୍ୟରେ ସହଯୋଗ କରିଥିଲେ। ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ବାଙ୍କୀ ପୋଲିସ୍ ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହିତ ବାଙ୍କୀ ଦମକଳବାହିନୀ ମଧ୍ୟ ଉପସ୍ଥିତି ଥିଲେ। ସେହିପରି ଡମପଡ଼ା, ସୁବର୍ଣ୍ଣପୁର, ତୁଳସୀପୁର ଓ ବାଙ୍କୀର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ଗୁଣ୍ଡିଚା ମନ୍ଦିରରେ ନବମୀ ଅବସରରେ ଭଜନ ସଂଧ୍ୟା

ଯାଜପୁର: ଯାଜପୁର ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଶ୍ରୀ ଜଗନ୍ନାଥ ଜୀଉ ଟ୍ରଷ୍ଟ ବୋର୍ଡ ଓ ଅନନ୍ୟ। ସାହିତ୍ୟ ସଂସଦ ଏବଂ ଗୀତା ଜାଗରଣ ପରିଷଦ ପକ୍ଷରୁ ମିଳିତ ଭାବେ ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବିନୋଦ ବିହାରୀ ନାୟକ ଶ୍ରୀ ଜଗନ୍ନାଥଙ୍କ ତତ୍ୱ ସମ୍ବନ୍ଧୀୟ ଅଭିଭାଷଣ ପ୍ରଦାନ କରିଥିଲେ। ଅନନ୍ୟାର ସଂପାଦକ ଡ. କାହ୍ନୁଚରଣ ମିଶ୍ର, ଓଡିଶା ସଂସ୍କୃତି ବିଭାଗ ପକ୍ଷରୁ ଧୃତିମୟ ବେହେରା ଓ ସାଥୀଙ୍କୁ ସ୍ୱାଗତ କରିଥିଲେ। ପଣ୍ଡିତ ହୃଷିକେଶ ପତି ସ୍ତୋତ ପାଠ କରିଥିଲେ। ଶ୍ରୀ ନନ୍ଦ ଏହି ରଥଯାତ୍ରା ବିଶ୍ୱର ସମଗ୍ର ମାନବ ଜାତି ନିମନ୍ତେ ପ୍ରଥ ପ୍ରଦର୍ଶକ ବୋଲି କହିଥିଲେ। କଳାକାର ଧୃତୀମୟ ବେହେରା,ପ୍ରୀତିସୁନ୍ଦର ବେହେରା, ଦୁର୍ଗେଶ ପଣ୍ଡା, ବିଶ୍ୱଜିତ ସ୍ୱାଇଁ, ବିଷ୍ଣୁପ୍ରିୟା ଦଳାଇ, ଦିପୁ ଦାଶ ପ୍ରମୁଖ ଶ୍ରୋତାମାନଙ୍କ ମନମୁଗ୍ଧ କରି ଦେଇଥିଲେ। ଗୀତା ଜାଗରଣ ପରିଷଦର ସଭାପତି ପ୍ରତିମା କର, ସଂପାଦକ ଭାସ୍କର ମହାନ୍ତି,ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ଗୁଣମଣି ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୧ ନଂ ୱାର୍ଡର କାଉନସିଲର ସରିତା ଖୁଣ୍ଟିଆ, ସୁଶାନ୍ତ ଖୁଣ୍ଟିଆ, ଜନାର୍ଦ୍ଦନ ମିଶ୍ର,



ସଂଜୟ ମିଶ୍ର, ଆଇନୀଜୀ ପ୍ରବୀର କୁମାର ରାୟ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଅନନ୍ୟାର ଉପ ସଭାପତି ବିଭୂତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# +୩ ଉଦ୍ଭିଦ ବିଜ୍ଞାନ (ସମ୍ମାନ) ରେ ଛାତ୍ରଙ୍କ କୃତିତ୍ୱ



ଧାମନଗର, (ପିପିଏସ) : ଚଳିତ ବର୍ଷ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ +୩ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇଛି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଶ୍ୟାମପୁର ଗ୍ରାମର ଚିରଞ୍ଜିବି ପ୍ରିୟଦର୍ଶୀ ନାୟକ ଶତକଡା ଏକାନବେରୁ ଅଧିକ (୯୧.୭୪) ନମ୍ବର ରଖି ବିଶ୍ୱବିଦ୍ୟାଳୟ ଟପ୍ପର ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଭଦ୍ରକ ବିନାୟକ ଡିଗ୍ରୀ କଲେଜରେ +୩ ଉଦ୍ଭିଦ ବିଜ୍ଞାନ ନେଇ ପଢୁଥିଲେ। ଶ୍ୟାମପୁର ନିବାସୀ ତଥା ବର୍ତ୍ତମାନ ଗୋପବନ୍ଧୁ ନଗର ବ୍ଲକ କୃଷି କାର୍ଯ୍ୟାଳୟ ମୟୂରଭଞ୍ଜରେ କୃଷି ଅଧିଦର୍ଶକ ଭାବେ କାର୍ଯ୍ୟରତ ସୁଧୀର କୁମାର ନାୟକ ଏବଂ ଧାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କର ଜ୍ୟେଷ୍ଠ ପୁତ୍ର ଅଟନ୍ତି ଚିରଞ୍ଜିବି। ପିଲାଟି ଦିନରୁ ବିଦ୍ୟାଳୟ ଓ କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବେଶ କୃତିତ୍ୱ ଅର୍ଜନ କରିଛନ୍ତି। ଆଗକୁ ଓଡ଼ିଶା ପ୍ରଶାସନିକ ସେବାରେ ନିଯୁକ୍ତି ପରୀକ୍ଷା ଦେବାପାଇଁ ସେ ପ୍ରସ୍ତୁତ ହେଉଛନ୍ତି। ଏହି ସଫଳତା ପାଇଁ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଡମପଡ଼ା ବ୍ଲକ କମ୍ପ୍ୟୁଟର ଗୃହରେ ଅଗ୍ନିକାଣ୍ଡ

ବାଙ୍କୀ, (ପିପିଏସ) : ଡମପଡ଼ା ବ୍ଲକ କମ୍ପ୍ୟୁଟର ଗୃହରେ ଆଜି ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଆସବାବ ପତ୍ର ନଷ୍ଟ ହୋଇଯାଇଛି। ବାଙ୍କୀ ଦମକଳ ବାହିନୀ ଅଧିକାରୀ ପ୍ରଫୁଲ୍ଲ କୁମାର ଓଝା ଖବର ପାଇ ଘଟଣା ସ୍ଥଳରେ ସଦଳବଳେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ଅସ୍ପଷ୍ଟ ରହିଛି। ନିଆଁ ଲାଗିବା ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ଯାଇଥିବା ବେଳେ ସଟ୍ ସର୍କିଟ୍ ଯୋଗୁଁ ଏଭଳି ହୋଇଥାଏ ପାରେ ବୋଲି ସନ୍ଦେହ କରାଯାଉଛି। ଖବର ପାଇ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍ ଓ ବିଡିଓ ଶ୍ୟାମଳ କୁମାର ରାୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଦମ୍କଳ ବାହିନୀ ଅଗ୍ନିକାଣ୍ଡର କାରଣ ସଂପର୍କରେ ଟିକିନିଖି ଅନୁଧ୍ୟାନ କରିଥିଲେ।

# ଶ୍ରୀ ଶ୍ରୀ ସିଦ୍ଧ ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା ଓ ସିଂହାସନ ବିଜେ ଉତ୍ସବ

ଧାମନଗର, (ପିପିଏସ) : ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅନହରପୁର ଠାରେ ବିଜେ ଶ୍ରୀ ଶ୍ରୀ ସିଦ୍ଧ ମହାବୀରଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ସିଂହାସନ ବିଜେ ଉତ୍ସବ ଭାବ ଭକ୍ତି ଓ ଶ୍ରଦ୍ଧାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଭୂମି ପୂଜା, ସୂର୍ଯ୍ୟ ପୂଜା, ପାର୍ଶ୍ୱ ଦେବଦେବୀ ପୂଜା ଅନୁଷ୍ଠିତ ହେବା ପରେ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ସିଂହାସନ ବିଜେ ହୋଇଥିଲା। ଏକ ଭାବମୟ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଆଚାର୍ଯ୍ୟ ଭାବେ ବାବାଜୀ ତ୍ରିପାଠୀ (ପୁରୀ), ଅନିରୁଦ୍ଧ ପାଣିଗ୍ରାହୀ (ଯାଜପୁର), ରାଜକିଶୋର ତ୍ରିପାଠୀ (ଧାମନଗର), ସୁନ୍ଦର ଶ୍ୟାମ ଦାଶ (ଅସୁରାଳି), ଅଶୋକ କୁମାର ଦାଶ (ପଳିକିରୀ) ଓ ପୀଠ ପୂଜକ ଶ୍ରୀବତ୍ସ ମିଶ୍ର ପ୍ରମୁଖ ସଂକଳ୍ପ,ପ୍ରତିଷ୍ଠା ଓ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ପାବନ କାର୍ଯ୍ୟକ୍ରମରେ ବଜରଙ୍ଗ ଭକ୍ତ ତଥା ସିଦ୍ଧ ମହାବୀର ମନ୍ଦିର ସେବକ ପ୍ରକାଶ ଚନ୍ଦ୍ର ରାଉତ ସସ୍ତ୍ରୀକ ସଂକଳ୍ପ ଓ ଆରାଧନା କାର୍ଯ୍ୟ ସମ୍ପାଦନ କରିଥିଲେ। ନାରାୟଣ ପ୍ରଧାନ, ରାଜୀବ ଲୋଚନ ନାୟକ, ପର୍ଶୁରାମ ପାତ୍ର,ପ୍ରଦୀପ କୁମାର ରାଉତ ପ୍ରମୁଖ ଦମ୍ପତି ସଂକଳ୍ପ କାର୍ଯ୍ୟ ନିର୍ବାହ କରିଥିବା ବେଳେ ସତ୍ୟ ପ୍ରକାଶ ରାଉତ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଶ୍ରଦ୍ଧା ଓ ଭକ୍ତିର ସହ ଦାୟିତ୍ୱ ତୁଲାଇଥିଲେ।ସନ୍ଧ୍ୟାରେ ବିଗ୍ରହ ପ୍ରାଣ ପ୍ରତିଷ୍ଠା ତଥା ଶାନ୍ତି ଯଜ୍ଞ ଅନୁଷ୍ଠିତ



ହୋଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଗଙ୍ଗାଧର ରାଉତ, ଅରୁଣ କୁମାର ରାଉତ, ସୁଦର୍ଶନ ସାମଲ, ବୁଧିରାମ ଜେନା, ମହେଶ୍ୱର ସ୍ୱାଇଁ, ଚକ୍ରଧର ରାଉତଙ୍କ ସମେତ ଅନହରପୁର ଗ୍ରାମବାସୀ ମାନେ ଶ୍ରଦ୍ଧା ଓ ଭକ୍ତିର ସହିତ ଯୋଗଦାନ କରିଥିଲେ। ଏହି ବିଭୂକୃପା ଓ ଭକ୍ତିମୟ କାର୍ଯ୍ୟକ୍ରମରେ ସ୍ଥାନୀୟ ସମେତ ବିଭିନ୍ନ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ଭଗବାନ ବଜରଙ୍ଗୀଙ୍କ କୃପା ଲାଭ କରିଥିଲେ।

# ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ




ବ୍ରହ୍ମପୁର, (ପିପିଏସ) : ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ବିଭୂତି ଭୂଷଣ ଜେନାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଗିରିଜା ଛକ ସ୍ଥିତ ହୋଟେଲ୍ ମୟୁରୀ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ରେଳ ଚଳାଚଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତି ଦର୍ଶନା ଯୋର୍ଦଷ ଯୋଗ ଦେଇ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ପରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ବିଜେପି ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଜନ ସମ୍ପର୍କ ଅଭିଯାନ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା ହୋଇଥିଲା । ବ୍ରହ୍ମପୁର ବିଧାନସଭା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ରେଳ ଚଳାଚଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତି ଦର୍ଶନା ଯୋର୍ଦଷ,ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପ୍ରଭାରୀ ଅଶୋକ ମିଶ୍ର,ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ବିଭୂତି ଭୂଷଣ ଜେନା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ,ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ବିସ୍ତାରକ ରାମ ପ୍ରସାଦ ନାୟକ,ଜିଲ୍ଲା ଉପସଭାପତି ଡ଼ା.ସୁବାଷ ସାହୁ,ମନୋଜ ପଟ୍ଟନାୟକ,ସୁନିଲ କୁମାର ସାହୁ,ଜିଲ୍ଲା ସାଧାରଣ ସମ୍ପାଦକ ଗଙ୍ଗାଧର ଶତପଥି,ବାଳକୃଷ୍ଣ ସାମନ୍ତରା,ସୁଶିଳା ମଲ୍ଲିକ,ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର,ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରାଜେଶ ସାହୁ,ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ତୁତୁନ୍ ପାତ୍ର,ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ ଦେବୀ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ବ୍ରହ୍ମପୁର ଲୋକସଭା କ୍ଷେତ୍ର ସୋସିଆଲ ମିଡ଼ିଆ ସଂଯୋଜକ ଜଗଦୀଶ ପ୍ରଧାନ,ଜିଲ୍ଲା ସ୍ୱାସ୍ଥ୍ୟ ସେଲ୍ ସଂଯୋଜକ ରାଜୀବ କୁମାର ମିଶ୍ର,ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି କେ.ଟୁଙ୍ଗୁରୁ ପାତ୍ର,ଗୋସାଇଁନୂଆଗାଁ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଚୌଧୁରୀ,ସାନ ବଜାର ମଣ୍ଡଳ ସଭାପତି ସରୋଜ ପାତ୍ର,କମାପଲ୍ଲୀ ମଣ୍ଡଳ ସାଧାରଣ ସମ୍ପାଦକ ଗୋବିନ୍ଦ ସାହୁ, କର୍ପୋରେଟର ରଞ୍ଜିତା ବେହେରା,ବର୍ଷା ବିଦ୍ୟୁସ୍ମିତା ପାଳ,ପ୍ରେମଶିଳା ନନ୍ଦ,ପ୍ରଦୀପ ମିଶ୍ର,ବାଙ୍କାନିଧି ସେଠୀ,ଦିପୁନ୍ ପଟ୍ଟନାୟକ,କେ.ଶ୍ରୀନିବାସ ସୁବୁଦ୍ଧି, ଟି.ରବି କିରଣ,ଏସ୍.ଶ୍ରୀନିବାସ ରାଓ,ରବି ନାରାୟଣ ସାବତ,ସୁନିଲ ମହାରଣା,ଯୋଶେଫ କଟନ୍ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ବ୍ରହ୍ମପୁର ବିଧାନସଭା ଅନ୍ତର୍ଗତ ପ୍ରତ୍ୟକ ୱାର୍ଡର ପ୍ରମୁଖ,ସହ ପ୍ରମୁଖ,ପ୍ରଭାରୀ ଆଦି ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ବୈଠକରେ ବୁଥ୍ ସ୍ତରରେ ସଂଗଠନକୁ ମଜବୁତ କରାଯାଇ ଆଗାମୀ ୨୦୨୪ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବାକୁ ନିଷ୍ପତି ହେଇଥିଲା । ମୋଦି ସରକାରଙ୍କ ବହୁମୁଖି ଯୋଜନା ପିଇବା ପାଣି, ବିଜୁଳି, ଗ୍ୟାସ୍, ପାଇଖାନା, ଆବାସ ଯୋଜନା, ଚାଉଳ ଆଦି ଉପରେ ଆଲୋଚନା ହୋଇଥିଲା । କେନ୍ଦ୍ରୀୟ ଯୋଜନା ଗୁଡ଼ିକୁ ରାଜ୍ୟରେ ଶାସନାଧୀନ ବିଜୁ ଜନତା ଦଳ ସରକାର ଫାଇଦା ନେବା ଅପଚେଷ୍ଟାକୁ ନେତା ମାନେ ସମାଲୋଚନା କରିଥିଲେ । କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ଦର୍ଶନା ଯୋର୍ଦଷ ଜିଲ୍ଲାର ମିଡ଼ିଆ ପ୍ରମୁଖ ଏବଂ ସୋସିଆଲ୍ ମିଡ଼ିଆ ପ୍ରମୁଖଙ୍କ ସହ ବୈଠକ ନେଇଥିଲେ । ଏହା ପୂର୍ବରୁ ସକାଳେ କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ଦର୍ଶନା ଯୋର୍ଦଷ ବ୍ରହ୍ମପୁର ସହରର ବିଜେପିର ପୁରାତନ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଏବଂ ଜଳପାନ ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତିଙ୍କ ଗାନ୍ଧୀନଗର ଛକ ସ୍ଥିତ ବାସଭବନରେ ଅନୁଷ୍ଠିତ ହେଇଥିଲା । ଏଥିରେ ଦଳର ବରିଷ୍ଠ ନେତା ସତୀଶ ପାତ୍ର,କାମନା ପାତ୍ରୀ,ଅହିଂସା ସାହୁ,ବିଷ୍ଣୁ ସୁବୁଦ୍ଧି,ପ୍ରବୀର ପାତ୍ର,ଶିବ ପ୍ରସାଦ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ବଦଳିବକି କାକଟପୁର ନିର୍ବାଚନମଣ୍ଡଳୀ ସମୀକରଣ

# ବର୍ତ୍ତମାନ ଅପେକ୍ଷା ପୂର୍ବତନ ବିଧାୟକ କର୍ମୀଙ୍କ ଅଧିକ ପସନ୍ଦ

ହୋଣାର୍କ, (ପିପିଏସ) : ଚଳିତ ଜୁନ ୨୩ ତାରିଖରେ କୋଣାର୍କ ସ୍ଥିତ ଯାତ୍ରୀନିବାସ ଠାରେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ବିଜେଡି ସାଂଗଠନିକ ସଂପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ କୋଣାର୍କ ଏନଏସି ସମେତ କାକଟପୁର ବ୍ଲକ, ଅସ୍ତରଙ୍ଗ ବ୍ଲକ ସମେତ ଗୋପ ବ୍ଲକର ୪୫ ଗୋଟି ଗ୍ରାମପଞ୍ଚାୟତ ଓ କୋଣାର୍କ ଏନଏସିରେ ବିଜେଡି ଦଳର ସାଂଗଠନିକ ସ୍ଥିତିକୁ ନେଇ ଏକ ସାଂଗଠନିକ ବୈଠକରେ ଆୟୋଜନ କରିଥିଲେ। ଏହି ସାଂଗଠନିକ ବୈଠକରେ ନିର୍ବାଚନ ମଣ୍ଡଳୀର ବହୁ ପୁରୁଖାନେତା ଓ କର୍ମୀମାନଙ୍କ ଅନୁପସ୍ଥିତଥିବା ଦେଖିବାକୁ ମିଳିଥିଲା। ତୃଣମୂଳସ୍ତରରେ ବିଧାୟକଙ୍କ ଜନସମ୍ପର୍କ ସଠିକ୍ ନଥିବା ସାଂଗଠନିକ ସଂପାଦକ ଶ୍ରୀ ଦାସ ଉପଲବ୍ଧ କରିବା ପରେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ ଦଳର ଦୁର୍ବଳ ସାଂଗଠନିକ ସ୍ଥିତିରେ ସୁଧାର ଆଣିବା ପାଇଁ ଜନସମ୍ପର୍କ ଅଭିଯାନ ଜୋରଦାର କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଯଦି ଏହି ସ୍ୱଳ୍ପ ସମୟ ମଧ୍ୟରେ ନିର୍ବାଚନ ମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତିରେ ସୁଧାର ନଆସେ ତେବେ ଆଗାମୀ ସାଧାରଣ ନିର୍ବାଚନ ବିଜେଡିଦଳ ହାତରୁ କାକଟପୁର ଆସନଟି ହାତଛଡା ହୋଇପାରେ ବୋଲି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଏହି ସାଂଗଠନିକ ବୈଠକରେ ଆଶଙ୍କାବ୍ୟକ୍ତ କରିଥିବା ଜଣାପଡିଛି। ଗତ ପଞ୍ଚାୟତ ନିର୍ବାଚନରେ ଦୁର୍ବଳ ଗୋଟି ଚାଳନା ଯୋଗୁଁ ବିଜେଡି ଦଳ ହାତରୁ ମନ୍ତ୍ରୀ ଶ୍ରୀ ବେହେରାଙ୍କ ନିଜ ବ୍ଲକ ଅସ୍ତରଙ୍ଗ ଓ ପଡୋଶୀ ବ୍ଲକ କାକଟପୁର ବ୍ଲକ ଅଧ୍ୟକ୍ଷ ପଦବୀ ସମେତ ଅଧିକାଂଶ ସରପଞ୍ଚ ଓ

### ଗୁଇନ୍ଦା ରିପୋର୍ଟ ଓ ତୃଣମୂଳସ୍ତରରେ କର୍ମୀମାନଙ୍କ ମତ ନେଇ ପ୍ରାର୍ଥୀଚୟନ ପାଇଁ ଦାବୀ

ସମିତି ସଭ୍ୟ ପଦବୀ ବିରୋଧୀଙ୍କ ହାତକୁ ଚାଲିଯାଇଥିଲା। ଏହି ଘଟଣାକୁ ଅନୁମେୟ କଲେ ମନ୍ତ୍ରୀ ଶ୍ରୀ ବେହେରାଙ୍କ ତୃଣମୂଳସ୍ତରରେ ଯେଭଳି ଆଖି ଦୃଶିଆ ଜନସମର୍ଥନ ନଥିବା ଭଳି ଦୃଷ୍ଟି ଗୋଚର ହେଉଛି। ଗତ ୨୦୧୪ ସାଧାରଣ ନିର୍ବାଚନରେ କାକଟପୁର ନିର୍ବାଚନ ମଣ୍ଡଳୀରୁ ସୁରେନ୍ଦ୍ର ସେଠୀଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆର୍ଶୀବାଦ ଓ ତୃଣମୂଳସ୍ତରରେ ଲୋକପ୍ରିୟତା ବୃଦ୍ଧି ଯୋଗୁଁ ବିପୁଳ ଭୋଟରେ ଶ୍ରୀ ସେଠୀ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଧାୟକ ଭାବେ ନିର୍ବାଚିତ ହେବା ପରେ ସୁରେନ୍ଦ୍ର ସେଠୀ ତୃଣମୂଳସ୍ତରରେ ବିଜେଡି ଦଳର ପୁରୁଖା କର୍ମୀ, ଯୁବ ବର୍ଗ, ମହିଳା ବର୍ଗ ସମେତ ସମସ୍ତ ବ୍ୟକ୍ତି ବିଶେଷ ମାନଙ୍କୁ ନେଇ ନିଜର ଏକ ସ୍ୱତନ୍ତ୍ର ଛାପ ନିର୍ବାଚନ ମଣ୍ଡଳୀରେ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି। ମାତ୍ର ବର୍ତ୍ତମାନର ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଅଧିକାଂଶ ସମୟ ରାଜଧାନୀରେ ରହୁଥିବାରୁ ତୃଣମୂଳସ୍ତରରେ ବିଜେଡି କର୍ମୀ ଓ ସାଧାରଣ ଜନତାଙ୍କ ନିକଟତର ହୋଇପାରିନଥିବା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ କର୍ମୀମାନେ କ୍ଷୁବଧ ଓ ଅସନ୍ତୋଷ ଥିବା କାକଟପୁର ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଜୋରଧରିଛି। କାକଟପୁର ନିର୍ବାଚନ ମଣ୍ଡଳୀର ଅସ୍ତରଙ୍ଗ, କାକଟପୁର, ଗୋପ ଓ କୋଣାର୍କ ଏନଏସି ଅନ୍ତର୍ଗତ ୩୯ଗୋଟି ଗ୍ରାମ ପଞ୍ଚାୟତ ଓ କୋଣାର୍କ ଏନଏସିରେ ଏବେ ମଧ୍ୟ ପୁରୁଖା ନେତା, ସାଧାରଣ ଭୋଟର ଓ ବିଜେଡି ଦଳର ସବୁ ବର୍ଗର କର୍ମୀ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ନିଷ୍ପାପର ଜନସେବା, ତୃଣମୂଳସ୍ତରରେ ସାଂଗଠନିକ ଦକ୍ଷତା ବୃଦ୍ଧି ଓ ସାଧାରଣ ଜନତା ଓ ବିଜେଡି ଦଳର କର୍ମୀ ମାନଙ୍କ ପାଇଁ ଦୁଃଖ ସୁଖରେ ବନ୍ଧୁ ଭାବରେ କାନ୍ଧ କୁ କାନ୍ଧ ମିଶାଇ ଛିଡା ହେବା କଥା ଭୂଲି ପାରୁ ନ ଥିବା କାକଟପୁର ନିର୍ବାଚନ ମଣ୍ଡଳୀର ଘରେ ଘରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାରେ ସକ୍ଷମ କରିପାରିଛି। ତାଙ୍କ ନେତୃତ୍ୱରେ ବିଜେଡିର ଏକ ବଡ ଭୋଟ ବ୍ୟାଙ୍କ ରହିଛି ବୋଲି ନିର୍ବାଚନ ମଣ୍ଡଳୀର କର୍ମୀ ମହଲରେ ଆଲୋଚନା ହେଉଛି। ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାକଟପୁର ନିର୍ବାଚନ ମଣ୍ଡଳୀରେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗୁଇନ୍ଦା ରିପୋର୍ଟ ଓ ତୃଣମୂଳସ୍ତରରେ ପୁରୁଖା ନେତା, ବିଜେଡି ଦଳର ସବୁ ବର୍ଗର ସାଂଗଠନିକ ନେତୃତ୍ୱ ଓ କର୍ମୀ ତଥା ସାଧାରଣ ଜନତାଙ୍କ ମତାମତ ନେଇ ବିଧାୟକ ପ୍ରାର୍ଥୀ ଚୟନ ନକରା ଗଲେ ଆଗାମି ସାଧାରଣ ନିର୍ବାଚନ ୨୦୨୪ ରେ କାକଟପୁର ଆସନଟି ହରେଇବା ସହ ବିରୋଧୀଙ୍କ ହାତକୁ ଚାଲି ଯାଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ବ୍ୟକ୍ତ କରିଛନ୍ତି।

# ପଞ୍ଚାୟତିରାଜ ସଂସ୍ଥାକୁ କେନ୍ଦ୍ର ପୁରସ୍କାରର ୬ ଗୁଣ ଦେବ ରାଜ୍ୟ

ଭୁବନେଶ୍ୱର: ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପଂଚାୟତିରାଜ ଅନୁଷ୍ଠାନ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିପୁଳ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି । ଆଜି ଲୋକସେବା ଭବନର କନ୍‌ଭେନସନ୍ ହଲ୍ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେଉଁ ପଂଚାୟତିରାଜ ଅନୁଷ୍ଠାନ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବ ତାକୁ କେନ୍ଦ୍ର ସରକାର ଦେଉଥିବା ପୁରସ୍କାରର ୬ ଗୁଣ ଅର୍ଥ ରାଶି ପୁରସ୍କାର ଭାବରେ ଦିଆଯିବ। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପଂଚାୟତିରାଜ ଅନୁଷ୍ଠାନକୁ ୩ ଗୁଣ ଓ ତୃତୀୟ ସ୍ଥାନ ପାଇଥିବା ଅନୁଷ୍ଠାନକୁ ୨ ଗୁଣ ଆର୍ଥିକ ପୁରସ୍କାର ଦିଆଯିବ । ପଂଚାୟତିରାଜ ଅନୁଷ୍ଠାନ ମାନଙ୍କ ମଧ୍ୟରେ ବିକାଶ ପାଇଁ ଏକ ସୁସ୍ଥ ପ୍ରତିଯୋଗିତା ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଘୋଷଣା ଅନୁଯାୟୀ ଜାତୀୟ ସ୍ତରରେ ପ୍ରଥମ ହୋଇଥିବା ଗଞ୍ଜାମ ଜିଲ୍ଲା ପରିଷଦକୁ ୩୦ କୋଟି ଟଙ୍କା, ପ୍ରଥମ ସ୍ଥାନ ଅଧିକାର କରିଥିବା ହିଞ୍ଜିଳିକାଟୁ ପଂଚାୟତ ସମିତିକୁ ୧୨ କୋଟି ଟଙ୍କା ପୁରସ୍କାର ଦିଆଯାଇଥିଲା । ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର କାଂଚୁରୁ ପଂଚାୟତ, ଭଞ୍ଜନଗର ବ୍ଲକର କୁଲଦା ପଂଚାୟତ, ହିଞ୍ଜିଳିକାଟୁର ଶାସନ ଆମ୍ବଗାଁ ଓ ପାତ୍ରପୁର ବ୍ଲକର ଆଙ୍କୁଲି ପଂଚାୟତକୁ ୨ କୋଟି ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା। ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ ବଣାଇ ବ୍ଲକର ବଣାଇଗଡ ପଂଚାୟତକୁ ୧ କୋଟି ଟଙ୍କା ପୁରସ୍କାର ଦିଆଯାଇଥିଲା । ସମୁଦାୟ ୭ଟି ପଂଚାୟତିରାଜ ଅନୁଷ୍ଠାନକୁ ୫୨ କୋଟି ଟଙ୍କାର ପୁରସ୍କାର ଦିଆଯାଇଥିଲା । ପୁରସ୍କୃତ ପଂଚାୟତିରାଜ ଅନୁଷ୍ଠାନ ମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ପଂଚାୟତିରାଜ ସଂସ୍ଥା ମାନଙ୍କୁ "ଗାଁ'ର ସରକାର" ବୋଲି ଅଭିହିତ କରି ସ୍ୱାଗତ ଜଣାଇଥିଲେ। ସେ କହିଲେ ଯେ ଆମ କାମ ହେଉଛି ଆମର ପରିଚୟ । ଆଜି ବିକାଶର ବିଭିନ୍ନ ମାପଦଣ୍ଡରେ ଓଡିଶାର ପଂଚାୟତିରାଜ ଅନୁଷ୍ଠାନମାନେ ଆଜି ସାରା ଦେଶର ପଥ ପଦର୍ଶକ ହୋଇଛନ୍ତି । ଲୋକଙ୍କ ଆସ୍ଥା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ପଂଚାୟତ ସଂସ୍ଥା ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ୨ ଟି ପଂଚାୟତ ଚିହ୍ନଟ କରାଯାଇ ୬୦ ଟି ପଂଚାୟତ ଲର୍ଣ୍ଣିଂ ସେଂଟର ସ୍ଥାପନ କରାଯିବ । ଏକ ଜ୍ଞାନ ସମ୍ବଳ କେନ୍ଦ୍ର ଭାବେ ଏହା ପଂଚାୟତ ଅନୁଷ୍ଠାନ ମାନଙ୍କର ଦକ୍ଷତା ବୃଦ୍ଧିରେ ସାହଯ୍ୟ କରିବ। ପଂଚାୟତ ମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ଲକ୍ଷ୍ୟ ନେଇ ଲୋକାଲ ଚାମ୍ପିଅନ୍ ଟ୍ରେନିଂ ପ୍ରୋଗ୍ରାମ କରାଯିବ। ରାଜ୍ୟ ଗ୍ରାମ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ଏହା କରାଯିବ । ଅନୁସୂଚିତ ଅଂଚଳର ୭୦ ଟି ବ୍ଲକରେ ସାଟେଲାଇଟ୍ ଇଂଟରାକ୍ଟିଭ୍ ଟର୍ମିନାଲ ସ୍ଥାପନ କରାଯାଇ ଦୂର ଶିକ୍ଷା ଯୋଗାଯୋଗ ବ୍ୟବସ୍ଥା କରାଯିବ । ରାଜ୍ୟ ଗ୍ରାମ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନରେ ଅତ୍ୟାଧୁନିକ ଭିତିଭୂମି ସୃଷ୍ଟି କରାଯିବ। ଏଥିରେ ୩୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ, ୨୫୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷ ଓ ସାଟେଲାଇଟ୍ ବେସଡ୍ ଷ୍ଟୁଡିଓ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶା ସୋସାଇଟି ଫର ସୋସିଆଲ ଅଡିଟ୍ , ଆକାଉଂଟିବିଲିଟି ଆଣ୍ଡ ଟ୍ରାନ୍ସପରେନ୍ସି ସଂସ୍ଥାର ଏକ ୱେବସାଇଟ୍ ଏବଂ ଆମ ପଂଚାୟତ ସେବା ପୋର୍ଟାଲର ଶୁଭାରମ୍ଭ କରିଥିଲେ। ପଂଚାୟତମାନଙ୍କ କାମରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଏହି ପୋର୍ଟାଲ ସହାୟକ ହେବ ।




ମନ ହୁଏ ମୋର ହେବାକୁ ମୀନା ଆଉ ସେ ସମୟ ଆସିବ କି'ନା
ବୟସ ଗଲାଣି ଗଡ଼ି,
ବୟସ ଗଡ଼ିଲେ ସବୁ କାମ ସିନା ପଛେ ରହିଥାଏ ପଡ଼ି।
ପିଲାଦିନେ ଲେଖି କବିତାଟିଏ 'ମୀନାବଜାର'କୁ ପଠାଇ ଦିଏ
ଛପା ଅକ୍ଷରରେ ଦେଖି,
ମନ ହୁଏ ମୋର ଦିନକୁ ଦଶଟା କବିତା ଦିଅନ୍ତି ଲେଖି।
ବାହାରୁଛି ଆଜି 'ମୀନାବଜାର' ଏ କଥାଟି ସତେ ଭାରି ମଜାର
ଲେଖିବେ ଆମରି ପିଲା,
ସବୁ କାମ ସିଏ କରିବେ ପୂରଣ, କାଲି ଯାହା ବାକୀ ଥିଲା।

– କ୍ଷୀରୋଦ ଚନ୍ଦ୍ର ପୋଥାଳ

# ଜେଜେମା ଖୋଲିଲେ ଗପ କୋଥଳି



**କାଳିକିଙ୍କର ଦାସ**

ଜେଜେମା ଖୋଲିଲେ ଗପ କୋଥଳି
ପିଲାଏଁ ମାରିଲେ ଆନନ୍ଦେ ତାଳି।

ସଞ୍ଜରେ ଏବେ ଗୁଡୁନା ଓ ଅନ୍ୟ ନାତି ନାତୁଣୀ ତଥା ପାଖ ପଡ଼ୋଶୀ ପିଲାମାନେ ଜେଜେମାଙ୍କ ପାଖରେ ପହଞ୍ଚି ଯାଆନ୍ତି ଗପ ଶୁଣିବା ପାଇଁ। ଗୁଡୁନା ଜେଜେମାଙ୍କ କୋଥଳି ଆଣି ତାଙ୍କ ବେକରେ ଲମ୍ବେଇ ଦେଇ କହେ ଜେଜେମା, ଏ କୋଥଳିରୁ ଆଜି ଆଉ ଗୋଟିଏ ଭଲ ଗପ ବାହାର କର - ଆମେ ଶୁଣିବୁ। ଜେଜେମା କହନ୍ତି, ହେଉ - ସଞ୍ଜ ହେଲାଣି, ପ୍ରଥମେ ତୁଳସୀ ମୂଳକୁ ଯାଇ ସବୁ ଦେବଦେବତାଙ୍କୁ ପ୍ରଣାମ କର ଓ ଘରେ ଯେଉଁ ଗୁରୁଜନ ଅଛନ୍ତି ତାଙ୍କୁ ପ୍ରଣାମ କରି ଆସ। ସେହି ସମୟ ଭିତରେ ମୁଁ କୋଥଳି ବାବାଙ୍କୁ ଗୋଟିଏ ଗପ ମାଗି ରଖିଥିବି।

ପିଲାମାନେ ଯାଇ ତୁଳସୀ ମୂଳରେ ଦେବୀ ଦେବତାଙ୍କୁ ଓ ଘରର ସମସ୍ତ ଗୁରୁଜନଙ୍କୁ ପ୍ରଣାମ କରି ଆସି ବସିଲେ। ଜେଜେମା ତାଙ୍କର ଗପର କୋଥଳିକୁ ମୁଣ୍ଡରେ ମାରି କହିଲେ - ଆରେ କୋଥଳି - ଦେ ଗୋଟେ ଗପ କରୁଛି ଅଳି। ସଂଗେ ସଂଗେ ଜେଜେମାଙ୍କୁ ସେ କୋଥଳିରୁ ଗପ ମିଳିଯାଏ। ଗପଟି ହେଉଛି ତୁଳସୀ ଗଛର କଥା। ତୁଳସୀ ଦ୍ୱାପର ଯୁଗରେ ଅତ୍ୟନ୍ତ ଭଲ ଝିଅଟିଏ ଥିଲା। ସେ ତା'ର ବାପା ମାଆ ଓ ଗୁରୁଜନଙ୍କର ବହୁତ ସେବା କରୁଥିଲା। ସବୁଠାରୁ ସେ ମାଟି ମାଆଙ୍କର ବହୁତ ସେବା ଯତ୍ନ କରୁଥିଲା। ତେବେ ପବନ ଓ ମେଘ ବେଳେବେଳେ ମାଟି ମାଆଙ୍କର ବହୁତ କ୍ଷତି କରିଦେଉଥିଲେ।

ପବନ ଖୁବ୍ ଜୋର୍‌ରେ ବେଳେବେଳେ ପ୍ରବାହିତ ହୋଇ ମାଟି ଧୂଳି ଉଡ଼େଇ ନେଇ ଯାଉଥିଲା। ବଡ଼ ବଡ଼ ଗଛ ମାଟିରୁ ଉପାଡ଼ି ଦେଉଥିଲା। ସେମିତି ମେଘ ବେଳେବେଳେ ଏମିତି ଆକାଶରୁ ଖସି ପଡୁଥିଲା ଯେ ଅନେକ ଜାଗାରୁ ମାଟି ଧୋଇ ହୋଇଯାଉଥିଲା। ଗଛଲତା ଭାଙ୍ଗି ଓ ଭାସି ଯାଉଥିଲା। ଘରଦ୍ୱାର ମଧ୍ୟ ଭାସି ଯାଉଥିଲା।

ତୁଳସୀକୁ ଏ ସବୁ କଷ୍ଟ ଦେଉଥିଲା। ସେ ତା'ର ଜେଜେମାଙ୍କର ବହୁତ ସେବାକରେ। ଜେଜେମା ତୁଳସୀକୁ ବହୁତ ଭଲ ପାଆନ୍ତି। ତେଣୁ ତୁଳସୀ ତାଙ୍କୁ ମାଟି ମାଆ, ଗଛଲତା,



ତୃଣଗୁଳ୍ମ ଆଦିର କଷ୍ଟ କଥା ତାଙ୍କୁ କହିଲା। ସେ କେମିତି ମାଟିମାଆ ଓ ଦୁର୍ବଳ ଗଛଲତାଙ୍କୁ ରକ୍ଷା କରିପାରିବ ତା'ର ଉପାୟ ପଚାରିଲା।

ଜେଜେମା ତାଙ୍କର କିଛି ସମୟ ଚକ୍ଷୁ ବନ୍ଦ କରି ଚିନ୍ତାକଲେ। ସେ ତାକୁ କହିଲେ - ତୁଳସୀ, ତୁ ଭଗବାନ୍ ବିଷ୍ଣୁଙ୍କୁ ପାଇବା ପାଇଁ ତପସ୍ୟା କର। ସେ ଯଦି ତୋର ତପସ୍ୟାରେ ଖୁସି ହେବେ ତେବେ ତୁ ତୋ ମାଟିମାଆର ଦୁଃଖ କଷ୍ଟ ଦୂର କରିପାରିବୁ।

ତୁଳସୀ ତପସ୍ୟା କଲା। ବର୍ଷ ବର୍ଷ ବିତିଗଲା। ସେ ମଧ୍ୟ ବଡ଼ ହୋଇ ଅପୂର୍ବ ସୁନ୍ଦରୀ ରୂପ ଧାରଣ କଲା। ତେବେ ସେ ସେମିତି ଭଗବାନ୍ ବିଷ୍ଣୁଙ୍କୁ ପାଇବା ପାଇଁ ତପସ୍ୟା କରି ଚାଲିଥାଏ। ଶେଷରେ ଭଗବାନ୍ ବିଷ୍ଣୁ ଖୁସି ହୋଇ ତୁଳସୀକୁ ବରଦାନ ଦେଲେ।

କେଉଁ ବରଦାନ ଜେଜେମା? ଗୁଡୁନା ଓ ତା'ର ସାଙ୍ଗମାନେ ପଚାରିଲେ। ଜେଜେମା କହିଲେ - ବିଷ୍ଣୁ ଭଗବାନ୍ କହିଲେ ତୁମେ କେବଳ ଦ୍ୱାପର ଯୁଗରେ ନୁହଁ ସବୁ ଯୁଗରେ ମୋର ପ୍ରିୟ ହୋଇ ରହିବ। ତୁମେ ମୋ ଦେହରେ ନ ଲାଗିଲେ ମୋତେ ଶାନ୍ତି ଓ ସନ୍ତୋଷ ମିଳିବ ନାହିଁ। କଳିଯୁଗରେ ଲୋକେ ତୁମକୁ ଶ୍ରଦ୍ଧାର ମାଟିମାଆ କୋଳରେ ଲଗାଇବେ। ତୁମେ ସବୁ ତୃଣ, ଗୁଳ୍ମ, ଗଛ ଲତାରେ ପ୍ରିୟ ହୋଇ ରହିବ। ତୁମେ ଯେଉଁଠି ଆଚ୍ଛାଦିତ ଥିବ ସେଠାକୁ ପବନ କ୍ଷତି କରିପାରିବ ନାହିଁ ବା ମେଘ ତୁମର କ୍ଷତି କରିପାରିବ ନାହିଁ। ତୁମକୁ ମାଟିମାଆ ପରମ ସ୍ନେହରେ ତାଙ୍କ କୋଳରେ ଜାବୁଡ଼ି ରଖିବେ। ସବୁ ଯୁଗରେ ତୁମର ପତ୍ର, ଫୁଲ, ମୂଳ ମୋର ପ୍ରିୟ ହୋଇ ରହିବ। ତୁମ ମୂଳରେ ଦୀପ ଜଳାଇଲେ ବା ତୁମକୁ ପ୍ରଣାମ କଲେ ସର୍ବଦେବଦେବୀ ସନ୍ତୋଷ ହେବାର ଫଳ ମିଳିବ। ତୁଳସୀ ଖୁସି ହୋଇଗଲା।

ଜାଣିଲ ତ ପିଲେ - ଆମ ତୁଳସୀ ମାଆଙ୍କର ଗପ।

ବାଃ ଜେଜେମା,
ପିଲାମାନେ ସବୁ ମାରିଲେ ତାଳି,
ଜେଜେମା ବାନ୍ଧିଲେ ତାଙ୍କ କୋଥଳି।

**ସୌଭାଗିନୀ ନିବାସ,
ରଟିଲୋ, ରେଞ୍ଚ, ପୁରୀ
ମୋ-୯୪୩୯୫୩୯୨୨୯**

# ଲାଗିଛି ନାଟ



**ଦେବରାଜ ସାମନ୍ତରାୟ**

॥ ୧ ॥
ବଡ଼ ଦେଉଳରେ
ପତାକା ଉଡ଼େ
ବେଳବୁଡ଼ ହେଲେ
ସୂରଯ ବୁଡ଼େ॥
॥ ୨ ॥
ନାଲୀ ମାଉସୀ ମୋ
କହିବ ଗପ
ବସିବା ସକାଶେ
ପକାଅ ଶପ॥
॥ ୩ ॥
ଫଗୁଣ ଆସିଲେ
କୋଇଲି ଡାକେ
କୁହୁଗୀତେ ତା'ର
ମନ ମୋ ଲାଖେ॥
॥ ୪ ॥
ରାତିରେ ଦିଶିଲେ
ଶରଦଶଶୀ
ଆକାଶ ରାଇଜ
ଉଠଇ ହସି॥
॥ ୫ ॥
ମେଘକୁ ଦେଖିକି
ମୟୂର ନାଚେ
ଶିରବଣ ମାସେ
ବରଷା କାଚେ॥
॥ ୬ ॥
ପ୍ରକୃତି ଦେହରେ
ଲାଗିଛି ନାଟ
ନାଟ ଦେଖି ଆସ
ପଢ଼ିବା ପାଠ॥



**ରାଜ୍ୟ ରାଷ୍ଟ୍ରୀୟ ପୁରସ୍କୃତ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ୟୁନିଟ୍ - ୧, ଭୁବନେଶ୍ୱର
ମୋ-୯୭୭୭୧୬୭୬୯୧**

# ସବୁରି ମନ ଜାଣି



**ମାନସ ରଂଜନ ସାମଲ**

ପହିଲି ବର୍ଷା ପୁଲକ ଭରା
ଉଶ୍ୱାସ ହେଲା ତପତ ଧରା
ବତୁରି ଗଲା ମାଟି,
ଗଛ ବୁରୁଛ ଯାହାକୁ ଯେତେ
ଖୁସିରେ ଗଲେ ଫାଟି॥

ବିଜୁଳି ଘରେ ଲାଗିଲା ନିଆଁ
ଟମକ ବାଜା ବାଜିଲା ଛାଆଁ
ଫୁଟିଲା ଢୋଓ ଢ଼ାଆ,
କାଟିଲା କିଏ ରୁପାର ଗାର
ଜାଣ କି ତା'ର ନାଆଁ॥

ବାଦଲ ଫଟା ମେଘ ପବନ
ଆଇଲା ମାଡି ମନକୁ ମନ
ବୁଡ଼ିଲା କ୍ଷେତ ଗାଆଁ,
କୁଲର, ଏସି ପୁଟୁଳି ବାନ୍ଧି
ଘରକୁ ଏବେ ଯାଆ॥

ମଳୟ ଖେଳେ ବାହୁଙ୍ଗା ମେଳେ
ବାଇଚଢେଇ ବସାଟି ଦୋଳେ
ନଡ଼ିଆ, ତାଳ ଦୁମ୍,
ମାଟିରୁ ଚାହିଁ ଆମ୍ବ ଟାକୁଆ
କହିଲା - 'ପାଗ ଧୁମ୍'॥

ହେଇରେ ଦେଖ ଏଠି ସେଇଠି
ବେଙ୍ଗବେଙ୍ଗୁଲୀ ଖାଇରୁ ଉଠି
ଗାଇଲେ କଟର କେଁ,
ଚଗଲା ପିଲା ଫୋପଡ଼ ମାରି
ହସିଲେ ଫେଁ ଫେଁ॥

ସବୁଠି ଖାଲି ପାଣି,
ବରଷାରାଣୀ
ଆସିଚି ଆଜି
ସବୁରି ମନ ଜାଣି॥

**'ସତ୍ୟଲିପି'
୧୪୪ - ଗଭର୍ଣ୍ଣମେଣ୍ଟ ଇଣ୍ଡଷ୍ଟ୍ରିଆଲ ଟେନେମେଣ୍ଟ
ଚାରବାଟିଆ, ଚୌଦ୍ୱାର, କଟକ
ମୋ-୯୪୩୭୧୨୪୫୧୪**

# ଖା'... ଖତ ଖା'...



**ସଂଗ୍ରାମ କେଶରୀ ପୃଷ୍ଟି**

ପିଣ୍ଟୁ ସକାଳୁ ସକାଳୁ ଚାଲିଯାଏ ବାହାରକୁ। ଆସିଲାବେଳକୁ ତା' ହାତରେ ଥାଏ ପଲିଥିନ ଭର୍ତ୍ତି କିଛି ଜିନିଷ। ତାକୁ ନେଇ ସେ ସିଧା ଚାଲିଯାଏ ବାରିପଟକୁ। ମାଆ ଆଶ୍ଚର୍ଯ୍ୟ ହୁଅନ୍ତି। ପିଣ୍ଟୁ ସବୁଦିନ ଏମିତି ଯାଉଛି କୁଆଡ଼େ ଆଉ ଆସୁଛି କ'ଣ? ଦିନେ ସେ କୌତୂହଳବଶତଃ ପିଣ୍ଟୁ ଧରିଥିବା ପଲିଥିନ ଜରି ଖୋଲିଲେ। ସେଥିରେ ଖାଲି ଖତ ହିଁ ଥିଲା। ପିଣ୍ଟୁ ଫିକ୍‌କିନା ହସି ଚାଲିଗଲା। ମାଆ ଖୁସିହେଲେ। ସମ୍ଭବତଃ ସେ ବୁଝିପାରିଲେ ପିଣ୍ଟୁର ମନକଥା। ତା'ହେଲେ ପୁଅଟି ତାଙ୍କର ବୁଝିବାର ହୋଇଗଲାଣି। ଏଣୁ ସେ ସବୁଦିନ ଦାଣ୍ଡରୁ ଖତ ଆଣୁଛି ଆଉ ବାରିରେ ଜମା କରୁଛି। ବୋଧହୁଏ ଗଛମୂଳେ ଦେବନା କ'ଣ? ଆଃହାଃ... କେତେ ଭଲକାମ କରୁଛି ପୁଅଟା ମୋର।

ଏହାର କିଛିଦିନପରେ ପୁଅକୁ କୌଣସି କାମ ପାଇଁ ଖୋଜି ଖୋଜି ମାଆ ଚାଲିଗଲେ ବାରିପଟକୁ। ଦେଖିବାବେଳକୁ ପୁଅ ତାଙ୍କର ଯାଇ ବସିଛି ବହୁଦିନ ଧରି ଅଚଳ ହୋଇ ପଡ଼ିଥିବା ପାୱାର ଟିଲର ମେସିନ ପାଖରେ। ଆଉ ମେସିନର ମୁହଁ ପାଖକୁ ଖତ ବଢ଼ାଇଦେଇ କହୁଛି - "ଖା"... ଖତ ଖା'..."।

ଆଶ୍ଚର୍ଯ୍ୟ ହେଲେ ମାଆ। ପୁଅର ମୁଣ୍ଡ ବିଗିଡ଼ିଗଲାଣି ନା କ'ଣ!




ତା'ନହେଲେ ସେ ମେସିନକୁ ଖତ ଖାଇବାପାଇଁ ଦେଉଛି କାହିଁକି! ଏଣୁ ସେ ବ୍ୟସ୍ତ ହୋଇ ପୁଅକୁ ପଚାରିଲେ - "ଆରେ ଧନ, କ'ଣ କରୁଛୁ ତୁ? ମେସିନ କ'ଣ କେବେ ଖତ ଖାଏ ଯେ ତାକୁ ଖତ ଖୁଆଉଛୁ? ତୁ ପାଗଳ ହୋଇଗଲୁଣି ନା କ'ଣ।'

ମାଆଙ୍କ କଥା ଶୁଣି ପିଣ୍ଟୁ ଧୀରେଧୀରେ କହିଲା - "ଆସ୍ତେ କୁହନା ମା। ତା'ନହେଲେ ଏ ମେସିନ ଖତ ଖାଇବ ନାହିଁ ଯେ।"

– 'ହେଲେ ମେସିନ ଖତ ଖାଉଛି ବୋଲି ତୋତେ କହିଲା କିଏ?' - ପଚାରିଲେ ମାଆ।'

ଏଥର ମୁହଁ ଖୋଲିଲା ପୁଅ - "ସେଦିନ ବାପା କାହା ସହିତ ଫୋନରେ କଥା ହେଉଥିଲେ। କହୁଥିଲେ, ଲକ୍ଷଲକ୍ଷ ଟଙ୍କାର ମେସିନଟା। ବାରିରେ ପଡ଼ି ଖତ ଖାଉଚି। ତେଣୁ ମେସିନଟା ଏ ଅସନା ଖତସବୁ କେମିତି ଖାଉଛି। ତାହା ଜାଣିବାପାଇଁ ପରୀକ୍ଷା କରୁଥିଲି। ତେଣୁ ମେସିନଟା ଏ ଅସନା ଖତସବୁ କେମିତି ଖାଉଛି, ତାହା ଜାଣି ବାପାଇଁ ପରୀକ୍ଷା କରୁଥିଲି। ତେଣୁ ଖତସବୁ ଏକାଠି କରି ତାକୁ ଖୁଆଉଥିଲି। ଆଚ୍ଛା କହିଲ ମା, ଏ ଅସନା ଖତକୁ ଏ ମେସିନଟା ଖାଉଛି କେମିତି?"

ଏହାକହି ପିଣ୍ଟୁ ଆଗପରି ମେସିନକୁ ଖତ ଖୁଆଇବାରେ ଲାଗିପଡ଼ିଲା।

**ଶିକ୍ଷକ, କିଶୋରନଗର
ହାଇସ୍କୁଲ, ରାଜକିଶୋରନଗର,
ଅନୁଗୋଳ
ମୋ-୯୪୩୭୫୪୭୧୪୬**

# ଜାମୁ କୋଳି



**ମହେନ୍ଦ୍ର କୁମାର ଘଡ଼େଇ**

ବାଡ଼ିରୁ ଆଣିଛି ଯତନେ ତୋଳି
କଳା ବାଇଗଣି ଏ ଜାମୁ କୋଳି
ସୁଆଦ ତା' ମିଠା କଷା,
ଗୋଟିଏ ଖାଇଲେ ଆଉ ଖାଇବାକୁ
ମନରେ କରିବ ଆଶା।

ଦେହେ ଖୁନ୍ଦି ଭିଟାମିନ ରଖିଛି
ପୋଷକରେ ରୋଗ ତଡ଼ି ଶିଖିଛି
ପତ୍ର ଫୁଲ ଫଳ ଛେଲି,
ଉପକାରି ବନ୍ଧୁ ପରି ସେ ଦେଇଛି
ନୀରୋଗର ଛତା ମେଲି।



ପହିଲି ଆଷାଢ଼େ କିଣଇ ମନ
ଋତୁ ଫଳ ରୂପେ କରି ଗମନ
ବଳ ବୁଦ୍ଧି ବଢ଼ାଇବ,
ମଧୁମେହ ପରି ଘାତକ ରୋଗକୁ
ଲାଗିପଡ଼ି ଛଡ଼ାଇବ।

ଗହଳ ପତର ବହଳ ଛାଇ
ସେବା କରିବାର ବରତ ନେଇ
ଠିଆ ଯୁଗ ଯୁଗ ଧରି,
ଖାଲି ହାତ କରି ଫେରାଇ ଦେଇନି
ନିଜ ଦୁଃଖ ବଡ଼ କରି।

ତା' ଦାନକୁ ବୁଝି ତା' ପାଖେ ଋଣି
କାଟିବା ଛାଡିକି ଲଗାଅ ପୁଣି
ପଛ ଘୁଞ୍ଚା ଦେବ ଦୁଃଖ,
ମନ ଇଚ୍ଛା ତା'ର ଫଳ ଖାଇ ଆମେ
ଅରଜିବା ଯେତେ ସୁଖ ।

**କ୍ଷେତ୍ରମୋହନ ବିଦ୍ୟାପୀଠ,କଟରପଡ଼ା,
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ,
ମୋ-୯୪୩୭୭୪୦୫୬୬**

## ତୁମ ତୂଳୀରୁ





**ପ୍ରିୟମ୍ବଦା ହୋତା, ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର**





**ଆର୍ଯ୍ୟା ଆରାଧନା ଷଡ଼ଙ୍ଗୀ, ୨ୟ ଶ୍ରେଣୀ
ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର**





**ବାଗ୍ମୀ ପ୍ରଧାନ, ୫ମ ଶ୍ରେଣୀ
ଡିପି ମଡ଼େଲ ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର**

# ମୟୂର ମୋର ନାଆଁ



**ଜୟନ୍ତ କୁମାର ମଲ୍ଲିକ**



ଭାରତର ମୁଁ ଜାତୀୟ ପକ୍ଷୀ
ମୟୂର ମୋର ନାଆଁ
କାର୍ତ୍ତିକଙ୍କର ବାହାନ ବୋଲି
ଜାଣେ ସହର ଗାଆଁ।

ଆକାଶେ ମେଘ ଦେଖିଲେ ମୁହିଁ
ନାଚଇ ପୁଚ୍ଛ ମେଲି
ସୁନ୍ଦର ରୂପ ବୋଲି ମୋହର
ସଭିଙ୍କ ପ୍ରିୟ ହେଲି।

ମତେ ଦେଖିଲେ ଡରଇ ସାପ
ଯାଏ ସେ ବାଟ ଭାଙ୍ଗି
ବେଳେବେଳେ ମୁଁ ଆହାର କରେ
ତାହାକୁ ପେଟ ଲାଗି।

ବଣ ଜଙ୍ଗଲ ମୋହରି ଘର
ସେଇଠି ମୁହିଁ ରହେ
ପରିବେଶକୁ ପାଏ ମୁଁ ଭଲ
ତା'ସାଥେ କଥା କହେ।

ଜଙ୍ଗଲ ଏବେ ଆଗ ପରିକା
କୋଉଠି ଆଉ କାହିଁ
ନାଚିବି ଆଉ କେମିତି କୁହ
ବରଷା ମୁହଁ ଚାହିଁ॥

ବିଗିଡ଼ି ଯାଏ ଏ ପରିବେଶ
ଝରେ ମୋ ଆଖି ଲୁହ
କିଏବା ଦାୟୀ ଏଇଥିପାଇଁ
ବୁଝେଇ ଟିକେ କୁହ।

**ଶୁରଡିହ,ନନ୍ଦିପୁର,ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭**

# ପୁଷି ବିଲେଇ ପାଇଲା ପାନେ



**ରତ୍ନପ୍ରଭା ବାଇ**

ଚୁଟିଆ ମୂଷାଟି ଭାବିଲା ଦିନେ
ପୁଷି ବିଲେଇକି ଦେବ ସେ ପାନେ
ମୂଷାଖିଆ ନିଶା ଛାଡ଼ିଯିବ ତା'ର
ସବୁ ଦିନ ପାଇଁ ରଖିବ ମନେ॥

ନୂଆ ଫନ୍ଦିଟିଏ ମନେ ବିଚାରି
ଦିନେ ବଜାରକୁ ଗଲା ବାହାରି
କାରିଗର ପାଶେ କହିଲା ଯାଇ ସେ
ପଲେ ମୂଷା ଦିଅ ତିଆରି କରି ॥

ତହିଁ ପରଦିନ ପଇସା ଗଣି
ନକଲି ମୂଷାଙ୍କୁ ଆଣିଲା କିଣି
ଏଠି ସେଠି ଥୋଇ ରଖିଲା ସଜେଇ
ଯେମିତି କି ପୁଷି ନପାରେ ଜାଣି ॥

ପାଦେ ଚିପି ଚିପି ଆସିଲା ପୁଷି
ମୂଷାପଲ ଦେଖି ହୋଇଲା ଖୁସି
ମନରେ ଭାବିଲା ଗୋଟି ଗୋଟି କରି
ସବୁ ମୂଷାତକ ଖାଇବି ବସି।

ଖପ୍ କିନା ଡେଇଁ ବସିଲା ମାଡ଼ି
ମୁନିଆ ଦାନ୍ତରେ ବେକକୁ ମୋଡି
ରଡମଡ କରି କାମୁଡିବା ବେଳେ
ସବୁ ଦାନ୍ତ ଭାଙ୍ଗି ପଡିଲା ଝଡ଼ି।

ମ୍ୟାଉଁ ମ୍ୟାଉଁ ପୁଷି ଛାଡ଼ିଲା ରଡ଼ି
ଦି' ଆଖିରୁ ଲୁହ ଗଲା ନିଗିଡ଼ି
ଫୁଲେଇର ଦଶା ଦେଖି ହସି ହସି
ଚୁଟିଆ ମୂଷାଟି ଗଲାଣି ଗଡ଼ି॥

**ତାଳଚେର ଟାଉନ, ଅନୁଗୁଳ
ମୋ- ୯୩୩୭୯୭୨୭୪୯**



# କହିଲ ଦେଖି ?

ଆକାଶେ ଉଡ଼େ ମୁଁ ଚଢ଼େଇ ନୁହଁ
ଦୁଇ ଡେଣା ମୋର ଗୋଜିଆ ମୁହଁ।
ଭଅଁର ନୁହେଁ ମୁଁ ଭୁଁ...ଭୁଁ... ହୁଏ
ଆକାଶେ ଉଡ଼ି ମୁଁ ମାଟିରେ ଶୁଏ।
କେତେ ମଣିଷଙ୍କୁ ପେଟରେ ଧରି
ଉଡ଼ିଯାଏ ମୁହିଁ ବିଜୁଳି ପରି।
ଠିକଣା ଜାଗାରେ ଓହ୍ଲାଏ ଯାଇ
ନାଆଁଟି ମୋହର କହିଲ ଭାଇ ?

(ଜାହାଜଇଉ : ଉଡଉ)

ସଂଯୋଜନା
**ଡକ୍ଟର ସୁନାମଣି ରାଉତ**
ରାଜାବଗିଚା, କଟକ - ୯
ମୋ - ୯୪୩୭୧୯୨୮୯୦
ଇମେଲ୍– sunamani.rout@gmail.com



# ବିଶ୍ୱକପ୍ ପ୍ରଭାବ: ଅହମ୍ମଦାବାଦ ହୋଟେଲରେ ରାତ୍ରିଯାପନ ପାଇଁ ୫୦ ହଜାର ଟଙ୍କା



ନୂଆଦିଲ୍ଲୀ(ଏଜେନ୍ସୀ): ଦିନିକିଆ ବିଶ୍ୱକପ-୨୦୨୩କୁ ଆହୁରି ୧୦୦ ଦିନ ବାକି ରହିଛଇ । କିନ୍ତୁ ଏବେଠୁ କ୍ରିକେଟପ୍ରେମୀଙ୍କ ମନରେ ଦେଖିବାକୁ ମିଳିଛି ବିଶ୍ୱକପ ପାଇଁ ଉତ୍ସାହ । ବ୍ୟବସାୟୀ ଏବଂ ହୋଟେଲ ମାଲିକମାନେ ମଧ ଏହାର ଫାଇଦା ଉଠାଇବା ପାଇଁ ପ୍ଲାନ ଆରମ୍ଭ କରିସାରିଛନ୍ତି । ବର୍ତ୍ତମାନ ଅହମ୍ମଦାବାଦର ହୋଟେଲରେ ବଢିଯାଇଛି ଦାମ୍ । ଗୋଟିଏ ରାତି କାଟିବା ପାଇଁ ଦେବାକୁ ପଡିବ ୫୦ ହଜାର ଟଙ୍କା । ଟୁର୍ଣ୍ଣାମେଣ୍ଟକୁ ସାଢେ ୩ ମାସ ବାକି ଥିବା ବେଳେ ଏଠାକାର ଫାଇଭ ଷ୍ଟାର ହୋଟେଲରେ ରୁମ ବୁକ କରିବା ପାଇଁ ସର୍ବନିମ୍ନ ମୂଲ୍ୟ ୫୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଦିନିକିଆ ବିଶ୍ୱକପ ୨୦୨୩ ଅକ୍ଟୋବର ୫ ତାରିଖରେ ଆରମ୍ଭ ହେବାକୁ ଯାଉଛି । ତେବେ ଟୁର୍ଣ୍ଣାମେଣ୍ଟର ସବୁଠୁ ବଡ ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୧୫ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ । ଏଥିପାଇଁ ସ୍ଥାନୀୟ ହୋଟେଲ ଗୁଡିକରେ ଅକ୍ଟୋବର ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅଧିକାଂଶ ରୁମ ବୁକ ହୋଇ ସାରିଛି । ତେବେ ଏ ନେଇ ଆଇଟିସି ନର୍ମଦାର ମହାପ୍ରବନ୍ଧକ କୀନନ ମେକେଞ୍ଜି ସୂଚନା ଦେଇ କହିଛନ୍ତି ଯେ, ଅନ୍ତରାଷ୍ଟ୍ରୀୟ କ୍ରିକେଟ ସମୂହ, ପ୍ରଶଂସକ ଏବଂ ପ୍ରାୟୋଜକଙ୍କ ପାଖରୁ ବୁକିଙ୍ଗ ତଥ୍ୟ ଆସିଛି । ତେଣୁ ବିଶିଷ୍ଟ ବ୍ୟକ୍ତିମାନେ ମଧ ଏଥିରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଅଧିକାଂଶ ଫାଇଭ ଷ୍ଟାର ହୋଟେଲରେ ମ୍ୟାଚ ଦିନ ଗୁଡିକ ପାଇଁ ୬୦-୯୦% ରୁମ କବୁକ ହୋଇଛି । ଅହମ୍ମଦାବାଦରେ ହୟାତ ରିଜେନ୍ସୀର ଜେନେରାଲ ମ୍ୟାନେଜର ପୁନୀତ ବେଜଲ କହିଛନ୍ତି ଯେ, ମ୍ୟାଚ ଦିନଗୁଡିକ ପାଇଁ ପ୍ରାୟ ୮୦% ରୁମ ବୁକ୍ ହୋଇସାରିଛି । ଉଦଘାଟନ ସମାରୋହ ସହିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ପାଇଁ ଇଂଲଣ୍ଡ ଏବଂ ପ୍ରମୁଖ ସମୂହର ଟାଭେଲ ଏଜେନ୍ସିମାନଙ୍କ ଦ୍ୱାରା ବୁକିଙ୍ଗ ଶେଷ ହୋଇ ସାରିଛି । ତେବେ ରିପୋର୍ଟ ଅନୁସାରେ, ବେସ୍ କାଟାଗୋରୀର ରୁମ ପାଇଁ ପ୍ରାୟ ୫୦୦ପାଉଣ୍ଡ ଷ୍ଟର୍ଲିଙ୍ଗ ବା ପ୍ରାୟ ୫୨,୦୦୦ ଟଙ୍କା ସ୍ଥିର କରାଯାଇଛି । ସେହିପରି ପ୍ରିମିୟମ କ୍ଲାସର ରୁମ୍ ପାଇଁ ୧୦୦୦ ପାଉଣ୍ଡ ଷ୍ଟର୍ଲିଙ୍ଗ(୧ ଲକ୍ଷ ଟଙ୍କା) ବା ତାଠାରୁ ଅଧିକ ଟଙ୍କା ନିଆଯାଉଛି । ଅହମ୍ମଦାବାଦରେ ତାଜ୍ ଗ୍ରୁପର ସମ୍ପତ୍ତି ପରିଚାଳନା କରୁଥିବା ଉପସଭାପତି ଅତୁଲ ବୁଦ୍ଧରାଜ କହିଛନ୍ତି ଯେ, ଅକ୍ଟୋବର ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆଉ ଦୁଇଟି ହୋଟେଲରେ ଥିବା ସମସ୍ତ ରୁମ ବୁକ ହୋଇସାରିଛି । ଏହାସହିତ ମ୍ୟାଚ ଦିନ ଗୁଡିକରେ ମଧ ପ୍ରାୟ ୪୦-୬୦% ରୁମ୍ ବୁକିଙ୍ଗ ଶେଷ ହୋଇଛି । ତେବେ ଆଗାମୀ ଦିନରେ ଏହା ସମ୍ପୂର୍ଣ୍ଣର୍ ଭାବରେ ବୁକିଙ୍ଗ ହୋଇଯିବ ବୋଲି ଆଶା ଅଛି ବୋଲି ସେ ପ୍ରକାଶ କରିଛନ୍ତି ।’

## ୧୦୦ତମ ଐତିହାସିକ ଟେଷ୍ଟ ସିରିଜ୍ ଖେଳିଲେ ନାଥନ ଲିୟନ

ନୂଆଦିଲ୍ଲୀ(ଏଜେନ୍ସୀ): ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଲର୍ଡ୍ସରେ ଖେଳା ଯାଉଛି । ଇଂଲଣ୍ଡର ଅଧିନାୟକ ବେନ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦୁଇ ଦଳ ପରିବର୍ତ୍ତନ ସହ ମଇଦାନକୁ ଓହ୍ଲାଇଛନ୍ତି । ଅନ୍ୟପଟେ ଅଷ୍ଟ୍ରେଲିଆର ଷ୍ଟାର ସ୍ପିନର ନାଥନ ଲିୟନ ଚୂଡାନ୍ତ ଏକାଦଶରେ ସାମିଲ୍ ହେବା ସହ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି । ଲିୟନ ଲଗାତାର ୧୦୦ ଟେଷ୍ଟ ଖେଳିବାରେ ପ୍ରଥମ ସ୍ପିନର ହୋଇଛନ୍ତି । ଏହି ରେକର୍ଡ କରିବାରେ ସେ ଦୁନିଆର ପ୍ରଥମ ବୋଲର ମଧ ହୋଇଛନ୍ତି । ଇଂଲଣ୍ଡ ବିପକ୍ଷ ଜାରି ଆସେସ୍ ସିରିଜର ଦ୍ୱିତୀୟ ମ୍ୟାଚ୍ ନାଥନ ଲିୟନଙ୍କ ୧୦୦ତମ ଟେଷ୍ଟ । ଦିନିକିଆ ଏବଂ ଟି-୨୦ ଅନ୍ତର୍ଜାତୀୟରେ ମଧ ଏ ପର୍ଯ୍ୟନ୍ତ କୌଣସି ବୋଲର ଲଗାତାର ୧୦୦ ମ୍ୟାଚ୍ ଖେଳି ପାରି ନାହାନ୍ତି । ଲଗାତାର ସର୍ବାଧିକ ଟେଷ୍ଟ ମ୍ୟାଚ୍ ଖେଳିବାର ରେକର୍ଡ ଇଂଲଣ୍ଡର ଆଲିଷ୍ଟର କୁକ୍ଙ୍କ ନାମରେ ରହିଛି । ସେ ଇଂଲଣ୍ଡ ପାଇଁ ୧୫୯ ମ୍ୟାଚ୍ ଖେଳିଛନ୍ତି । ଦ୍ୱିତୀୟରେ ଅଛନ୍ତି ଅଷ୍ଟ୍ରେଲିଆର ଆଲାନ ବର୍ଡର । ତାଙ୍କ ନାମରେ ୧୫୩ ମ୍ୟାଚ୍ ରହିଛି ।

# ଭାରତୀୟ ଦଳର ୱାର୍ମ ଅପ୍ ମ୍ୟାଚ୍ର କ୍ରୀଡ଼ାସୂଚୀ ଘୋଷଣା

ନୂଆଦିଲ୍ଲୀ(ଏଜେନ୍ସୀ): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ମଙ୍ଗଳବାର ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍ ୨୦୨୩ର କ୍ରୀଡ଼ାସୂଚୀ ଘୋଷଣା କରିଛନ୍ତି । ଏହି ମେଗା ଇଭେଣ୍ଟ ଅକ୍ଟୋବର ୫ରୁ ଆରମ୍ଭ ହେବ ଏବଂ ଫାଇନାଲ୍ ମୁକାବିଲା ନଭେମ୍ବର ୧୯ ତାରିଖରେ ଖେଳାଯିବ । ବିଶ୍ୱକପ୍ ପୂର୍ବରୁ ସମସ୍ତ ଦଳକୁ କିଛି ୱାର୍ମ ଅପ୍ ମ୍ୟାଚ୍ ଖେଳିବାକୁ ସୁଯୋଗ ମିଳିବ । ଭାରତୀୟ ଦଳର ୱାର୍ମ ଅପ୍ ମ୍ୟାଚ୍ର କ୍ରୀଡ଼ାସୂଚୀ ସାମ୍ନାକୁ ଆସିଛି । ବିଶ୍ୱକପ୍ ୨୦୨୩ ମୋଟ୍ ୧୨ଟି ମଇଦାନରେ ଖେଳାଯିବ । ଏଥିରୁ ୧୦ଟି ପଡ଼ିଆରେ ମୁଖ୍ୟ ମ୍ୟାଚ୍ ଏବଂ ଅବଶିଷ୍ଟରେ ୱାର୍ମ ଅପ୍ ମ୍ୟାଚ୍ ଖେଳାଯିବ । ଆଇସିସି ଏବଂ ବିସିସିଆଇ ମିଶି ଅହମ୍ମଦାବାଦ, ଦିଲ୍ଲୀ, ଧର୍ମଶାଳା, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ପୁଣେ, ଲକ୍ଷ୍ନୌ ଏବଂ କୋଲକାତାରେ ବିଶ୍ୱକପ୍ ୨୦୨୩ର ଆୟୋଜନ ହେବ । ତିରୁଅନନ୍ତପୁରମ ଏବଂ ଗୌହାଟୀ ସହିତ ହାଇଦ୍ରାବାଦରେ ୱାର୍ମଅପ୍ ମ୍ୟାଚ୍ ଖେଳାଯିବ । ଷ୍ଟାର ସ୍ପୋର୍ଟ୍ସ ଅନୁସାରେ ଭାରତ ୨ଟି ୱାର୍ମ ଅପ୍ ମ୍ୟାଚ୍ ଇଂଲଣ୍ଡ ଏବଂ କ୍ୱାଲିଫାୟର୍ସ-୧ ଦଳ ବିପକ୍ଷରେ ଖେଳିବ । ସୂଚନାଯୋଗ୍ୟ, ଜିମ୍ବାୱେରେ ବର୍ତ୍ତମାନ ବିଶ୍ୱକପ୍ ୨୦୨୩ର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଉଛି । ଏହି ମେଗା ଟୁର୍ଣ୍ଣାମେଣ୍ଟ ପାଇଁ ମୋଟ୍ ୮ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ । ବିଶ୍ୱକପ୍ ୨୦୨୩ରେ ଭାରତୀୟ ଦଳର କ୍ରୀଡ଼ାସୂଚୀ ଭାରତ ବନାମ ଅଷ୍ଟ୍ରେଲିଆ- ଅକ୍ଟୋବର ୮, ଚେନ୍ନାଇ ଭାରତ ବନାମ ଆଫଗାନିସ୍ତାନ- ଅକ୍ଟୋବର ୧୧, ଦିଲ୍ଲୀ ଭାରତ ବନାମ ପାକିସ୍ତାନ- ଅକ୍ଟୋବର ୧୫, ଅହମ୍ମଦାବାଦ ଭାରତ ବନାମ ବାଂଲାଦେଶ- ଅକ୍ଟୋବର ୧୯, ପୁଣେ ଭାରତ ବନାମ ନ୍ୟୁଜିଲାଣ୍ଡ- ଅକ୍ଟୋବର ୨୨, ଧର୍ମଶାଳା ଭାରତ ବନାମ ଇଂଲଣ୍ଡ- ଅକ୍ଟୋବର ୨୯, ଲକ୍ଷ୍ନୌ ଭାରତ ବନାମ କ୍ୱାଲିଫାୟର- ନଭେମ୍ବର ୨, ମୁମ୍ବାଇ ଭାରତ ବନାମ ଦକ୍ଷିଣ ଆଫ୍ରିକା- ନଭେମ୍ବର ୫, କୋଲକାତା ଭାରତ ବନାମ କ୍ୱାଲିଫାୟର- ନଭେମ୍ବର ୧୧, ବେଙ୍ଗାଲୁରୁ’

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୫ ଜୁନ୍-୧ ଜୁଲାଇ ୨୦୨୩

ଅତ୍ୟଧିକ ତାତି ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ




ରାଜ୍ୟରେ ବର୍ତ୍ତମାନ ସମୟ ରେ ପ୍ରବଳ ଗ୍ରୀଷ୍ମପ୍ରବାହ ଗୁଳୁଗୁଳି ରେ ସାଧାରଣ ଜନତା କଲବଲ ହେଉଛନ୍ତି । ରାଜ୍ୟ ର ତାପମାତ୍ରା ୫୦ ବର୍ଷ ର ରେକର୍ଡ ଅତିକ୍ରମ କରିସାରିଛି ।ରାଜ୍ୟ ର ସର୍ବତ୍ର ଅଗ୍ନି ବର୍ଷା ସତେ ଯେମିତି ସୂର୍ଯ୍ୟ ଙ୍କ କୋପ ଧରା ପୃଷ୍ଠ ରେ ପଡୁଛି ।ତାଛଡା ତତଲା ଝାଂଜି ଲୋକଙ୍କୁ ହନ୍ତସନ୍ତ କରୁଛି ।ହସ୍ପିଟାଲ କୁହନ୍ତୁ କି ବିଭିନ୍ନ ଗୃହ ସବୁଠାରେ ଗୁଳୁଗୁଳି ଓ ପ୍ରଚଣ୍ଡ ତାତି ପବନ ସହ ଉଷ୍ଣତା ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ ଘନ ବିଜୁଳି କାଟ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଉଛି । ଏହାକୁ ନେଇ ସାରାରାଜ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

**ଜାତୀୟ:** ଗାନ୍ଧୀ ଶାନ୍ତି ପୁରସ୍କାରକୁ ନେଇ ବିବାଦ

**ସ୍ୱତନ୍ତ୍ର ପ୍ରସଙ୍ଗ:** ଜନପ୍ରତିନିଧିଙ୍କ ଉପରେ ଅଫିସର ଭାରି

**ନାରୀ:** ମୋଟାପଣ ଦୂର ପାଇଁ

**କ୍ଷୁଦ୍ରଗଳ୍ପ:** ବିଭୀଷିକା

**ଚଳଚ୍ଚିତ୍ର:** ଖୁବ ଜଲଦି ବାହା ହେବେ ପ୍ରଭାସ,ରାଜୀବ ଏବଂ ଚାରୁଙ୍କ ଆନୁଷ୍ଠାନିକ ଭାବେ ଛାଡପତ୍ର,ପାକିସ୍ତାନୀ ଅଭିନେତ୍ରୀ ସେହର ସିନ୍ୱାରୀଙ୍କ ଉପରେ ବର୍ଷିଲେ ଭାରତୀୟ,ନେହାଙ୍କ ସମ୍ପର୍କରେ ଫାଟ !,ଆଦିପୁରୁଷର ଟିକେଟ୍ ମାଗଣା ବାଣ୍ଟିବେ ଅଭିଷେକ ଅଗ୍ରୱାଲ,ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସାହାଯ୍ୟର ହାତ ବଢାଇଲେ ସୋନୁ ସୁଦ୍,ତାମିଲ ଅଭିନେତା ସରନ ରାଜଙ୍କ ଦେହାନ୍ତ

**ଖେଳ:** ବିସିସିଆଇର ପୂର୍ବ ଅଧକ୍ଷଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆଣିଲେ ରାୟୁଡୁ,ସଚିନ ତେନ୍ଦୁଲକରଙ୍କୁ ଆଉଟ୍ କରିବା ଥିଲା ସବୁ ବୋଲରଙ୍କ ସପ୍ନ: ବ୍ରାଡ୍ ହଗ୍,ଦାବି ପୂରଣ ନହେଲେ ଏସୀୟ କ୍ରୀଡ଼ାରେ ଭାଗ ନେବୁନି: ସାକ୍ଷୀ ମଲ୍ଲିକ ,କୋହଲିଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ପାରନ୍ତି ରୋହିତ ଶର୍ମା,ଇ-ସ୍ପୋର୍ଟ୍ସ ଷ୍ଟାର୍ କାରେଲ ଟ୍ୱିଷ୍ଟିନ ଅସେନବ୍ରିନରଙ୍କ ଆତ୍ମହତ୍ୟା,ବିବାହ କଲେ ଭାରତୀୟ କ୍ରିକେଟ୍ ଦଳର ଦ୍ରୁତ ବୋଲର ପ୍ରସିଦ୍ଧ କୃଷ୍ଣା ,ବିବାହ ବନ୍ଧନରେ ବାନ୍ଧି ହେଲେ ତୁଷାର ଦେଶପାଣ୍ଡେ,ବାପା ହେବେ ସୁନୀଲ ଛେତ୍ରୀ,

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

ଅବଶିଷ୍ଟ ପ୍ରଥମ ପୃଷ୍ଠାରୁ......

# ନଗଡ଼ା ଭଳି ତୁମୁଣିରେ ସାଂଘାତିକ ଅବସ୍ଥା

ଖଣ୍ଡପୀଠ ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨କୁ ଧାର୍ଯ୍ୟ କରାଯାଇଛି ।ତୁମୁଣି ଗ୍ରାମ ବହୁଚର୍ଚ୍ଚିତ ନଗଡ଼ା ଗ୍ରାମ ନିକଟରେ ଅବସ୍ଥିତ । ଜୁଆଙ୍ଗ ଜନଜାତିର ଲୋକମାନେ ବାସ କରୁଥିବା ତୁମୁଣିକୁ ରାସ୍ତା ନାହିଁ । ତୁମୁଣିର ପିଲାମାନେ ପାଠ ପଢିବା ପାଇଁ ୫/୬ କି.ମି. ଦୂର ନଗଡ଼ାକୁ ଯାଉଥିବା ବେଳେ ବିପଦପୂର୍ଣ୍ଣ ଜଙ୍ଗଲ ରାସ୍ତା ଯୋଗୁ ବହୁସମୟରେ ପରିବାର ଲୋକେ ପିଲାମାନଙ୍କୁ ସ୍କୁଲକୁ ଛାଡୁନାହାନ୍ତି । ଫଳରେ, ଗ୍ରାମରେ ସାକ୍ଷରତା ହାର ବହୁତ କମ୍ । ଏହି ଗ୍ରାମର ବାସିନ୍ଦା ଦୂଷିତ ପାଣି ପିଇ ସେମାନେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏପରିକି ବିଭିନ୍ନ ରୋଗର ଉପଶମ ପାଇଁ ଏବେ ବି ଏହି ଗ୍ରାମବାସୀମାନେ ଦେଶୀ ଚିକିତ୍ସା ଉପରେ ନିର୍ଭରଶୀଳ । ସେମାନଙ୍କ ଗ୍ରାମରୁ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାୟ ୨୧ କିଲୋମିଟର ଦୂର କାଳିଆପାଣିଠାରେ ରହିଛି । ଉପଯୁକ୍ତ ଚିକିତ୍ସା ପାଇ ନ ପାରିବାରୁ ଶିଶୁ ଓ ପ୍ରସୂତିଙ୍କ ମୃତ୍ୟୁ ହେଉଛି । ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ସପ୍ତାହକୁ ଦିନେ ଦୁଇ ଦିନ କାର୍ଯ୍ୟ କରୁଛନ୍ତି ।ମା’ ଓ ଶିଶୁଙ୍କୁ ଅଙ୍ଗନବାଡି କେନ୍ଦ୍ର ସହଯୋଗରେ ମିଳିବାକୁ ଥିବା ସୁବିଧା ମିଳୁ ନାହିଁ । ପ୍ରାୟ ୩୦ଟି ପରିବାରର ୨୮୦ ଜଣ ଲୋକ ଏହି ଗ୍ରାମରେ ରହୁଥିବା ବେଳେ ସ୍ୱାସ୍ଥ୍ୟସେବା ସେମାନଙ୍କ ପାଇଁ ସପ୍ନ ପାଲଟିଛି । ସରକାରୀ ଯୋଜନାରେ ମିଳୁଥିବା ରାସନ ସାମଗ୍ରୀ ପାଇଁ ଟୁମୁଣି ଗ୍ରାମବାସୀଙ୍କୁ ୪/୫ କିଲୋମିଟର ରାସ୍ତା ଚାଲି ଚାଲି ଅତିକ୍ରମ କରିବାକୁ ପଡୁଛି । ଶ୍ରମିକ କାମ କରି ଗ୍ରାମବାସୀ କରି ପେଟ ପୋଷୁଥିବା ବେଳେ ସେମାନଙ୍କୁ ମିଳିଥିବା ଶ୍ରମ କାର୍ଡ ଜଣେ ବ୍ୟକ୍ତି ନେଇ ଯାଇ ଆଉ ଫେରାଉ ନାହାନ୍ତି । ବହୁ ଗ୍ରାମବାସୀ ଗୋତି ଶ୍ରମିକ ଭଳି କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି । ଏହି ଗ୍ରାମରେ ୨୦୧୬ରେ ବସାଯାଇଥିବା ସେ ?ର ପ୍ୟାନେଲ ଗୁଡ଼ିକ ଅଚଳ ହୋଇପଡିଛି । ଫଳରେ, ଗ୍ରାମରେ ବିଦ୍ୟୁତ ନାହିଁ । ସଂଧ୍ୟା ହେଲେ ଏହି ଗ୍ରାମ ସଂପୂର୍ଣ୍ଣ ଅନ୍ଧକାର ମଧ୍ୟରେ ରହୁଛି । ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହିଥିବା ଏହି ଗ୍ରାମର ବାସିନ୍ଦାଙ୍କୁ କେ ?ଣସି ମେ ?ଳିକ ସୁବିଧା ମିଳୁ ନାହିଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ମାମଲାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ସଚିବ, ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ସଚିବ, ସ୍ୱାସ୍ଥ୍ୟ ସଚିବ, ମହିଳା ଓ ଶିଶୁ ବିକାଶ ସଚିବ, ଯାଜପୁର ଜିଲ୍ଲାପାଳ, ସୁକିନ୍ଦା ବିଡିଓ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଫରାଜ ସୋହେଲ ମାମଲା ପରିଚାଳନା କରୁଛନ୍ତି ।

# ମହାନଦୀ ଟ୍ରିବ୍ୟୁନାଲ ଅବଧି ୨ବର୍ଷ ବଢ଼ିଲା

୫ଦିନ ଜଳସ୍ତର କେଉଁ ସ୍ଥାନରେ କେତେ ରହିଛି ନେଇ ରିପୋର୍ଟ ପଠାଇବାକୁ ନିଜର କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆନ୍ତଃ ରାଜ୍ୟ ନଦୀ ଜଳବିବାଦ ଆଇନ-୧୯୫୬ର ଧାରା-୫(୨) ଅନୁସାରେ ଟ୍ରିବ୍ୟୁନାଲ ନିଜର ରିପୋର୍ଟ ଓ ନିଷ୍ପତ୍ତି ୩ବର୍ଷ ମଧ୍ୟରେ ଦାଖଲ କରିବା ଆବଶ୍ୟକ । କିନ୍ତୁ ୨୦୨୧ ମାର୍ଚ୍ଚ ୧୧ତାରିଖର ଧାର୍ଯ୍ୟ ସମୟସୀମା ମଧ୍ୟରେ ଟ୍ରିବ୍ୟୁନାଲ ନିଜର ରିପୋର୍ଟ ଦେବାରେ ବିଫଳ ହେବାପରେ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ଦୁଇବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୧୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ତେବେ କୋଭିଡ ମହାମାରୀ ଯୋଗୁ ଟ୍ରିବ୍ୟୁନାଲ ନିଜ କାର୍ଯ୍ୟ କରିପାରିନଥିଲେ । କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିନଥିବା ଦର୍ଶାଇ ଟ୍ରିବ୍ୟୁନାଲ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପୁଣିଥରେ ଅବଧି ବୃଦ୍ଧି ପାଇଁ ଅନୁରୋଧ କରାଯାଇଥିଲା ।

# ବିଶ୍ୱକପ୍୨୦୨୩ : ଫ୍ୟାନ୍ସ ଦେଖିବେ ୫ଟି ହାଇଭୋଲଟେଜ୍ ଗେମ୍




ମୁମ୍ବାଇ(ଏଜେନ୍ସୀ) : ବିଶ୍ୱକପ୍ ୨୦୨୩ । କ୍ରିକେଟ୍ର ଏହି ମହାକୁମ୍ଭକୁ ଆଉ ୧୦୦ ଦିନ ବାକି ଅଛି । ତେବେ ଆସନ୍ତୁ ନଜର ପକାଇବା ଚଳିତ ବିଶ୍ୱକପ୍ରେ ହେବାକୁ ଥିବା ୫ଟି ହାଇଭୋଲଟେଜ୍ ମ୍ୟାଚ୍ ଅକ୍ଟୋବର-୧୫, ଭାରତ ବନାମ ପାକିସ୍ତାନ ଅକ୍ଟୋବର ୧୫ରେ ମୁହାଁମୁହିଁ ହେବେ ଏହି ଦୁଇ ପ୍ରତିଦ୍ୱନ୍ଦି । ଭାରତ ସବୁବେଳେ ବିଶ୍ୱକପ୍ ମୁକାବିଲାରେ ପାକିସ୍ଥାନ ଉପରେ ଭାରି ପଡିଛି । ଏବେ ଯାଏଁ ଦିନିକିଆ ବିଶ୍ୱକପ୍ରେ ଖେଳାଯାଇଥିବା ୭ଟି ଯାକ ମ୍ୟାଚ୍ରେ ବିଜୟ ହୋଇଛି ଭାରତ । ଅକ୍ଟୋବର-୫, ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ ଅକ୍ଟୋବର ୫ରେ ମୁହାଁମୁହିଁ ହେବେ ଗତ ବିଶ୍ୱକପ୍ର ଚମ୍ପିଆନ୍ ଓ ରନର୍ସଅପ ଟିମ୍ । ୨୦୧୯ ବିଶ୍ୱକପ୍ରେ ଚମ୍ପିଆନ୍ ହୋଇଥିଲା ଇଂଲଣ୍ଡ । ଆଉ ଫାଇନାଲରେ ପରାସ୍ତ ହୋଇଥିଲା ନ୍ୟୁଜିଲାଣ୍ଡ । ଚଳିତ ବିଶ୍ୱକପ୍ରେ ହାଇଭୋଲଟେଜ୍ ମ୍ୟାଚ୍ ଦେଖିବାକୁ ମିଳିବ । ଅପେକ୍ଷା ଶେଷ : ଘୋଷଣା ହେଲା ୨୦୨୩ ବିଶ୍ୱକପର ଖେଳସୂଚୀ, ଅଷ୍ଟ୍ରେଲିଆ ସହିତ ଭାରତର ପ୍ରଥମ ମ୍ୟାଚ୍ ଅକ୍ଟୋବର-୮, ଭାରତ ବନାମ ଅଷ୍ଟ୍ରେଲିଆ ଅକ୍ଟୋବର ୮ରେ ମୁହାଁମୁହିଁ ହେବେ ଭାରତ-ଅଷ୍ଟ୍ରେଲିଆ । ୫ ଥରର ବିଶ୍ୱକପ୍ ଚମ୍ପିଆନ୍ ଏବଂ ୨ ଥର ବିଶ୍ୱକପ୍ ବିଜେତା ଟିମ୍ମଧ୍ୟରେ ହେବ ଲଢେଇ । ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ତାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ । ଅକ୍ଟୋବର-୧୩, ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା ଅକ୍ଟୋବର ୧୩ରେ ଲକ୍ଷ୍ନୌ କ୍ରିକେଟ୍ ଷ୍ଟାଡିୟମ୍ରେ ମୁହାଁମୁହିଁ ହେବେ ଅଷ୍ଟ୍ରେଲିଆ ଏବେ ଦକ୍ଷିଣ ଆଫ୍ରିକା । ଗତ ବିଶ୍ୱକପ୍ରେ ଦକ୍ଷିଣ ଆଫ୍ରିକା ମାତ୍ର ତିନୋଟି ମ୍ୟାଚ୍ ହିଁ ଜିତିଥିଲା । ଚଳିତ ବର୍ଷ ବିଶ୍ୱକପ୍ରେ ଉଭୟ ଟିମ୍ଙ୍କ ଠାରୁ ଦମ୍ଦାର ପ୍ରଦର୍ଶନ ଦେଖିବାକୁ ମିଳିବ ।ଅକ୍ଟୋବର-୭, ବାଂଲାଦେଶ ବନାମ ଆଫଗାନିସ୍ତାନ ଧର୍ମଶାଳା ଗ୍ରାଉଣ୍ଡରେ ମୁହାଁମୁହିଁ ହେବେ ଏସିଆର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦି । ଉଭୟ ଟିମ୍ଙ୍କ ମଧ୍ୟରେ ସବୁବେଳେ କଡ଼ା ଟକ୍କରର ମ୍ୟାଚ୍ ଦେଖିବାକୁ ମିଳେ । ତେଣୁ ଚଳିତ ବିଶ୍ୱକପ୍ରେ ବି ଏହି ରୋମାଞ୍ଚ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି ।’

# ୨୦୧୯ ବିଶ୍ୱକପ୍ : ‘ଅଷ୍ଟ୍ରେଲିଆ ବିପକ୍ଷ ସେଞ୍ଚୁରୀ ମୋ ପାଇଁ ଖାସ୍ :ଶିଖର ଧାୱାନ୍



ମୁମ୍ବାଇ(ଏଜେନ୍ସୀ): ଶିଖର କହିଲେ ମନର କଥା । ୨୦୧୯ ବିଶ୍ୱକପ୍ ମୋ ପାଇଁ ଥିଲା ସ୍ପେଶାଲ । ଖାସ୍ କରି ଅଷ୍ଟ୍ରେଲିଆ ବିପକ୍ଷରେ ମାରିଥିବା ଶତକ ମୋ ପାଇଁ ବହୁତ ପ୍ରେରଣଦାୟୀ । ପାଖେଇ ଆସୁଛି ୨୦୨୩ କ୍ରିକେଟ୍ ବିଶ୍ୱକପ୍ । କ୍ରିକେଟ୍ର ଏହି ମହାକୁମ୍ଭକୁ ଆଉ ୧୦୦ ଦିନ ବାକି ରହିଛି । ଚଳିତ ବିଶ୍ୱକପ୍ର ଆୟୋଜକ ରହିଛି ଭାରତ । ଗତ ବିଶ୍ୱକପ୍ରେ ସେମିଫାଇନାଲ୍ରେ ଭାରତ ନ୍ୟୁଜିଲାଣ୍ଡଠୁ ପରାସ୍ତ ହୋଇଥିଲା । ଯାହାଫଳରେ କି ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଥିଲା । ୨୦୧୯ ବିଶ୍ୱକପ୍ର କିଛି ହୃଦୟସ୍ପର୍ଶୀ କଥା କହିଛନ୍ତି ଶିଖର ଧାୱାନ । ସେ କହିଛନ୍ତି ଯେ, ବିଶ୍ୱକପ୍ରେ ଟିମ୍ ଭଲ ପ୍ରଦର୍ଶନ କରିଥିଲା । କିନ୍ତୁ ମୋ ପାଇଁ ୨୦୧୯ରେ ଅଷ୍ଟ୍ରେଲିଆ ବିପକ୍ଷ ଶତକ ବହୁତ ଖାସ୍ ଥିଲା । କାହିଁକି ସେହି ମ୍ୟାଚ୍ରେ ମୋ ହାତ ଭାଙ୍ଗିଯାଇଥିଲା । ମୁଁ ମାତ୍ର ୨୫ ରନ୍ କରିଥିବା ବେଳେ ମୋ ହାତରେ ଆଘାତ ଲାଗିଥିଲା । ଯାହାଫଳରେ କି ମୋ ହାତ ଭାଙ୍ଗିଯାଇଥିଲା । ତାପରେ ବି ମୁଁ ଖେଳିଚାଲିଥିଲି । ଶେଷରେ ଶତକ ହାସଲ କରିଥିଲା । ଯାହା ମୋ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ । ସୂଚନାଯୋଗ୍ୟ ଯେ, ୨୦୧୯ ଦିନିକିଆ ବିଶ୍ୱକପ୍ରେ ଭାରତ ସେମିଫାଇନାଲରୁ ବିଦା ହୋଇଥିଲା । ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୨୩୯ ରନ୍ ସଂଗ୍ରହ କରିଥିଲା । ଜବାବରେ ଭାରତ ଚେସ୍ କରିବାକୁ ପଡିଆକୁ ଓହ୍ଲାଇଥିଲା । କିନ୍ତୁ ଟାର୍ଗେଟ ହାସଲ୍ କରିବାରେ ବିଫଳ ହୋଇଥିଲା । ୪୯.୩ ଓଭରରେ ପୁରା ଟିମ୍ ଅଲ୍ଆଉଟ୍ ହୋଇଯାଇଥିଲା । ଯାହାଫଳରେ ନ୍ୟୁଜିଲାଣ୍ଡ ଟିମ୍ ୧୮ ରନ୍ରେ ସେମିଫାଇନାଲ୍ ମ୍ୟାଚ୍ ବିଜୟୀ ହୋଇଥିଲା ।’

# ମ୍ୟାଚ୍ ସମୟରେ ଭାରତ ଏବଂ କୁଏତ ଖେଳାଳିଙ୍କ ମଧ୍ୟରେ ଉତ୍ତେଜନା



ନୂଆଦିଲ୍ଲୀ(ଏଜେନ୍ସୀ): ଅଧିନାୟକ ସୁନୀଲ ଛେତ୍ରୀଙ୍କ ଦମଦାର ପ୍ରଦର୍ଶନ ସତ୍ତ୍ୱେ ଭାରତକୁ ସାଫ୍ ଫୁଟବଲ୍ ଚାମ୍ପିଅନସିପ୍ ୨୦୨୩ର ଶେଷ ଗ୍ରୁପ୍ ମ୍ୟାଚ୍ରେ ମଙ୍ଗଳବାର କୁଏତ ସହ ମ୍ୟାଚ୍ ୧-୧ରେ ଡ୍ର ରଖିବାକୁ ପଡ଼ିଛି । ଛେତ୍ରୀ ପ୍ରଥମାର୍ଦ୍ଧରେ ଗୋଲ୍ କରି ଭାରତକୁ ଅଗ୍ରଣୀ କରାଇଥିଲେ । ହେଲେ ଦ୍ୱିତୀୟାର୍ଦ୍ଧରେ ଅତିରିକ୍ତ ସମୟରେ ଅନୱର ଅଲ୍ଲୀଙ୍କ ଆତ୍ମଘାତୀ ଗୋଲ୍ର ପରିଣାମ ଭାରତକୁ ଭୋଗିବାକୁ ପଡ଼ିଛି । ମ୍ୟାଚ୍ ସମୟରେ ଭାରତ ଏବଂ କୁଏତ ଖେଳାଳିଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା । ଏପରିକି ଦୁଇ ଦେଶର ଖେଳାଳିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ଉପୁଜିଥିଲା । ଏହି ଘଟଣା ମ୍ୟାଚ୍ର ୮୮ ତମ ମିନିଟ୍ରେ ଦେଖିବାକୁ ମିଳିଛି । ଏହି ଲଢେଇ ସେହି ସମୟରେ ଆରମ୍ଭ ହେଲା ଯେତେବେଳେ କୁଏତର ହମାଦ ଅଲକଲ୍ଲାଫ ଭାରତୀୟ ମିଡ୍ ଫିଲ୍ଡର ସହଲ ସମଦଙ୍କୁ ଧକ୍କା ଦେଇ ତଳେ ପକାଇଥିଲେ । ଏହା ପରେ ଭାରତର ରହିମ ଅଲ୍ଲୀ ଅଲକଲ୍ଲାଫଙ୍କୁ ଧକ୍କା ଦେଇଥିଲେ ଏବଂ ଦୁଇ ଦେଶର ଖେଳାଳିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ଉପୁଜିଥିଲା । ସ୍ଥିତି ବିଗିଡ଼ିବାରେ ଲାଗିଥିଲା, ହେଲେ ରେଫରୀ ଏବଂ ମ୍ୟାଚ୍ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ପରିସ୍ଥିତି ଶାନ୍ତ କରିଥିଲେ । ଭାରତ ଏବଂ କୁଏତ ଉଭୟ ୭ ପଏଣ୍ଟ ପାଇଥିଲେ ହେଁ ଉନ୍ନତ ଗୋଲ୍ ବ୍ୟବଧାନରେ କୁଏତ ଶୀର୍ଷରେ ରହିଛି । ସେମି ଫାଇନାଲ୍ରେ ଭାରତର ମୁକାବିଲା ଲେବାନନ ସହ ରହିଥିବା ବେଳେ କୁଏତ ବାଂଲାଦେଶ କିମ୍ବା ମାଳଦ୍ୱୀପକୁ ଭେଟିବ । ସେମି ଫାଇନାଲ୍ ପାଇଁ ପୂର୍ବରୁ କ୍ୱାଲିଫାଏ କରି ସାରିଥିବା ଭାରତ ଏବଂ କୁଏତ ଆଜିର ମ୍ୟାଚ୍ ?ରେ ପ୍ରଥମରୁ ଆକ୍ରମଣାତ୍ମକ ରଣନୀତି ଆପଣେଇଥିଲେ । ପୂରା ମ୍ୟାଚ୍ରେ ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା ।’

# ୨୦୨୩ ବିଶ୍ୱକପ୍ : ଭେନ୍ୟୁ ଚୟନକୁ ନେଇ ବିବାଦ

ମୁମ୍ବାଇ(ଏଜେନ୍ସୀ) : ୨୦୨୩ ବିଶ୍ୱକପ୍ପାଇଁ ଘୋଷଣା ହୋଇଛି କ୍ରୀଡାସୂଚୀ । ବିସିସିଆଇ ଏବଂ ଆଇସିସି ପକ୍ଷରୁ ମୁମ୍ବାଇରେ ଆୟୋଜିତ ସତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡାସୂଚୀ ଘୋଷଣା ହୋଇଛି । ୪୬ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ । ଅକ୍ଟୋବର ୫ରୁ ଆରମ୍ଭ ହୋଇ ନଭେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ ଏହି କ୍ରିକେଟ୍ ମହାକୁମ୍ଭ । ଅଭ୍ୟାସ ମ୍ୟାଚକୁ ମିଶାଇ ମୋଟ ୧୨ ଭେନ୍ୟୁରେ ଖେଳାଯିବ ବିଶ୍ୱକପ୍ । ଚଳିତ ବିଶ୍ୱକପ୍ରେ କିଛି ନୂଆ ଭେନ୍ୟୁ ସାମିଲ କରାଯାଇଥିବା ବେଳେ ଅନେକ ଷ୍ଟାଡିୟମ୍କୁ ବାଦ୍ ଦିଆଯାଇଛି । ଯାହାକୁ ନେଇ ବିବାଦ ଦେଖାଯାଇଛି । ୨୦୨୩ ଦିନିକିଆ ବିଶ୍ୱକପରେ ମୋଟ ୧୨ଟି ଭେନ୍ୟୁ ରହିଛି ।ଏଥିରେ ହାଇଦ୍ରାବାଦ୍, ଅହମ୍ମଦାବାଦ, ଧର୍ମଶାଳା, ଦିଲ୍ଲୀ, ଚେନ୍ନାଇ, ଲକ୍ଷ୍ନୌ, ପୁଣେ, ବେଙ୍ଗାଲୁରୁ, ମୁମ୍ବାଇ, କୋଲକାତା ରହିଛି । ଗୌହାଟୀ ଏବଂ ଥିରୁଅନନ୍ତପୁରମ୍ରେ ୨୯ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ଅଭ୍ୟାସ୍ ମ୍ୟାଚ୍ ଖେଳାଯିବ ।ତେବେ ମୋହାଲି, ନାଗପୁର, ରାଞ୍ଚି, ରାଜ୍କୋଟ, ଇନ୍ଦୋର ପରି ହାଇପ୍ରୋଫାଇଲ୍ କ୍ରିକେଟ୍ ଷ୍ଟାଡିୟମ୍କୁ ବିଶ୍ୱକପ୍ର ଗୋଟିଏ ହେଲେ ମ୍ୟାଚ୍ର ଆୟୋଜନ ମିଳିନାହିଁ ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583